

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୮ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 08 MAY 2023
Vol.No. 34 ■ No. 120 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସର୍ଚ୍ଚ ଅପରେସନରେ ଧରା ପଡ଼ିଲେ ୭ ମାଓବାଦୀ

ମାଲକାନଗିରି, ୦୭/୦୫ (ନି.ପ୍ର): କିଛି ଦିନ ପୂର୍ବରୁ ମାଲକାନଗିରି ଛତିଶଗଡ ସୀମାନ୍ତ ଦାନ୍ତେୱାଡା ଜିଲ୍ଲାର ଅରନପୁର ରାସ୍ତାରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ପ୍ରାଣ ହରାଇଥିବା ୧୦ ଡିଆରଜି ଜବାନ ଓ ଜଣେ ଡ୍ରାଇବାରଙ୍କ ଘଟଣାରେ ପୋଲିସକୁ ମିଳିଛି ବଡ ସଫଳତା । ସର୍ଚ୍ଚ ଅପରେସନ ସମୟରେ ଧରା ପଡିଛନ୍ତି ୭ ମାଓବାଦୀ । ସମସ୍ତ ମାଓବାଦୀ ଦରଭା ମାଓ ଡିଭିଜନର ମାଲେଙ୍ଗାରି ଏରିଆ କମିଟିର ମିଲିସିଆ ସଦସ୍ୟ ହୋଇଥିବା ବେଳେ ଗିରଫ ମାଓବାଦୀଙ୍କ ମଧ୍ୟରେ ତିନି ଜଣ ନାବାଳକ ରହିଥିବା ଜଣାପଡିଛି। ୩ ଜଣ ନାବାଳକଙ୍କୁ ସ୍ୱଧାରଗୃହ କୁ ପଠା ଯାଇଥିବା ବେଳେ ଅନ୍ୟ ୪ ଜଣ ମାଓବାଦୀଙ୍କୁ କୋର୍ଟରେ ହାଜର କରାଯାଇଛି।

# ଇତିହାସ ରଚିବ ଆସନ୍ତାବର୍ଷ ସାଧାରଣତନ୍ତ୍ର ଦିବସ

## ପରେଡରେ କେବଳ ମହିଳା କରିବେ ଅଂଶଗ୍ରହଣ



ନୂଆଦିଲ୍ଲୀ,୦୭/୦୫ : ଚଳିତବର୍ଷ ଗଣତନ୍ତ୍ର ଦିବସରେ ଏକ ନୂଆ ଇତିହାସ ରଚିବାକୁ ଯାଉଛି ଦେଶ। ସୂଚନା ମୁତାବକ ୨୦୨୪ ଜାନୁଆରୀ ୨୬ ତାରିଖରେ ଦିଲ୍ଲୀର କର୍ତ୍ତବ୍ୟ ପଥରେ ହେବାକୁ ଥିବା ପରେଡରେ କେବଳ ମହିଳାମାନେ ଅଂଶ ଗ୍ରହଣ କରିବେ । ପରେଡ, ମାର୍ଚିଂ, ମେଢ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କେବଳ ମହିଳାମାନେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି । ରକ୍ଷାମନ୍ତ୍ରଣାଳୟ ତରଫରୁ ଏନେଇ ଏକ ପ୍ରସ୍ତାବରେ କୁହାଯାଇଛି କି ବିସ୍ତୁତ ବିଚାର ବିମର୍ଷ ପରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ପରେଡରେ ମାର୍ଚିଂ, ବ୍ୟାଣ୍ଡ ପରେଡ ଓ ମେଢ ପ୍ରଦର୍ଶନରେ କେବଳ ମହିଳାମାନେ ଅଂଶଗ୍ରହଣ କରିବେ। ଏନେଇ ରକ୍ଷାମନ୍ତ୍ରଣାଳୟ ତରଫରୁ ଗୃହ, ସଂସ୍କୃତି ଓ ସହରୀ ବିକାଶ ମନ୍ତ୍ରଣାଳୟ ସମେତ ବିଭିନ୍ନ ମନ୍ତ୍ରଣାଳୟକୁ ସୂଚିତ କରାଯାଇଛି। ସେନା ସୂତ୍ର ତରଫରୁ ଏକ ଜାତୀୟ ଗଣମାଧ୍ୟମକୁ କୁହାଯାଇଛି କି, ଏନେଇ ସେମାନଙ୍କୁ ଚିଠି ମିଳିଛି । ଏହାସହ ଏହା ଉପରେ କିଭଳି ପ୍ରସ୍ତୁତ କରାଯିବ ସେନେଇ ସେନା ତରଫରୁ ପ୍ରସ୍ତୁତ ଆରମ୍ଭ ହୋଇଛି ।

# ଆଜି ଲଘୁଚାପର ରୂପ ନେବ ଘୂର୍ଣ୍ଣିବଳୟ



ଭୁବନେଶ୍ୱର, ୦୭/୦୫ (ନି.ପ୍ର): ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ମଧ୍ୟ ଭାଗ ଯାଏ ଲମ୍ବିଥିବା ବେଳେ ବର୍ତ୍ତମାନ ଏହା ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଓ ଦକ୍ଷିଣ ଆଣ୍ଡାମାନ ସମୁଦ୍ର ପାଶ୍ୱବର୍ତ୍ତୀ ଅଞ୍ଚଳରେ ରହିଛି । ଏହାର ପ୍ରଭାବରେ ୮ତାରିଖ ଅର୍ଥାତ୍ ଆସନ୍ତାକାଲି ଏକ ଲଘୁଚାପର ରୂପ ନେବ।୯ ତାରିଖ ବେଳକୁ ଅଧିକ ଘନୀଭୂତ ହୋଇ ଅବପାତର ପରିଣତ ହେବ। ପରେ ଏହା ଦକ୍ଷିଣପୂର୍ବ ବଙ୍ଗୋପସାଗରରୁ ଉତ୍ତର ଦିଗରେ ଗତି କରି କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳକୁ ଯିବ। ପରବର୍ତ୍ତୀ ସମୟରେ ସାମୁଦ୍ରିକ ଝଡର ରୂପ ବା ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି। ତେବେ ଏହା ବାତ୍ୟାର ରୂପ ନେବ କି ନାହିଁ ଗତିପଥ କ'ଣ ହେବ ଲଘୁଚାପ ହେଲା ପରେ ଜଣାପଡିବ ବୋଲି ବିଭାଗ ସୂଚନା ଦେଇଛି। ଓଡିଶା ଉପରେ ଏହାର ପ୍ରଭାବ ରହିବ କି ନାହିଁ ପରବର୍ତ୍ତୀ ସମୟରେ ସ୍ପଷ୍ଟ ହେବ କହିଛି ଆଞ୍ଚଳିକ ପାଣିପାଗ ବିଭାଗ। ସେପଟେ ଯେତେବେଳେ ୮ ତାରିଖ ଠାରୁ ଏହା ଲଘୁଚାପର କ୍ଷେତ୍ର ସୃଷ୍ଟି ହେବ ସେତେବେଳେ ୪୦ ରୁ ୬୦ କିମି ପବନ ବହିବାର ସମ୍ଭାବନା ଥିବା ବେଳେ ସମୁଦ୍ର ଅଶାନ୍ତ ରହିବ। ଯୋଉଟା କି ଦକ୍ଷିଣ ,ପଶ୍ଚିମ ବଙ୍ଗୋପସାଗର ଓ ଦକ୍ଷିଣ ଆଣ୍ଡାମାନ ଅଂଚଳରେ ଏହାର ପ୍ରଭାବ ରହିବ।ଏହାକୁ ନେଇ ମତ୍ସ୍ୟଜୀବିଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ପରେ ଏହା ଯେତେବେଳେ ଉତ୍ତର ଆଣ୍ଡାମାନ ଆଡକୁ ଗତି କରିବା ସେତେବେଳେ ୮ ରୁ ୧୨ ତାରିଖ ▶▶ପୃଷ୍ଠା ୭

## ଝାରସୁଗୁଡ଼ା ଉପନିର୍ବାଚନ

# ରାଜ୍ୟରେ ଚାଲିଛି କଳାପାହାଡ଼ ଶାସନ: ଧର୍ମେନ୍ଦ୍ର



ଝାରସୁଗୁଡା, ୦୭/୦୫ (ନି.ପ୍ର): ଓଡ଼ିଶାରେ ଶାସନ ଚଳାଉଛି କିଏ ? ରାଜ୍ୟରେ କଳାପାହାଡ଼ ଶାସନ ଚାଲିଛି । ଓଡିଶାକୁ ଭୂଲୁଣ୍ଠନ କରିବାକୁ କଳାପାହାଡମାନେ ଶାସନରେ ବସିଛନ୍ତି । ଝାରସୁଗୁଡା କୋଲାବିରା ନିର୍ବାଚନୀ ମଞ୍ଚରୁ ରାଜ୍ୟ ସରକାରଙ୍କୁ ଏମିତି କଡ଼ା ଭାଷାରେ ଟାର୍ଗେଟ୍ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନିର୍ବାଚନୀ ସଭାରେ ଉଦବୋଧନ ଦେଇ ଧର୍ମେନ୍ଦ୍ର କହିଛନ୍ତି ଭଲ ପରିସ୍ଥିତିରେ ନିର୍ବାଚନ ହେଉନି । ଦୀପାଳି ଆଉ ବିଶାଲ ପ୍ରତି ମୋର ସ୍ନେହ ଅଛି । ହେଲେ ରାଜ୍ୟ ସରକାରଙ୍କୁ ଉତ୍ତର ଦେବାକୁ ପଡିବ । କଳାପାହାଡ଼ମାନଙ୍କୁ ଉତ୍ତର ଦେବାକୁ ପଡ଼ିବ । ମୁଖ୍ୟମନ୍ତ୍ରୀ ଝାରସୁଗୁଡା ଆସିବେ ଉତ୍ତର ରଖିବେ । ନବ ଦାସଙ୍କ ହତ୍ୟାର କାରଣ କଣ ? ଓଡ଼ିଶା କାହାର ଜାଗିର ନୁହେଁ । କଳାପାହାଡ଼, ଇଷ୍ଟ ଇଣ୍ଡିଆ କଂପାନୀର ବି ରହିନି । କ୍ୟାବିନେଟ ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ସୁଯୋଗ ନାହିଁ । ବିଧାୟକ, ମୁଖ୍ୟ ଶାସନ ସଚିବ, ଡିଜି ବି ଭେଟି ପାରୁନାହାନ୍ତି । ଏଠି ଶାସନ କିଏ କରୁଛି ବୋଲି ପ୍ରଶ୍ନ କରିଛନ୍ତି ଧର୍ମେନ୍ଦ୍ର । ଏଠି କଳାପାହାଡ଼ ଶାସନ ଚଳାଉଛନ୍ତି । ଓଡିଶାକୁ ଭୂଲୁଣ୍ଠିତ କରିବାକୁ କଳାପାହାଡି ଶାସନ ଚାଲିଛି । ଗୁଡ୍ଡୁ ମୁସିଲିମ୍ ଆଉ ରାଜା ଖାନର ପୃଷ୍ଠ ପୋଷକତା ବିଜେଡି ମୁଖିଆ ନେତାମାନେ କରୁଥିଲେ । ସମ୍ବଲପୁରକୁ ପାକିସ୍ତାନ ହେବାକୁ ଦିଆଯିବନି । ମଂଗଳବଜାର ମାଇନରିଟି କମ୍ୟୁନିଟି ଅଞ୍ଚଳରେ ବିଜେପି ପ୍ରାର୍ଥୀ ଟଙ୍କଧରଙ୍କୁ ଯେଉଁ ବିରୋଧ ହେଲା ଏବଂ ଷଡ଼ଯନ୍ତ୍ର ହେଲା ତାର ଲିଙ୍କ ଗୁଡ୍ଡୁ ମୁସିଲିମ୍ ସହ ଅଛି । ଏହାସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଝାରସୁଗୁଡାକୁ ନ୍ୟାୟ ଦେବା ପର୍ଯ୍ୟନ୍ତ ବିଜେପିର ଲଢେଇ ଜାରି ରହିବ ।

▶▶ପୃଷ୍ଠା ୭

# ଏଥର ଡବଲ ଇଞ୍ଜିନ ଚୋରି ହୋଇଯାଇଛି: ରାହୁଲ ଗାନ୍ଧୀ



ବେଙ୍ଗାଲୁରୁ,୦୭/୦୫ : ଆସନ୍ତା ମେ ୧୦ ରେ କର୍ଣ୍ଣାଟକରେ ବିଧାନସଭା ନିର୍ବାଚନ ପାଇଁ ଭୋଟଗ୍ରହଣ ହେବ । ଆଉ ଏହି ନିର୍ବାଚନ ପାଇଁ ଚାଲିଥିବା ପ୍ରଚାର ଅଭିଯାନ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଆସନ୍ତାକାଲିଠାରୁ ପ୍ରଚାର ଉପରେ କଟକଣା ଲାଗିବାକୁ ଥିବାବେଳେ ଏହାପୂର୍ବରୁ ସମସ୍ତ ରାଜନୈତିକ ଦଳ ଭୋଟରଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ନିଜର ଶକ୍ତି ପ୍ରଦର୍ଶନ କରୁଛନ୍ତି। ଏହି କ୍ରମରେ ପୂର୍ବତନ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଆଜି କର୍ଣ୍ଣାଟକରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବାବେଳେ ବିଜେପି ଉପରେ ଆକ୍ରମଣ କରିଥିଲେ। ସେ କହିଥିଲେ ଯେ "ଆମେ ଏଥିପାଇଁ ଭାରତ ଯୋଡ଼ ଯାତ୍ରା କରିଥିଲୁ, ଯାହାଦ୍ୱାରା ଆମେ ଭାରତ ଏବଂ କର୍ଣ୍ଣାଟକକୁ ଏକଜୁଟ କରିବାକୁ ଚାହୁଁଥିଲୁ, ଘୃଣାକୁ ଶେଷ କରିବାକୁ ଚାହୁଁଥିଲୁ।" ଏଥି ସହ ବିଜେପି ଉପରେ ଆକ୍ରମଣ କରି ସେ କହିଛନ୍ତି, "ଏଥର କର୍ଣ୍ଣାଟକରେ ଡବଲ ଇଞ୍ଜିନ ଚୋରି ହୋଇଯାଇଛି। କଣ୍ଟ୍ରାକ୍ଟର ଆସୋସିଏସନ ପ୍ରଧାନମନ୍ତ୍ରୀଙ୍କୁ ଏକ ଚିଠି ଲେଖି କହିଛନ୍ତି ଯେ ଏଠାରେ ସବୁ ସ୍ଥାନରେ ୪୦ ପ୍ରତିଶତ କମିଶନ ଚାଲିଛି। ମୁଖ୍ୟମନ୍ତ୍ରୀଙ୍କ ଚେୟାରକୁ ଅଢେଇ ହଜାର କୋଟିରେ କିଣାଯାଇପାରିବ'। ପ୍ରଧାନମନ୍ତ୍ରୀ ▶▶ପୃଷ୍ଠା ୭

# ଦୀପାଳିଙ୍କ ପାଇଁ ଭୋଟ୍ ମାଗିଲେ ମୁଖ୍ୟମନ୍ତ୍ରୀ

## ଦୀପାଳି ଏ ମାଟିର ଝିଅ , ଏ ମାଟିର ସେବା କରିବା ପାଇଁ ସୁଯୋଗ ଦିଅନ୍ତୁ : ନବୀନ



ଭୁବନେଶ୍ୱର, ୦୭/୦୫ (ନି.ପ୍ର): ନିର୍ବାଚନରେ ହାର ଜିତ୍ ରହିଛି। ତେଣୁ ନିର୍ବାଚନ ପ୍ରଚାର ସମୟରେ ଆମେ ସମସ୍ତେ ଯରମରଭମଜ୍ଞ ରକ୍ଷା କରିବା ଜରୁରୀ । ମହିଳା ମାନଙ୍କୁ, ଆମର ମା ମାନଙ୍କୁ, ଗାଳି ଦେବା, ଅସମ୍ମାନ କରିବା ଉଚିତ ନୁହେଁ । ପଦ୍ମପୁର ଉପ ନିର୍ବାଚନରେ ବିରୋଧୀ ଦଳ ବାପାଙ୍କୁ ହରାଇ ଥିବା ଗୋଟିଏ ଝିଅ ପ୍ରତି ଯେଭଳି ବ୍ୟବହାର କଲେ, ତାହା ଆପଣ ଜାଣନ୍ତି । ଦୁଃଖର କଥା, ଏଠାରେ ମଧ୍ୟ ସେମାନେ ଦୀପାଳିଙ୍କ ପ୍ରତି ସେହିଭଳି ବ୍ୟବହାର କରୁଛନ୍ତି । ଗାଳି ଦେଉଛନ୍ତି। ଏହା ମୋତେ ବହୁତ ଦୁଃଖ ଦେଇଛି । ଦୀପାଳି ଏ ମାଟିର ଝିଅ । ଏ ମାଟିର ସେବା କରିବା ପାଇଁ ଆପଣମାନେ ତାକୁ ସୁଯୋଗ ଦେବେ, ଏ ଭରସା ମୋର ଅଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଝାରସୁଗୁଡାରେ ନିର୍ବାଚନୀ ପ୍ରଚାର ଅବସରରେ ଏହା କହିଛନ୍ତି। ଝାରସୁଗୁଡା ଉପନିର୍ବାଚନ ପାଇଁ ଅମିଲିପାଲି ଠାରେ ଆୟୋଜିତ ନିର୍ବାଚନୀ ସଭାରେ ବିଜେଡି ପ୍ରାର୍ଥୀ ଦୀପାଳି ଦାସଙ୍କ ପାଇଁ ଭୋଟ୍ ଭିକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆପଣମାନେ ବିଜୁ ଜନତା ଦଳର ପ୍ରାର୍ଥୀ ଦୀପାଳି ଦାସଙ୍କୁ ଆଶୀର୍ବାଦ କରନ୍ତୁ । କାର୍ଯ୍ୟକ୍ରମ ଆରମ୍ଭରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନବ ଦାସ ଜଣେ ଲୋକପ୍ରିୟ ନେତା, ଦକ୍ଷ ବିଧାୟକ ଓ ମନ୍ତ୍ରୀ ଭାବରେ ସାରା ଓଡିଶାରେ ପରିଚିତ ଥିଲେ । ସେ ଆଜି ଆମ ଭିତରେ ନାହାନ୍ତି । ତାଙ୍କ କାମ ପାଇଁ ଝାରସୁଗୁଡାବାସୀ ସବୁବେଳେ ତାଙ୍କୁ ମନେ ରଖିବେ। ଆଜି ତାଙ୍କ ଦାୟିତ୍ୱ ନେବାପାଇଁ, ଆପଣମାନଙ୍କ ସେବା କରିବାପାଇଁ, ତାଙ୍କ ଝିଅ ଦୀପାଳି ଦାସ ଆଗେଇ ଆସିଛନ୍ତି ।

▶▶ପୃଷ୍ଠା ୭

## ୨୦ ଲକ୍ଷ ୮୭ ହଜାର ଛାତ୍ରଛାତ୍ରୀ ଦେଲେ ନିଟ୍ ପରୀକ୍ଷା

ଭୁବନେଶ୍ୱର: ରାଜଧାନୀ ଭୁବନେଶ୍ୱର ସମେତ ଦେଶର ଅନ୍ୟ ସ୍ଥାନରେ ମଧ ଆଜି ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍) ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା ଦିନ ୨ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ୨୦ରେ ଶେଷ ହୋଇଥିଲା। ସୂଚନାଯୋଗ୍ୟ, ଚଳିତବର୍ଷ ଦେଶର ୪୯୯ ସହରରେ ୨୦ଲକ୍ଷ ୮୭ ହଜାର ୪୪୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଓଡିଶାରୁ ପ୍ରତିବର୍ଷ ୩୦ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥାନ୍ତି। କିନ୍ତୁ ଚଳିତ ବର୍ଷ ଓଡିଶାରୁ ୫୬ ହଜାର ଛାତ୍ରଛାତ୍ରୀ ସେମାନଙ୍କର ନାମ ପଂଜୀକରଣ କରିଥିଲେ। ଭୁବନେଶ୍ୱର ସମେତ ମୋଟ ୨୭ଟି ସହରରେ ପରୀକ୍ଷା କେନ୍ଦ୍ରର ଆୟୋଜିତ ହୋଇଥିଲା।

▶▶ପୃଷ୍ଠା ୭

# କୁସ୍ତିଯୋଦ୍ଧାଙ୍କୁ ସମର୍ଥନ କରିବା ପାଇଁ ଯନ୍ତର ମନ୍ତରରେ ପହଞ୍ଚିଲେ ଚାଷୀ ନେତା ରାକେଶ ଟିକାୟତ



ନୂଆଦିଲ୍ଲୀ,୦୭/୦୫ : ଯନ୍ତର ମନ୍ତରରେ କୁସ୍ତିଯୋଦ୍ଧାଙ୍କ ଆନ୍ଦୋଳନ ଜାରି ରହିଛି। ଦ୍ୱିତୀୟ ପର୍ଯ୍ୟାୟର ଏହି ଆନ୍ଦୋଳନକୁ ରବିବାର ଦୁଇ ସପ୍ତାହ ପୂରିଛି। ହେଲେ ଏପର୍ଯ୍ୟନ୍ତ ଦୋଷୀକୁ ଦଣ୍ଡ ମିଳିନାହିଁ। କୁସ୍ତିଯୋଦ୍ଧା ଭାରତୀୟ କୁସ୍ତି ସଂଘ (ଡବଲ୍ୟୁଏଫ୍ଆଇ) ସଭାପତି ବ୍ରିଜଭୂଷଣ ଶରଣ ସିଂହଙ୍କ ବିରୋଧରେ ସଙ୍ଗୀନ ଆରୋପ ଆଣିବା ପରେ ପ୍ରଥମେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଏନେଇ କୁସ୍ତିଯୋଦ୍ଧାମାନେ କୋର୍ଟର ଦ୍ୱାରସ୍ଥ ହେବା ପରେ ବ୍ରିଜଭୂଷଣଙ୍କ ବିରୋଧରେ ଏତଲା ରୁଜୁ ହୋଇଥିଲେ ବି ତାଙ୍କୁ ଗିରଫ କରାଯାଇନାହିଁ। ୨ସପ୍ତାହ ହେଲାଣି କେହି ଦାବି ପୂରଣ କରୁନଥିବାରୁ ଆଜି କୁସ୍ତିଯୋଦ୍ଧାଙ୍କୁ ସମର୍ଥନ କରିବା ପାଇଁ ଯନ୍ତର ମନ୍ତରରେ ପହଞ୍ଚିଛନ୍ତି ଚାଷୀ ନେତା ରାକେଶ ଟିକାୟତ। କୃଷକ ସଂଗଠନ ଏବଂ ଖାପ ପଞ୍ଚାୟତ ଖୋଲାଖୋଲି ଭାବରେ କୁସ୍ତିଯୋଦ୍ଧାଙ୍କୁ ସମର୍ଥନ କରିବାକୁ ଯନ୍ତର ମନ୍ତରରେ ପହଞ୍ଚି ସାରିଛନ୍ତି। ତେବେ କୁସ୍ତିଯୋଦ୍ଧାଙ୍କୁ ସମର୍ଥନ କରିବା ସହ ମୋଦୀ ସରକାରଙ୍କ ଟାର୍ଗେଟ କରିଛନ୍ତି ରାକେଶ ଟିକାୟତ। ସେ କହିଛନ୍ତି ଯେ, " ଏହି ପ୍ରସଙ୍ଗରେ ମୋଦୀ ସରକାରଙ୍କୁ କାହିଁକି ସମାଲୋଚନା କରାଯାଉ ନାହିଁ ? ରାହୁଲ ଗାନ୍ଧୀଙ୍କୁ ଏହି ପ୍ରସଙ୍ଗରେ ସମାଲୋଚନା କରାଯିବା ଉଚିତ କି ? ଅତୀତରେ ଯୌନ ଉତ୍ପୀଡନ ଅଭିଯୋଗ ଲାଗିଥିବା ବ୍ୟକ୍ତିଙ୍କୁ ଦିଲ୍ଲୀ ପୁଲିସ ଗିରଫ କରି ନାହିଁ କି ? ଯଦି ନୁହେଁ, ତେବେ ବ୍ରିଜଭୂଷଣଙ୍କୁ ଗିରଫ କର ନାହିଁ। ଯଦି ହଁ, ତେବେ ତାଙ୍କୁ ଗିରଫ କରାଯାଉ।

## ମେ' ତୃତୀୟ ସପ୍ତାହରେ ମାଟ୍ରିକ୍ ରେଜଲ୍ଟ ଓ ମାସ ଶେଷ ସୁଦ୍ଧା ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟର ଫଳ

ଭୁବନେଶ୍ୱର , ୦୭/୦୫ (ନି.ପ୍ର): ମେ' ତୃତୀୟ ସପ୍ତାହରେ ମାଟ୍ରିକ୍ ରେଜଲ୍ଟ । ଏନେଇ ସୂଚନା ଦେଲେ ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ସମୀର ଦାଶ। ଖୁବ୍ ଶୀଘ୍ର ହେବ ତାରିଖ ଘୋଷଣା। ଏହା ସହ ମେ' ଶେଷ ସପ୍ତାହ ସୁଦ୍ଧା ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟର ଫଳ ପ୍ରକାଶ ପାଇବ । ତେବେ ଯଦିଓ ତାରିଖ ନିର୍ଦ୍ଧାରିତ ହୋଇନାହିଁ । କିନ୍ତୁ ଖୁବ ଶୀଘ୍ର ତାରିଖ ଘୋଷଣା କରାଯିବ। ଏପଟେ ଖାତା ଦେଖା ମଧ୍ୟ ଚାଲିଛି । ନିର୍ଦ୍ଧାରିତ ସମୟ ସୀମା ଭିତରେ ଏହା ସରିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଏଥର ମୂଲ୍ୟାୟନ କାର୍ଯ୍ୟରେ ୧୩ ହଜାର ଶିକ୍ଷକ, କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା । ଏଥିମଧ୍ୟରୁ ପ୍ରାୟ ୧୨ ହଜାର ୪ ଶହ ଶିକ୍ଷକ ଖାତା ଦେଖୁଥିଲେ । ମାଟ୍ରିକ୍ ରେଗୁଲାର, ଏକ୍ସରେଗୁଲାର ସହ ଏସ୍ଓଏସ୍ସି ଓ ସଂସ୍କୃତ ମଧ୍ୟମା ପରୀକ୍ଷା ମିଶି ରାଜ୍ୟରେ ୫ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ୩ ହଜାର ୨୧୮ଟି ସେଣ୍ଟରରେ ଏଥର ପରୀକ୍ଷା ଦେଇଛନ୍ତି ।

## ଚାକିରି କରାଇବା ନାଁରେ କୋଟିଏରୁ ଅଧିକ ଟଙ୍କା ଠକେଇ ଅଭିଯୋଗରେ ଜଣେ ଗିରଫ



ଭୁବନେଶ୍ୱର, ୦୭/୦୫ (ନି.ପ୍ର): ଏସଟିଏଫ୍ ହାତରେ ଧରାପଡ଼ିଛି ଏକ ବଡ଼ ଠକ। ନିଜକୁ ଜଣେ ଭିଜିଲାନ୍ସ ଏସପି ବୋଲି ପରିଚୟ ଦେଇ ସେ ଜଣେ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କୁ ୧ କୋଟି ଟଙ୍କା ମାଗୁଥିବାର ଅଭିଯୋଗ ଆସିବା ପରେ ସେ ଧରାପଡ଼ିଥିବା ଜଣାଯାଇଛି। ଉକ୍ତ ଯୁବକଙ୍କ ନାଆଁ ହେଲୋ ମନୋଜ ମାଝୀ। ତାଙ୍କ ଘର ପୁରୀ ଜିଲ୍ଲା କୃଷ୍ଣପ୍ରସାଦରେ। ଏହାଛଡ଼ା ଚାକିରି କରାଇବା ନାଁରେ ମନୋଜ ମାଝୀ ବି କୋଟିଏରୁ ଅଧିକ ଟଙ୍କା ଠକିଥିବାର ଅଭିଯୋଗ ହୋଇଛି। ଆଜି ଏସଟିଏଫ୍ ତାଙ୍କୁ କୃଷ୍ଣପ୍ରସାଦରୁ ଗିରଫ କରିଛି ଏସଟିଏଫ। ସେ ପୁରୀ, ଖୋର୍ଦ୍ଧା ଓ କଟକର ବହୁ ପିଲାଙ୍କଠାରୁ ଠକିଥିବା ଅଭିଯୋଗ ହୋଇଛି । ମନୋଜ ମାଝୀଙ୍କ ଘରୁ ପିଲାଙ୍କ ନକଲି ଆଇକାର୍ଡ ଓ ନକଲି ନିଯୁକ୍ତିପତ୍ର ଜବତ ହୋଇଛି। ଗିରଫ ହେବା ପରେ ମନୋଜ ମାଝୀ ସ୍ୱୀକାର କରିଛନ୍ତି ଯେ ସେ ନିଜକୁ ଜଣେ ଭିଜିଲାନ୍ସ ଏସପି ବୋଲି ପରିଚୟ ଦେଇ କେତେକ ସରକାରୀ ଅଧିକାରୀ ଓ ଠିକାଦାରଙ୍କୁ ବି ଠକିଛନ୍ତି। ମନୋଜ ମାଝୀ ଜଣେ ଉଚ୍ଚଶିକ୍ଷିତ ବୋଲି ଜଣାଯାଇଛି। ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସହ ସେଠାରୁ ପିଏଚଡି ଡିଗ୍ରି ମଧ ହାସଲ କରିଛନ୍ତି।

# କଳାପଥରର କଳା କାରନାମା: ଭିଜିଲାନ୍ସ ରିପୋର୍ଟକୁ ନେଇ ପ୍ରଶାସନ ଅଡୁଆରେ



ଯାଜପୁର , ୦୭/୦୫ (ନି.ପ୍ର): ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲର କଳାପଥର କେଳେଙ୍କାରୀକୁ ନେଇ ଜିଲ୍ଲା ପ୍ରଶାସନ ଅଡୁଆ ବଢ଼ିଛି । ଏଠାରେ କଳାପଥର ଖନନରେ କିପରି ହରିଲୁଟ୍ ହୋଇଛି ଓ ରାଜସ୍ୱ ବିଭାଗ ଅଧିକାରୀ କିପରି ମାଫିଆଙ୍କୁ ସହଯୋଗ କରି ଆସୁଛନ୍ତି ତାହା ଆଉ ଅଛପା ହୋଇ ରହିନାହିଁ । ଭିଜିଲାନ୍ସର ତଦନ୍ତ ରିପୋର୍ଟ ଲୋକାୟୁକ୍ତରେ ଦାଖଲ ହେବା ପରେ ରାଜ୍ୟର ଏକ ବଡ଼ କେଳେଙ୍କାରୀର ଗୁମର ଖୋଲିଛି । ବିଛାଖଣ୍ଡି ପାହାଡ଼ରେ ୮ଜଣ ଲିଜଧାରୀଙ୍କ ଅଧୀନରେ ଥିବା ୧୨ଟି ସୈରାତରୁ ୧୨କୋଟିରୁ ଅଧିକ ଟଙ୍କାର କଳାପଥର ଚୋରା ଚାଲାଣ ହୋଇଛି ବୋଲି ମାପଚୁପରୁ ଜଣାପଡ଼ିଥିବା କୁହାଯାଉଛି । ଅପରପକ୍ଷରେ ୪ଟି ଅଣଲିଜ୍ ଖାଦାନରୁ ପ୍ରାୟ ୧୯୫କୋଟି ଟଙ୍କାର କଳାପଥର ଲୁଟ୍ ହୋଇଛି । ଏହି ୪ଟି ଖାଦାନକୁ ଲୁଟ୍ କରିଛି କିଏ ? ବର୍ଷ ବର୍ଷ ଧରି ଏହି ଅଣଲିଜ୍ ଖାଦାନରୁ ଲୁଟ୍ ବେଳେ ପ୍ରଶାସନ ନିରବ ସମର୍ଥନ ଦେଉଥିଲା କାହିଁକି ? ରାଜସ୍ୱ, ପୁଲିସ, ଜଙ୍ଗଲ, ପରିବେଶ, ପରିବହନ ଓ ଖଣି ବିଭାଗକୁ ନେଇ ସୃଷ୍ଟି ହୋଇଥିବା ସ୍କ୍ୱାଡ୍ କରୁଥିଲେ କଣ ? ବର୍ତ୍ତମାନ ଏହି ୧୯୫ କୋଟି ଟଙ୍କା କାହାଠାରୁ ଆଦାୟ ହେବ ତାହା ଏକ ବଡ଼ପ୍ରଶ୍ନ । ଲୋକାୟୁକ୍ତରେ ଦାଖଲ ହୋଇଥିବା ତଦନ୍ତ ରିପୋର୍ଟ ଅନୁଯାୟୀ ଲିଜ୍ ଦିଆଯାଇ ନଥିବା ୪ଟି କଳାପଥର ସୈରାତ ମଧ୍ୟରୁ ସୈରାତ ନମ୍ବର ୧୮/୨୦୧୬-୧୭ ରୁ ୧୪୮୩୧୨ ଘନମିଟର ପଥର ଚୋରି ହୋଇଛି । କଳାପଥର ରୟାଲଟି ପ୍ରତି ଘନମିଟର କୁ ୧୩୦ ଟଙ୍କା ହିସାବରେ ଏହି ଖାଦାନରୁ ଚୋରି ହୋଇଥିବା କଳାପଥର ବାବଦରେ ସରକାର ୧୯କୋଟି ୨୮ଲକ୍ଷ ୬ହଜାର ୭୩୧ଟଙ୍କା ରୟାଲଟି ହରାଇଛନ୍ତି । ସେହିପରି ଖାଦାନ ନମ୍ବର ବିଏସକ୍ୟୁ-୬(୧/୨୦୧୮-୧୯)ରୁ ୩୭୩୧୨୯୮ଘନମିଟର କଳାପଥର ଚୋରି ବାବଦକୁ ୪୮କୋଟି ୫୦ଲକ୍ଷ ୬୮ହଜାର ୭୬୬ଟଙ୍କା, ବିଏସ୍କ୍ୟୁ-୧୧(୨/୨୦୧୬-୧୭) ରୁ ୯୨୯୧୨୫୮ ଘନମିଟର କଳାପଥର ବାବଦକୁ ୧୨୦କୋଟି ୭୮ଲକ୍ଷ ୬୩ହଜାର ୫୫୩ଟଙ୍କା ଓ ସେ ?ରାତ ନମ୍ବର ବିଏସ୍ ?କ୍ୟୁ-୨୧(୨/୨୦୧୮-୧୯) ରୁ ୪୯୧୪୭୦ ଘନମିଟର ପଥର ଚୋରି ବାବଦରେ ୬କୋଟି ୩୮ଲକ୍ଷ ୯୧ହଜାର ୨୧୭ଟଙ୍କା ସରକାର ରାଜସ୍ୱ ହରାଇଛନ୍ତି । କେବଳ ଏହି ୪ଟି ସୈରାତରୁ ଚୋରି ହୋଇଥିବା କଳାପଥର ବାବଦକୁ ସରକାର ମୋଟ ୧୯୪କୋଟି ୯୬ଲକ୍ଷ ୩୦ହଜାର ୨୬୭ଟଙ୍କା ହରାଇଛନ୍ତି ବୋଲି ଭିଜିଲାନ୍ସ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି । ଧର୍ମଶାଳା ତହସିଲ ଅଧୀନରେ ଥିବା ରାହାଡ଼ପୁର, ଡଙ୍କାରୀ, ଲୁଣିବର, ବରଡ଼ା, ବାଜବାଟି, ବାଘୁଆ, ଅଞ୍ଜିରା, ଆରୁହା ଆଦି ସମସ୍ତ ପାହାଡ଼ର ଶତାଧିକ ଅଣଲିଜ୍ ଖାଦାନରୁ କେତେ କୋଟି ଟଙ୍କାର କଳାପଥର ଲୁଟ୍ ହୋଇଛି ସେ ସଂପର୍କରେ ତଦନ୍ତର ଆବଶ୍ୟକତା ରହିଛି । କଳାପଥରର କଳା କାରନାମାରେ ଜଡ଼ିତ ମାଫିଆ,ରାଜନେତା ଓ ସରକାରୀ ଅଧିକାରୀଙ୍କ ସଂପର୍କରେ ଖୋଳତାଡ଼ ହେଲେ କାହା ଭାଗରେ କେତେ ପଡ଼ିଛି ପଦାକୁ ଆସିବ ବୋଲି ଦାବି ଉଠୁଛି ।

# ୯ ତାରିଖରେ କୋରାପୁଟ ଜିଲା ବନ୍ଦ ନେଇ ପ୍ରସ୍ତୁତି ବୈଠକ

ଜୟପୁର, ୦୭/୦୫ (ନି.ପ୍ର): ଆସନ୍ତା ୯ ତାରିଖରେ କୋରାପୁଟ ଜିଲା ବନ୍ଦ କରିବ କଂଗ୍ରେସ । ଏନେଇ ଜୟପୁର ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତି ଙ୍କ ଆହ୍ୱାନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଉପସ୍ଥିତ ଥିଲେ । ଗତ ୨୯ ତାରଖରେ କଂଗ୍ରେସ ତରଫରୁ ଧାରଣା ବିକ୍ଷୋଭ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି । ଦାବି ପୁରଣ ନହେଲେ ଜିଲା ବନ୍ଦ ନେଇ ଚେତାବନି ଦିଆଯାଇଥିଲା। ଏହି ଦାବିକୁ ରାଜ୍ୟ ଓ କେନ୍ଦ୍ର ସରକାର ପୁରଣ କରିନଥିବାରୁ ଆସନ୍ତା ୯ ତାରିଖ ସକାଳ ୬ ଘଂଟା ଠାରୁ ସଂନ୍ଧ୍ୟା ୬ ଟା ଯାଏ ଜିଲା କୁ ବନ୍ଦ କରିବାକୁ ନିଷ୍ପତି ହୋଇଛି । ୧୨ ଘଂଟା ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ, ଚକ, ଅଖ ବନ୍ଦ ରହିବା ନେଇ ନିଷ୍ପତି ହୋଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋରାପୁଟ ଜିଲାର ଖଣି, ପାଣି, ବିଦ୍ୟୁତ, ଯୋଗାଣରୁ ହଜାର ହଜାର କୋଟି ଟଙ୍କା ରାଜସ୍ୱ ପାଇ ସୁଦ୍ଧା ବର୍ଷ ବର୍ଷ କୋରାପୁଟିଆ ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅନ୍ୟାୟ ଓ ଅବହେଳା କରି ଆସୁଛନ୍ତି । ଏନେଇ ୬ ଦଫା ଦାବୀ ନେଇ କୋରାପୁଟ ଜିଲା ବନ୍ଦ ଡାକରା ଦିଆଯାଇଛି । କୋରାପୁଟ ଜିଲାର ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଜ ଜିଲାରେ ନିଯୁକ୍ତି ସୁଯୋଗ ଦେବା ,କୋରାପୁଟ ଜିଲାର ସିଟି, ବିଇଡି ଏବଂ ଡିଆଇଇଟି ତାଲିମ ପ୍ରାପ୍ତ ଯୁବକ ଯୁବତୀ ମାନଙ୍କୁ ଆଗ୍ରାଧିକାର ଭିତିରେ କୋରାପୁଟ ଜିଲାରେ ଶିକ୍ଷକ/ ଶିକ୍ଷୟତ୍ରୀ ନିଯୁକ୍ତି ଦିଆଯାଉ, କୋରାପୁଟ ଜିଲାରେ ବିଭିନ୍ନ ବିଭାଗରେ ଖାଲି ପଡିଥିବା ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଗୁଡିକରେ ସ୍ଥାନୀୟ ନିଯୁକ୍ତି ଦିଆଯାଉ, ଏହି ଜିଲାର ତାଲିମ ପ୍ରାପ୍ତ ଏଏନଏମ ଏବଂ ବିଏସି ନର୍ସିଂ ପ୍ରାର୍ଥି ମାନଙ୍କୁ ଆଗ୍ରାଧିକାରି ଭିତିରେ ନିଯୁକ୍ତି ଦିଆଯାଉ, କୋରାପୁଟ ଠାରେ ଥିବା ବିଇଡି କଲେଜରେ ଦିର୍ଘ ତିନି ବର୍ଷ ହେଲା ବିଭିନ୍ନ ଅଧାପକ ପଦବୀ ଖାଲି ରହିଛି ଏବଂ ପିଲାଙ୍କ ପ୍ରବେଶ ବନ୍ଦ ରହିଛି । ଫଳରେ ଜିଲାର ଛାତ୍ର ଛାତ୍ରୀ ମାନେ ତାଲିମ ପାଇ ଅନ୍ୟ ରାଜ୍ୟକୁ ଯାଇ ବିଭିନ୍ନ ଠକାମିର ଶୀକାର ହେଉଛନ୍ତି, ତେଣୁ ତୁରନ୍ତ ବନ୍ଦ ହୋଇ ରହିଥିବା ବିଇଡି କଲେଜକୁ ଶହେ ସିଟ ବିଶିଷ୍ଟ କରି ଖୋଲାଯାଉ, ଜୟପୁର ଠାରେ କେନ୍ଦ୍ରୀୟ ଡ୍ରାଇଭିଙ୍ଗ ତାଲିମ ଗବେଷଣା କେନ୍ଦ୍ର ପ୍ରତିଷ୍ଠା, ଜୟପୁର ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଆଦି ଦାବି ରହିଛି । ଏହି ପ୍ରସ୍ତୁତି ବୈଠକରେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବୁଲୁ ସାହୁ, ରାମ ପାଢୀ, କୋଟପାଡ ଏନଏଏସି ଅଧକ୍ଷ ଶଙ୍କର ରାଓ ସମେତ ଜିଲାର ବ୍ଲକ ସଭାପତି, ନେତା ଓ କର୍ମି ମାନେ ଉପସ୍ଥିତ ଥିଲେ ।

## କଂଗ୍ରେସର ବନ୍ଦ ଡାକରାକୁ ସିପିଆଇ ସମର୍ଥନ

ଜୟପୁର, ୦୭/୦୫ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲା ପରିଷଦ ତରଫରୁ ଆସନ୍ତା ୯ ତାରିଖରେ କଂଗ୍ରେସ ଦେଇଥିବା ବନ୍ଦ ଡାକରାକୁ ସମର୍ଥନ କରି ଥିବା ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି । ଏହି ବନ୍ଦ ଡାକାରେ ସିପିଆଇ କୋଟିଆରେ ଆନ୍ଧ୍ର ପ୍ରଦେଶର ନେତା, ମନ୍ତ୍ରୀ ଅନୁପ୍ରବେଶକାରି କାୟା ବିସ୍ତାର କରୁଛନ୍ତି । ଜୟପୁର ଠାରେ କୁସ୍ତି ଯୋଦ୍ଧା ପାଇଁ ସେଂଟର କରିବାର ଆବଶ୍ୟକତା ରହିଛି । କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବା, ଡ୍ରାଇଭିଂ ଟ୍ରେନିଂ ସେଂଟର ଖୋଲିବା ସହ, ଆରଟିଓ ବିଭାଗର ଶାଖା କାର୍ଯ୍ୟାଳୟ ଜୟପୁର ଠାରେ ଖୋଲି ଡ୍ରାଇଭିଂ ଲାଇସେନସ ଏବଂ ମାଲିକଙ୍କ ନାମ ପରିବର୍ତନ ପାଇଁ ବ୍ୟବସ୍ଥା କରିବା, ଜୟପୁର କାଗଜ କଳକୁ ପୁନଃ କାର୍ଯ୍ୟକ୍ଷମ କରିବା ସହ ନିୟମିତ କରଖାନା ଚାଲୁ କରିବା ଏବଂ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ପ୍ରତି ମାସରେ ପୁରା ଦରମା ଦେବା । ୩୨ ଜଣ ଶ୍ରମିକ ମୃତ୍ୟୁ ବରଣ କଲେଣି, ତାଙ୍କ ପରିବାରକୁ କ୍ଷତି ପୁରଣ, ପି.ଏଫ, ଇ.ଏସ,ଆଇ, ଗ୍ରାଚ୍ୟୁଇଟି, ବକେୟା ପାଉଣା ଇତ୍ୟାଦି ପ୍ରଦାନ କରିବା ଦାବିରେ ରାଜ ରାସ୍ତାରେ ବିକ୍ଷୋଭ କରିବ ବୋଲି ଜିଲା ସମ୍ପାଦକ ରାଉଳ ସୂଚନା ଦେଇଛନ୍ତି ।

## ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୦୭/୦୫ (ନି.ପ୍ର): ଚୋରି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ବ୍ଲକ କଲୋନିର ଶିବ ମୁଦୁଲି (୧୯) । ପୋଲିସ ସୂଚନା ଅନୁଯାଇ ଜୟପୁର ବ୍ଲକ କୋଲନିରେ ରହୁଥିବା ମନୋଜ ବାରିକ ଘର ତାଲା ପକାଇ ବାହାରକୁ ଯାଇଥିଲେ । ଏହାର ସୁଯୋଗ ନେଇ ଦୁର୍ବୃତ ଘରର ତାଲା ଭାଙ୍ଗି ୩୫ ହଜାର ଟଙ୍କା ଚୋରି କରି ନେଇ ଥିବା ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ପୋଲିସ ସେହି କଲୋନିରେ ରହୁଥିବା ଶିବ ମୁଦୁଲିକୁ ଗିରଫ କରି ତାଠାରୁ ଚୋରି ହୋଇଥିବା ୩୦ ହଜାର ଟଙ୍କାକୁ ଜବତ କରି କୋର୍ଟ ଚାଲାଣ କରିଥିବା ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ପାହାଡ଼ ଉପରକୁ ଚଢି ନେଟୱର୍କ ଖୋଜୁଛନ୍ତି ଗାଁ ଲୋକେ

ମାଲକାନଗିରି, ୦୭/୦୫ (ନି.ପ୍ର): ବଣ ଜଙ୍ଗଲ ଘେରା ପାହାଡ । ସବୁଆଡେ ଘଂଚ ଅରଣ୍ୟ । ଏହାରି ମଧ୍ୟରେ ଏମାନେ କିଛିଯୁବକ ଇତସ୍ତତଃ ହୋଇ ବୁଲୁଛନ୍ତି । ଏମିତି ଦୃଶ୍ୟ ଦେଖିବା ପରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚିତ । ହେଲେ ଏହା ପଛର କାରଣ ବଡ କରୁଣ । ନିଜ ଇଚ୍ଛାରେ ନୁହେଁ, ବାଧ୍ୟବାଧକତାରେ ଜଙ୍ଗଲରେ ମୋବାଇଲ ଧରି ବୁଲୁଛନ୍ତି ଗାଁ ଲୋକମାନେ । ଆଜିକା ଦିନରେ ଆମେ ସମସ୍ତେ ୫-ଜି ନେଟୱର୍କ ବ୍ୟବହାର କଲେଣି । କେହିକେହି ୪-ଜି ବ୍ୟବହାର କରୁଛନ୍ତି । ହେଲେ ଏମାନେ ୨-ଜି ଲାଗି ସଂଘର୍ଷ କରୁଛନ୍ତି । ଗାଁ ଭିତରେ ତ ନେଟୱର୍କ ଜମାରୁ ଆସୁନି ଯଦି ପାହାଡ ଉପରକୁ ଚଢିବ, ଆଉ ଇଆଡେ ସିଆଡେ ବୁଲିବ ତେବେ ଯାଇ ମୋବାଇଲରେ ନେଟୱର୍କ ଆସିବ । ମାଲକାନଗିରି ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳର ଧୁଲିପୁଟ, ଗାଜଲ ମାମୁଡି, କୁରୁମାନୁର, ପାପୁଲୁର ଆଦି ଚାରଟି ପଂଚାୟତର ଲୋକମାନେ ଆଜି ବି ନେଟୱର୍କ ପାଇବାରୁ ବଂଚିତ । ପିଲାଙ୍କ ପାଠପଢା ହେଉ କି ବ୍ୟାଙ୍କ କାମ ହେଉ... ଭତା ହେଉ କି ଅନଲାଇନ୍ ଫର୍ମ ଫିଲଅପ୍ ହେଉ...ସବୁବେଳେ ନେଟୱର୍କ ପାଇଁ ସ୍ୱାଭିମାନ ଅଂଚଳର ଲୋକମାନେ ନାହିଁନଥିବା ଅସୁବିଧାର ସାମ୍ନା କରୁଛନ୍ତି । ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଆଜିକା ଦିନରେ ବି ସମ୍ପର୍କୀୟ କିମ୍ବା ଦୂରରେ ରହୁଥିବା ପରିବାରର ଅନ୍ୟ କୌଣସି ସଦସ୍ୟଙ୍କ ସହିତ କଥାବାର୍ତା ହେବାକୁ ହେଲେ ସେମାନଙ୍କୁ ଚଢିବାକୁ ପଡେ ପାହାଡ଼ । ସ୍ଥିତି ଏମିତି ବି ହୋଇଛି ଘରେ ରୋଗୀ ପଡିଛି ଆଉ ଆମ୍ବୁଲାନ୍ସ ପାଇଁ ପାହାଡ ଉପରକୁ ଚଢି ନେଟୱର୍କ ଖୋଜୁଛନ୍ତି ଗାଁ ଲୋକେ । ଖାଲି ନେଟୱର୍କ କାହିଁକି ? ଗାଁ ଲୋକଙ୍କ ଲାଗି ବିଜୁଳି ଓ ଭଲ ରାସ୍ତା ସାତ ସପନ ହୋଇ ରହିଛି । ଗୋଟିଏ ପଟେ ଡିଜିଟାଲ୍ ଇଣ୍ଡିଆର କଥା ସରକାର କହୁଛନ୍ତି । ରାଜ୍ୟଠୁ କେନ୍ଦ୍ର ସରକାର ସବୁ କାମ ଅନଲାଇନ୍ ମାଧ୍ୟମରେ କରିବାକୁ କହୁଛନ୍ତି । ହେଲେ ଆଜିକା ଦିନରେ ବି ନେଟୱର୍କ ଲାଗି ସ୍ୱାଭିମାନ ଅଂଚଳର ଲୋକେ ଯେମିତି ସଂଘର୍ଷ କରୁଛନ୍ତି ତାହା ଆଖିରେ ନଦେଖିଲେ ବିଶ୍ୱାସ କରିହେବନି । ସମସ୍ୟାକୁ ନେଇ ସରପଂଚଙ୍କୁ ବାରମ୍ବାର ଅଭିଯୋଗ କରିଛନ୍ତି ଲୋକେ ।

## କ୍ଷତିପୂରଣ ରାଶି ପ୍ରଦାନ

ଜୟପୁର, ୦୭/୦୫ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକାରଣ ଦ୍ୱାରା କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି । ଗୋପୀ ହନ୍ତାଲ ଏକ ମାତ୍ର ମୃତ ଝିଅ ଚନ୍ଦ୍ରିକା ହନ୍ତାଳ ସିମାନ୍ତ ଇଂଜିନିୟରିଂ ଅଫ ଟେକନୋଲୋଜି କଲେଜଠାରେ ସେମିଲିଗୁଡାରେ ଭଡାରେ ରହି ଅଧ୍ୟୟନ କରୁଥିଲା । ଦିନେ ଗୋପୀ ଖେମୁଡୁ ନାମକ ବାଳକ ପ୍ରେମ ନିବେଦନରେ ବିଫଳତାର ପ୍ରତିଶୋଧ ନେଇ ଚନ୍ଦ୍ରିକା ହନ୍ତାଳକୁ ପେଟ୍ରୋଲ ଢାଳି ନିଆଁ ଲଗେଇ ଫେରାର ହେଇଯାଇଥିଲା । ତତକ୍ଷଣାତ ଘର ମାଲିକ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସା ନିମନ୍ତେ ଭର୍ତି କରିଥିଲେ ଏବଂ ପରବର୍ତୀ ସମୟରେ କୋରାପୁଟ ଠାରୁ ବ୍ରହ୍ମପୁର ଓ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ କିନ୍ତୁ ଦୁର୍ଭାଗ୍ୟର ବିଷୟ କ୍ଷତାକ୍ତ ଶରୀରର ଅସମ୍ଭାଳରେ ଝିଅଟି ଡାକ୍ତରଖାନା ପହଂଚିବା ପୂର୍ବରୁ ମୃତ୍ୟୁ ଘଟିଥିଲା । ଏଥିଯୋଗୁଁ ଗୋପୀ ହାନ୍ତାଳ ଜିଲ୍ଲାପାଳ କୋରାପୁଟ ଠାରେ କ୍ଷତିପୂରଣ ରାଶି ପାଇଁ ଆବେଦନ କରିଥିଲେ କିନ୍ତୁ ଜିଲ୍ଲା ପ୍ରସାଶନ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କୁ କ୍ଷତିପୂରଣ ରାଶି ଦେବା ପାଇଁ ଅନୁରୋଧ କରି ଚିଠି ଲେଖିଥିଲେ ।

# ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ: ଶ୍ରୀମନ୍ଦିରର ଜାଳେଣି କାଠ, ସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ସମସ୍ୟାକୁ ନେଇ ହଇଚଗୋଳ

ପୁରୀ, ୦୭/୦୫ (ନି.ପ୍ର): ଜୁନ ୨୦ରେ ବିଶ୍ୱ ପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା । ରଥଯାତ୍ରାର ବିଭିନ୍ନ ସମସ୍ୟାକୁ ନେଇ ଶନିବାର ପୂର୍ବାହ୍ନରେ ପୌରସଦନ ଠାରେ ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଅଧ୍ୟକ୍ଷତା କରିଥିଲେ । ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଆଇନ ମନ୍ତ୍ରୀ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ । ବୈଠକର ଆରମ୍ଭରୁ ରଥକାଠ ଯୋଗାଣକୁ ନେଇ ନୟାଗଡ଼ ଓ ଖୋର୍ଦ୍ଧା ଡ଼ିଏଫଓ କାଠ ଯୋଗାଣ ସମ୍ପର୍କରେ ମତ ଦେଇଥିଲେ । ବରିଷ୍ଠ ସେବାୟତ ରଜତ ପ୍ରତିହାରୀ ରଥକାଠ ଚିରଟ ପାଇଁ ପୁରୀ ନିକଟରେ ଅସ୍ଥାୟୀ ସ ମିଲ ନିର୍ମାଣ କାରିବାକୁ ଦାବି ଉପସ୍ଥାପନ କରିଥିଲେ । ବୌଦ୍ଧରୁ ପୁରୀ ଓ ପୁରୀରୁ କଟକ ଖପୁରିଆ ରଥକାଠ ଚିରଟ ପାଇଁ ଅଧିକ ରାଜସ୍ୱ କ୍ଷତି ହେଉଛି ବୋଲି ମତ ଦେଇଥିଲେ । ଶ୍ରୀମନ୍ଦିରରେ ଜାଳେଣି କାଠ ଅଧିକ ଦରରେ ସେବାୟତମାନେ କିଣୁଥିବାରୁ ସେଠାରେ ଏକ ସରକାରୀ ଡ଼ିପୋ କରାଯାଇ ନିହାତି ମୂଲ୍ୟରେ ଜାଳେଣି କାଠ ଯୋଗାଇ ଦେବା ପାଇଁ କେତେକ ବରିଷ୍ଠ ସେବାୟତ ଦାବି ଉଠାଇଥିଲେ । ଅଧିକ ମୂଲ୍ୟରେ ଜାଳେଣି କାଠ କିଣୁଥିବାରୁ ଅବଢା ଦର ବଢୁଛି ବୋଲି ମତ ପ୍ରକାଶ ପାଇଥିଲା । ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ରଥଯାତ୍ରା ନୀତି ନିର୍ଘଂଟ ଓ ଦ୍ରବ୍ୟ ଯୋଗାଣ ସମ୍ପର୍କରେ ନୀତି ପ୍ରଶାସକ ମତ ରଖିଥିଲେ । ସ୍ୱାସ୍ଥ୍ୟ ସେବା ପ୍ରସଙ୍ଗ ଉଠିବାରୁ ଗୃହରେ ସଭ୍ୟମାନେ ସିଡ଼ିଏମଓଙ୍କୁ ଖୋଜିଥିଲେ । ଗତ ବୈଠକରେ ସିଡ଼ିଏମଙ୍କ ଉପରେ ସଭ୍ୟ ଅସନ୍ତୁଷ୍ଟ ଥିବାରୁ ଯୋଜନାବଦ୍ଧ ଭାବେ ଅଧିକାରୀ ଆସିନଥିବା କେତେକ ସଭ୍ୟ ମତ ଦେଇଥିଲେ । ରଥଯାତ୍ରାରେ ଡ଼ାକ୍ତର, ନର୍ସ,ପାରାମେଡ଼ିକାଲ ଷ୍ଟାପ,ଆମ୍ବୁଲାନ୍ସ, ଷ୍ଟେଚର, ଖାଦ୍ୟ ତନଖି ଦଳ ବିଷୟରେ ଏଡ଼ିଏମଓ କହିଥିଲେ । ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପାଇଁ ସେବାୟତ,ସାମ୍ବାଦିକ ଓ ଗୃହର ସଭ୍ୟମାନେ ଗୃହରେ ଦାବି କରିଥିଲେ । ଶ୍ରୀମନ୍ଦିର ହେଉଛି ଜୀବନ୍ତ ମନ୍ଦିର । ପୁରୀ ବାସିନ୍ଦାଙ୍କ ବିଭିନ୍ନ ପର୍ବପର୍ବାଣୀରେ ଶ୍ରୀମନ୍ଦିର ଲଡୁ ମହାପ୍ରସାଦ,ଶୁଖିଲି ଭୋଗ ପାଇଁ ଘଂଟା ଘଂଟା ଅପେକ୍ଷା କରିବାକୁ ପଡୁଛି ବୋଲି ସଭ୍ୟମାନେ ମତ ଦେଇଥିଲେ । ଏପରିକି ବହୁବର୍ଷ ଧରି ମଙ୍ଗଳା ଆଳତି ଦର୍ଶନ କରୁଥିବା ଭକ୍ତମାନେ ଆଉ ମନ୍ଦିରକୁ ଯାଉନଥିବା ଅଭିଯୋଗ ଉଠିଥିଲା । ବିଦ୍ୟୁତ୍ ସମ୍ପର୍କରେ ଆଲୋଚନା ହେବା ସମୟରେ ସାହି ଗୁଡ଼ିକରେ ବିପଦ ଶଙ୍କୁଳ ଖୁଂଟ ଓ ତାର ବଦଳା ଯାଉନାହିଁ ବୋଲି ଅଭିଯୋଗ ହୋଇଥିଲା । ରଥଯାତ୍ରା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ । ସହର ଭିତରେ ଓ ସହର ସଂଲଗ୍ନ ଅଞ୍ଚଳରେ ଥିବା କୂପ ଓ ନଳକୂପ ଆଦି ବିଶୋଧନ କରାଯାଉଛି । ରଥଯାତ୍ରୀଙ୍କ ଠାରୁ ଯେପରି ଅଧିକ ବସ ଭଡ଼ା ଓ ଅଟୋ ଭଡ଼ା ନିଆ ନଯାଏ ସେଥିପ୍ରତି ଆଞ୍ଚଳିକ ପରିବହନ ଅଧିକାରୀ ଦୃଷ୍ଟି ଦେବେ ବୋଲି କହିଥିଲେ । ତାଳବଣିଆ ଅସ୍ଥାୟୀ ବସଷ୍ଟାଣ୍ଡରେ ଆନୁସଙ୍ଗିକ ସୁବିଧା ଯୋଗଇ ଦିଆଯିବ । ପୁରୀ ଭୁବନେଶ୍ୱର ରାସ୍ତା, ପୁରୀ -କୋଣାର୍କ, ପୁରୀ -ବ୍ରହ୍ମଗିରି ଗାଡ଼ି ଚାଳକ ମାନଙ୍କୁ ସଚେତନ କରାଯିବ । ଶ୍ରୀମନ୍ଦିର ନିକଟରେ ରେଲୱେ ଟିକେଟ କାଂଉଟର ଖୋଲିବା ପାଇଁ ସଭ୍ୟମାନେ ଦାବି କରିଥିଲେ । ରେଳବାଇ ବିଭାଗ ପକ୍ଷରୁ ଯାତ୍ରୀଙ୍କ ରହଣି ପାଇଁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୁରୀ -ଭୁବନେଶ୍ୱର ଜାତୀୟ ରାଜପଥର କାଠପୋଲ ଠାରେ ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ସଭ୍ୟମାନେ ଗୁରୁତର ଅଭିଯୋଗ କରିଥିଲେ । ସେହି ସ୍ଥାନରେ ଚାରି ମାସରେ ୬ଜଣଙ୍କ ଦୁର୍ଘଟଣା ହୋଇ ମୃତ୍ୟୁ ବରଣ କରିଥିବା ଅଭିଯୋଗ ହୋଇଥିଲା । ପୌରସଂସ୍ଥା ପକ୍ଷରୁ ବଡ଼ଦାଣ୍ଡ ଓ ସାହି ଗଳିର ନଳା ସଫେଇ ହେଉଛି ବୋଲି ଅଧିକାରୀ କହିଥିଲେ । ପୁରୀ ସହରରେ ୮ହଜାର ୧୨୦ ସ୍ୱରେଜ୍ ମ୍ୟାନହଲ ଗୁଡ଼ିକ ଯାଞ୍ଚ କରାଯାଉଛି ବୋଲି ୱାଟୋକ ଅଧିକାରୀ କହିଥିଲେ । ସହରରେ ୧୪୪ କିଲୋ ମିଟର ସ୍ୱରେଜ୍ ପାଇପ ଲାଇନ ବିଛାଯାଇଛି । ଏହାସହ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ, ଟେଲିପୋନ ସେବା, ଅଗ୍ନିଶମ ବିଭାଗ କାର୍ଯ୍ୟ ,ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରାସର ଓ ପ୍ରଚାର ,ଓରମାସ ପକ୍ଷରୁ ପଲ୍ଲିଶ୍ରୀ ମେଳା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହିବୈଠକରେ ମନ୍ତ୍ରୀ ସମୀର ଦାଶ,ଉଷା ଦେବୀ,ପ୍ରଫୁଲ୍ଲ ମଲ୍ଲିକ, ପ୍ରୀତିରଞ୍ଜନ ଘଡ଼େଇ,ତୁଷାରିକାନ୍ତି ବେହେରା ଓ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ରଥଯାତ୍ରା ସମ୍ପର୍କରେ ମମତ ରଖିଥିଲେ । ଏହି ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ଗୌରହରି ପ୍ରଧାନ,ଡ଼ିଆଇଜି ନରସିଂହ ଭୋଳ,ଜିଲ୍ଲାପାଳ ସମର୍ଥ ବର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ସ୍ୱାଗତ ଭାଷଣ ଓ ସଂଯୋଜନା କରିଥିଲେ । ଶ୍ରୀମନ୍ଦିର ସେବାୟତ, ମଠାଧିଶ,ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀମାନେ ବୈଠକରେ ଯୋଗ ଦେଇଥିଲେ ।

# ଜୁନିୟର ରେଡକ୍ରସ ତରଫରୁ ଜଳଛତ୍ର ଓ ଅଂଶୁଘାତ ପ୍ରତି ସଚେତନତା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର ୬ ମଇ (ହି. ସ.)- ଗ୍ରୀଷ୍ମ ସମୟର ଅସହ୍ୟ ଖରାରେ ଆମର ଦୈନନ୍ଦିନ ଜୀବନ ଅତିଷ୍ଠ । ପଥଚାରୀ ମାନେ ରାସ୍ତାରେ ଦହି ପାଣି ଗ୍ଲାସ ଟିଏ ପାଇଲେ ବେଶ ଆନନ୍ଦିତ ହୋଇଥାନ୍ତି । ଏହି କଥାକୁ ଲକ୍ଷ୍ୟ କରି ବିରମହାରାଜପୁର ବାଳକ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡକ୍ରସ ୟୁନିଟ ତରଫରୁ ଚକାବର ଛକରେ ଏକ ଜଳଛତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଦ୍ ?ଘାଟନ କରିଥିଲେ । ଜୁନିଅର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ ଓ ରାଜବୋଡା ସମ୍ବର ହାଇସ୍କୁଲ ପଦମପୁରର ପ୍ରଧାନଶିକ୍ଷକ ଧର୍ମ କୁମାର ଶତପଥି ଅତିଥି ଭାବରେ ଯୋଗଦେଇ ଜୁନିୟର ରେଡକ୍ରସର ସେବା ମୂଳକ କାର୍ଯ୍ୟକ୍ରମର ଆବଶ୍ୟକତା ଥିବା ବେଳେ ବିରମହାରାଜପୁର ବ୍ଲକ ତରଫରୁ ହୋଇଯାଇଥିବା ଜଳଛତ୍ର କାର୍ଯ୍ୟକ୍ରମ ବିଶେଷ ମହତ୍ୱ ରହିଛି ବୋଲି ମତବ୍ୟକ୍ତି କରିଥିଲେ । ପଥଚାରୀ, ଦୋକାନୀ. ଦୁଇ ଓ ଚାରିଚକିଆ ଯାନର ଯାତ୍ରୀ, ବସଯାତ୍ରୀ ଓ ଜନସାଧାରଣଙ୍କୁ ଦହିଚଲା ପାଣି, ଜଳଜିରା ପାଣି ଦେବା ସହିତ ସେମାନଙ୍କୁ ଅଁଶୁଘାତ ପ୍ରତି ସଚେତନତା ରହିବାକୁ ଆହ୍ୱାନ ଦେଇଥିଲେ । ବରିଷ୍ଠ ସାଧନ କର୍ମି ଚନ୍ଦ୍ର ମଣି ବାଘ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ବ୍ଲକ ବିସିସି ତଥା ବିରମହାରାଜପୁର ହାଇସ୍କୁଲର ପରାମର୍ଶଦାତା ବୈକୁଣ୍ଠ ନାୟକ କାର ?ୟ୍ୟକ୍ରମକୁ ସଂଯୋଜନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପରାମର୍ଶଦାତା ଲମ୍ବୋଦର ସ୍ୱାହୁ, ରଂଜିତ ପଧାନ, ଉପେନ୍ଦ୍ର ସାହୁ, ଆନନ୍ଦ ଦାୟିନୀ ସିଂହ, ଜଗନ୍ନାଥ ମେହେର, ମନୋଜ ମେହେର, ଜୀବରଧନ ରଣା, ଅଶ୍ୱିନୀ କର୍ମି, କାଦମ୍ବିନୀ ବେହରା, ମନୋହର ପ୍ରମୁଖ କାର୍ଯ୍ୟକ୍ରମରେ ସହ ଯୋଗ କରିଥିଲେ । ପରାମର୍ଶଦାତା ଦିଲ୍ଲିପ କୁମାର ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡିଆ ଭାଷାରେ ପ୍ରତିଷ୍ଠାନର ନାମ ଫଳକ ପ୍ରଦର୍ଶନ କରିନଥିବା ମାଲିକଙ୍କୁ ନୋଟିସ

ଜୟପୁର, ୦୭/୦୫ (ନି.ପ୍ର): ଶ୍ରମ ବିଭାଗ ଜୟପୁର ତରଫରୁ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଯେଉଁ ମାନେ ଓଡିଆ ଭାଷାରେ ପ୍ରତିଷ୍ଠାନର ନାମ ଫଳକ ପ୍ରଦର୍ଶନ କରି ନାହାଁନ୍ତି ସେ ଗୁଡିକୁ ଚଢାଉ କରାଯାଇଥିଲା । ସହରର ମେନ ରୋଡ, ବେଲ ରୋଡ, ବାଇ ପାସ ରୋଡ, ଏନ.କେ.ଟି ରୋଡ ରେ ୩୦ଟି ପ୍ରତିଷ୍ଠାନ ଉପରେ ଚଢାଉ କରାଯାଇଛି । ଚଢାଉ ପ୍ରତିଷ୍ଠାନ ଉପରେ ୭ ଦିନିଆ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଯେଉଁ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ମାଲିକ ମାନେ ୭ ଦିନ ଭିତରେ ଓଡିଆ ନାମ ଫଳକ ପ୍ରଦର୍ଶନ ନ କରନ୍ତି ସେ ମାନଙ୍କ ବିରୁଦ୍ଧରେ ଆଦାଲତରେ ମକଦ୍ଦମା ରୁଜୁ କରାଯିବ ବୋଲି ଶ୍ରମ କମିଶନର ପ୍ରସନ୍ନ କୁମାର ପାଣିଗ୍ରାହୀ ସୁଚନା ଦେଇଛନ୍ତି । ଏଥି ପୁବରୁ ଗତ ୧୭.୪.୨୩ ତାରିଖରେ ଅତିରିକ୍ତ ଜିଲାପାଳ କୋରପୁଟଙ୍କ ପ୍ରକୋଷ୍ଠରେ ଜିଲାର ସମସ୍ତ ବ୍ୟବସାୟି ସଂଘ ଏବଂ ପୌରପାଳିକା ଓ ଏନଏସିର ନିବାହୀ ଅଧିକାରି ମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସବ ସମ୍ମିତି କ୍ରମେ ନିଷ୍ପତି ହୋଇଥିଲା ଯେ ପ୍ରଥମେ ଡାକ ବାଜୀ ଯନ୍ତ୍ର ଦ୍ୱାରା ୧୫ ଦିନ ମଧ୍ୟରେ ଓଡିଆ ଭାଷାରେ ନାମ ଫଳକ ଲେଖାଇବା ନିମନ୍ତେ ପୌର ପାଳିକା ଗାଡିରେ ପ୍ରଚାର କରାଯାଇଥିଲା । ଏହି ଚଢାଉରେ ବିଭାଗୀୟ ଶ୍ରମ କମିସନର ଜୟପୁର ପ୍ରସନ୍ନ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ସହକାରି ଶ୍ରମ ଅଧୀକାରି ଚୈତନ୍ୟ ପ୍ରସାଦ ମାଝୀ, ପଦ୍ମ ଚରଣ ପଣ୍ଡା, ପୁର୍ଣ୍ଣିମା ଦୁରୁକା ଉପସ୍ଥିତ ଥିଲେ ।

## ଭୋଟ୍ ବର୍ଜନ ନିଷ୍ପତିରୁ ଓହରିଲେ ସମାସିଂଘା ପଂଚାୟତ ଚାଷୀ

ଝାରସୁଗୁଡ଼ା , ୦୭/୦୫ (ନି.ପ୍ର): ଭୋଟ୍ ବର୍ଜନ ନିଷ୍ପତିରୁ ଓହରି ଗଣତାନ୍ତ୍ରିକ ପ୍ରକ୍ରିୟା ରେ ସାମିଲ ପୂର୍ବକ ଆଗାମୀ ଉପନିର୍ବାଚନରେ ଭୋଟଦାନ କରିବାକୁ ସମାସିଂଘା ପଂଚାୟତ ଚାଷୀକୂଳ କହିଛନ୍ତି । ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିବା ପରେ ପ୍ରତିନିଧିମାନେ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ଭୋଟବର୍ଜନ ନିଷ୍ପତିରୁ ଓହରୁଥିବା କହିଛନ୍ତି । ଏହି ପରିପ୍ରେକ୍ଷୀରେ ଅଂଚଳରେ ଚାଷ ଜମିକୁ ପାଣି ଯୋଗାଣ ନେଇ ଉପୁଜିଥିବା ସମସ୍ୟା ସମ୍ପର୍କରେ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପାର୍ବତୀ ଗିରି ମେଗା ଜଳ ସେଚନ ପ୍ରକଳ୍ପ ଅନ୍ତର୍ଗତ ପ୍ରସ୍ତାବିତ ସମସ୍ତ ବାର ଶହ ହେକ୍ଟର ଜମିର ସମସ୍ତ ଅଂଚଳକୁ ପାଣି ଯୋଗାଇବା ପାଇଁ ଦାବୀ କରାଯାଇଛି ।

# ପାଣି ମଟର ପମ୍ପ ୩ ଚୋରଙ୍କୁ ବାନ୍ଧିଲା ଟାଙ୍ଗୀ ପୋଲିସ

ଖୋର୍ଦ୍ଧା, ୦୭/୦୫ (ନି.ପ୍ର): ପାଣି ମୋଟର ଚୋରି ଅଭିଯୋଗରେ ଟାଙ୍ଗୀ ପୋଲିସ ୩ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ମାନେ ହେଲେ କୁହୁଡି ଫାଣ୍ଡି ଅନ୍ତର୍ଗତ ସୋରଣ ଗ୍ରାମ ପଞ୍ଚାୟତ ଜାଗୁଳାଇ ସାହିର ମୋଚିରାମ ନାୟକ ୨୫ ବର୍ଷ,ବେହେରା ସାହିର ସୌମ୍ୟ ରଂଜନ ମାନଧାତା ୨୧୦ ନରହରି ସାହିର ମନ ମୋହନ ପ୍ରଧାନ ୨୬ବର୍ଷ ସୂଚନା ମୁତାବକ ଧଳା ଜହର ବ୍ୟବସାୟୀ ମାନେ ନିଜର କାୟା ବିସ୍ତାର ପାଇଁ ନୀରିହ ଯୁବକମାନଙ୍କୁ ନିଶା ଜାଲରେ ଫସାଇ ତାଙ୍କର ବ୍ୟବସାୟ ରେ ଲଗାଇଥାନ୍ତି । ତେବେ ଟାଙ୍ଗୀ କୁହୁଡି ଫାଣ୍ଡି ଅଂଚଳରେ ବିଭିନ୍ନ ଗାଁରେ ଯୁବକମାନେ ଧଳା ଜହର କବଳରେ ପଡି ଅବାଟକୁ ଯାଉଥିବା ଜଣାପଡିଛି । ଦିର୍ଘ ଦିନ ହେଲା ଧଳା ଜହର ଭଳି ମାରାତ୍ମକ ନିଶା ସେବନ କରି ଆସୁଥିଲେ । ହେଲେ ନିଶା ଖାଇବା ପାଇଁ ପାଖରେ ଟଙ୍କା ନଥିବାରୁ ରାତିରେ ଘର ଘର ବୁଲି ସ୍ଥାନୀୟ ଲୋକମାନଙ୍କର କୁଅରୁ ପାଣି ମୋଟର ଚୋରି କରି ଶାଗ ମାଛ ଦରରେ ବିକ୍ରି କରୁଥିଲେ । ପୁନର୍ବାର ସୋରଣ ଗ୍ରାମର ଶୁଧାଂଶୁ ଶେଖର ବୈରିଗଂଜନଙ୍କର ଏକ ମୋଟର ଚୋରି ହେବାରୁ ସେ ସ୍ଥାନୀୟ ଫାଣ୍ଡିରେ ଅଭିଯୋଗ କରିଥିଲେ । କୁହୁଡି ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ଜେନା ତଦନ୍ତ କରି ୩ ପାଣି ମୋଟର ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ପାଣି ମୋଟର ଜବତ କରିବା ସହ ଅନ୍ୟ ଚୋରି ମୋଟର ଗୁଡିକ ଉଦ୍ଧାର ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିବା ଜଣାପଡିଛି ।

## ହୋଟେଲ ରୁମରେ କାହିଁକି ବିଛାଯାଇଥାଏ ହ୍ୱାଇଟ୍ ବେଡସିଟ୍ ?

ହୋଟେଲମାନଙ୍କରେ ପ୍ରାୟତଃ ଧଳା ବେଡସିଟ୍ ବିଛାଯାଇଥିବା ଆପଣମାନେ ନିଶ୍ଚିତ ଦେଖିଥିବେ। ସମସ୍ତ ହୋଟେଲରେ ଧଳା ଚାଦର କାହିଁକି ବିଛାଯାଇଥାଏ ବୋଲି ଆପଣଙ୍କ ମନରେ କେବେ ନା କେବେ ପ୍ରଶ୍ନ ଉଠିଥିବ । ତେବେ ଆସନ୍ତୁ ଜାଣିବା ହୋଟେଲ ରୁମର ବେଡରେ କାହିଁକି ଧଳା ଚାଦର ବିଛାଯାଇଥାଏ ଓ ଅନ୍ୟ ରଙ୍ଗର ଚାଦର କାହିଁକି ବ୍ୟବହାର କରାଯାଇନଥାଏ ?

ସବୁବେଳେ ଆମ ମନକୁ ଆସେ ଯେ, ଧଳା ବେଡସିଟ୍ ଅଧିକ ମଇଳା ହୋଇଯାଏ । କିନ୍ତୁ ଆପଣ ଜାଣନ୍ତି କି, ହୋଟେଲରେ ଧଳା ବେଡସିଟ୍ ରଖିବାର ସବୁଠାରୁ ବଡ କାରଣ ହେଉଛି ଏହାକୁ ସଫା କରିବା ଅତି ସହଜ । ତେବେ ହୋଟେଲ ରୁମ୍ ଗୁଡିକ ବ୍ଲିଚ୍ ଏବଂ କ୍ଲୋରାଇନରେ ଧୁଆଁଯାଇଥାଏ । ଏହି କାରଣରୁ ବେଡସିଟ୍ ସହଜରେ ସଫା ହୋଇଯାଏ ଏବଂ ଗଭୀର ଦାଗ ମଧ୍ୟ ବାହାର କରାଯାଇଥାଏ । ଯଦି ଏକ ରଙ୍ଗୀନ ଚାଦର ପକାନ୍ତି, ତେବେ ଏହାକୁ ବ୍ଲିଚରେ ଧୋଇହେବ ନାହିଁ, କାରଣ ନୀଳ ରଙ୍ଗରେ ରଖାଯିବାବେଳେ ରଙ୍ଗୀନ ସିଟ୍ ମଳିନ ପଡ଼ିଯିବ । ଏହା ବ୍ୟତୀତ ବ୍ଲିଚ୍ ଏବଂ କ୍ଲୋରାଇନ୍ ସହିତ ସଫା କରିବା ହେତୁ ଧଳା ଚାଦରରୁ କୌଣସି ପ୍ରକାରର ଗନ୍ଧ ଆସିନଥାଏ ।

ଏହା ସହ ଧଳା ରଙ୍ଗ ସବୁବେଳେ ବିଳାସପୂର୍ଣ୍ଣ ଜୀବନଶୈଳୀ ସହିତ ଜଡିତ ବୋଲି ବିବେଚନା କରାଯାଏ, ତେଣୁ ହୋଟେଲ ରୁମରେ ଧଳା ଚାଦର ରଖାଯାଏ। ଯାହାଦ୍ୱାରା ରୁମକୁ ବିଳାସପୂର୍ଣ୍ଣ ଲୁକ୍ ଦିଆଯାଇପାରିବ । ଏହା ବ୍ୟତୀତ ରୁମଟି ଧଳା ରଙ୍ଗରେ ଅଧିକ ବଡ଼ ଦେଖାଯାଏ, ତେଣୁ ଖଟ ଉପରେ ଧଳା ବେଡସିଟ୍ ବିଛାଯାଏ । କମ୍ ମୂଲ୍ୟରେ ଚାଦର କିଣିବା ପାଇଁ ଧଳା ରଙ୍ଗ ହେଉଛି ସର୍ବୋତ୍ତମ ବିକଳ୍ପ ।

***ଧଳା ରଙ୍ଗ ହେଉଛି ଶାନ୍ତିର ପ୍ରତୀକ :-***

ଧଳା ରଙ୍ଗ ଶାନ୍ତିର ପ୍ରତୀକ ଭାବରେ ବିବେଚନା କରାଯାଏ ଏବଂ ସକରାତ୍ମକତା ଆଣିଥାଏ । ଏପରି ପରିସ୍ଥିତିରେ, ଧଳା ଚାଦର ଉପରେ ଶୋଇବା ମନକୁ ଶାନ୍ତ ରଖେ ଏବଂ ଲୋକମାନେ ଶାନ୍ତିରେ ଶୋଇଥାନ୍ତି । ମନକୁ ଶାନ୍ତ ରଖିବା ସହିତ ଧଳା ରଙ୍ଗ ହୃଦୟକୁ ଖୁସି ରଖିବାରେ ମଧ୍ୟ ସହାୟକ ହୋଇଥାଏ । ସେଥିପାଇଁ ଅଧିକାଂଶ ହୋଟେଲ ରୁମରେ କେବଳ ଧଳା ବେଡସିଟ୍ ବ୍ୟବହାର କରନ୍ତି । ହୋଟେଲ ରୁମର ବେଡ ଉପରେ ଧଳା ଚାଦର ବିଛାଇବାର ଅଭ୍ୟାସ ୯୦ ଦଶକ ପରେ ଆରମ୍ଭ ହୋଇଥିଲା ।



## କେଉଁ ସମୟରେ ଦରକାର ପଡିଥାଏ ଇନସୁଲିନ ?

ଅଗ୍ନାଶୟରେ ଉତ୍ପାଦିତ ଏକ ହରମୋନ ହେଉଛି ଇନସୁଲିନ । ଯାହା ବ୍ଲଡ ଗ୍ଲୁକୋଜକୁ ସନ୍ତୁଳିତ କରିବା ସହ ଶରୀରକୁ ଗ୍ଲୁକୋଜକୁ ଶକ୍ତି ଭାବେ ବ୍ୟବହାର କରିଥାଏ । ତେବେ ଏହା ପେଟର ତଳିଭାଗରେ ହେଉଥିବା ଏକ ଗ୍ଲାଣ୍ଡ । ଡାଇବେଟିସ ରୋଗୀମାନଙ୍କୁ ଅନେକ ସମୟରେ ଇନସୁଲିନର ଆବଶ୍ୟକତା ପଡିଥାଏ । ତେବେ ଆସନ୍ତୁ ଜାଣିବା ଶରୀରରେ ଇନସୁଲିନର ଆବଶ୍ୟକତା କ'ଣ ଏବଂ କେବେ ପଡିଥାଏ।

ଇନସୁଲିନ ମୁଖ୍ୟତଃ ବ୍ଲଡ ସୁଗାର ନିୟନ୍ତ୍ରଣ କରିଥାଏ । ଯେବେ ଆମ ଶରୀରରେ ରକ୍ତରେ ଗ୍ଲୁକୋଜର ପରିମାଣ ଅଧିକ ହୁଏ, ତେବେ ଇନସୁଲିନ ଗ୍ଲୁକୋଜକୁ ଲିଭରରେ ଜମା କରିବା ଭଳି କାମ କରିଥାଏ । ତେବେ ବ୍ଲଡ ସୁଗାର କମ୍ ନ ହେବା ପର୍ଯ୍ୟନ୍ତ ଷ୍ଟୋର ହୋଇ ରହିଥିବା ଗ୍ଲୁକୋଜ ବାହାରି ନଥାଏ । ମଣିଷ ଶରୀରରେ ଇନସୁଲିନର ସଠିକ ଉପଯୋଗ ନ ହେବା କିମ୍ବା ଶରୀରରେ ଇନସୁଲିନ ନିର୍ମାଣ ନ ହେବା ଦ୍ୱାରା ଡାଇବେଟିସ ଭଳି ରୋଗ ଦେଖା ଦେଇଥାଏ । ଏହି ସମୟରେ ଅତିରିକ୍ତ ଇନସୁଲିନର ବ୍ୟବହାର ଆବଶ୍ୟକ ହୁଏ ।ଡାଇବେଟିସ ମୁଖ୍ୟତଃ ଟାଇପ-୧ ଏବଂ ଟାଇପ-୨ ପ୍ରକାରର ହୋଇଥାଏ । ଟାଇପ-୧ ଡାଇବେଟିସ ଏକ ଅଟୋମ୍ୟୁନ ରୋଗ ଅଟେ । ଏହି ରୋଗରେ ଶରୀର ନିଜେ ନିଜ ଉପରେ ଆକ୍ରମଣ କରିଥାଏ । ଏହି ରୋଗ ସମୟରେ ।ଶୀର ସଠିକ ଭାବରେ ଇନସୁଲିନ ପ୍ରସ୍ତୁତ କରିପାରିନଥାଏ । କାରଣ ରକ୍ଷା କରୁଥିବା ସେଲ୍ସ ଅଗ୍ନାଶୟରେ ଇନସୁଲିନ ପ୍ରସ୍ତୁତକାରୀ ସେଲ୍ସଗୁଡିକୁ କ୍ଷତି ପହଞ୍ଚାଇଥାନ୍ତି । ତେବେ ବିଶେଷ କରି ଯୁବବର୍ଗରେ ଏପରି ଡାଇବେଟିସ ଦେଖା ଦେଇଥାଏ । ସେହିପରି ଟାଇପ-୨ ଡାଇବେଟିସରେ ଶରୀରକୁ ସାଧାରଣଭବେ ରଖିବା ପାଇଁ ଅଧିକ ମାତ୍ରାରେ ଇନସୁଲିନର ଆବଶ୍ୟକତା ପଡିଥାଏ । ତେବେ ଅଧିକ ଉତ୍ପାଦନ ପରେ ଅଗ୍ନାଶୟରେ ଇନସୁଲିନ ପ୍ରସ୍ତୁତକାରୀ ସେଲଗୁଡିକ ଜଳିଯାଇଥାନ୍ତି । ତେବେ ଏହି ପ୍ରକାରର ଡାଇବେଟିସ କୌଣସି ବୟସର ବ୍ୟକ୍ତିଙ୍କୁ ହୋଇପାରେ।



## ଦେଶର ପ୍ରଥମ ଡିଜିଟାଲ ଗାର୍ଡେନ

ଏବେ ତ ସବୁକିଛି ଡିଜିଟାଲ । ଏହି ସୁବିଧାକୁ ଆହୁରି ସହଜ ସରଳ କରିବା ପାଇଁ ତିଆରି ଚାଲିଛି ଡିଜିଟାଲ ଗାର୍ଡେନ । ଦେଶର ପ୍ରଥମ ଡିଜିଟାଲ ଗାର୍ଡେନ କେରଳରେ ତିଆରି ହେବାକୁ ଯାଉଛି । ଏହାର କାମ ମଧ୍ୟ ଆରମ୍ଭ ହୋଇସାରିଲାଣି । ଏଥିପାଇଁ ରାଜଭବନ ସ୍ଥିତ ୨୧ ଏକର କ୍ଷେତ୍ରରେ ବିସ୍ତୃତ ହୋଇଥିବା କନକ କୁନୁ ଗାର୍ଡ଼େନରେ ଯେତେ ବି ଗଛ ଅଛି ତା'କୁ ଡିଜିଟାଲ କରାଯିବା ଆରମ୍ଭ ହୋଇଛି । ବଗିଚାରେ ଥିବା ସବୁ ଗଛକୁ କ୍ୟୁ ଆର୍ କୋର୍ଡ଼ ଦିଆଯାଇଛି । ସ୍ମାର୍ଟଫୋନ୍ ଜରିଆରେ ଗଛରେ ଲାଗିଥିବା କ୍ୟୁ ଆର କୋର୍ଡ଼କୁ ସ୍କାନ କରି ତା'ର ପୂରା ସୂଚନା ହାସଲ କରିପାରିବେ ଲୋକମାନେ । ଏଥିରେ ଗଛର ବିଭିନ୍ନ ପ୍ରଜାତି, ବୟସ, ବଟାନିକାଲ ନାମ, ପ୍ରଚଳିତ ନାମ, ଗଛର ଫୁଲ ଆସୁଥିବା ଋତୁ, ଚିକିତ୍ସା ଏବଂ ଅନ୍ୟ ସବୁ ସୂଚନା ତୁରନ୍ତ ମିଳିଯିବ ।







ଏହି ଗାର୍ଡେନରେ ୧୨୬ବିଭିନ୍ନ ଗଛର ପ୍ରଜାତି ବୃକ୍ଷ ରହିଛି । ଯାହାକୁ ଡିଜିଟାଲ ଫର୍ମାଟରେ ସଂଯୋଗ ପରିବର୍ତ୍ତନ କରାଯାଇଛି । ଏହି ବଗିଚାକୁ ବିକଶିତ କରିବା ପାଇଁ କେରଳ ବିଶ୍ୱବିଦ୍ୟାଳୟର ବନସ୍ପିତ ବିଜ୍ଞାନ ବିଭାଗର ଡ. ଏ. ଗଙ୍ଗାପ୍ରସାଦ ଏବଂ ଅଖିଳେଶ ନାୟର ମୁଖ୍ୟ ରୂପେ ଯୋଗଦାନ ଦେଇଛନ୍ତି । କନକକୁନୁ ଗାର୍ଡେନରେ ହଜାର ଗଛ ରହିଛି । ସେଥିରୁ ପାଖାପାଖି ୬୦୦ଟି ଗଛରେ କ୍ୱିକ୍ ରେସପନ୍ସ ବା କ୍ୟୁଆର କୋର୍ଡ଼ ଲଗାଇ ଦିଆଯାଇସାରିଛି । ଏବେ କେବଳ କୋଡ଼ିଙ୍ଗର କାମ ଚାଲିଛି । ଆମେରିକା ଏବଂ ଜାପାନା ପରି ଦେଶରେ ଗଛରେ କ୍ୟୁଆର କୋର୍ଡ଼ କିମ୍ବା ମାଇକ୍ରୋ ଚିପ୍ ଲଗାଇବା ଏକ ସାଧାରଣ କଥାରେ ପରିଣତ ହୋଇଗଲାଣି । କ୍ୟୁ ଆର କୋର୍ଡ଼ ଯୋଗୁଁ ପ୍ରତିଦିନ ବଗିଚାକୁ ବୁଲିଆସୁଥିବା ଲୋକ ଏବଂ ପର୍ଯ୍ୟଟକଙ୍କ ଭିତରେ ଗଛ ପ୍ରତି ସଚେତନତା ବଢ଼ିଥାଏ । ଦିଲ୍ଲୀର ଲୁଟିୟନ୍ସ ଜୋନ୍ ସ୍ଥିତ ଲୋଧି ଗାର୍ଡ଼େନର ଗଛ ଗୁଡ଼ିକରେ ମଧ୍ୟ ପ୍ରଥମେ କ୍ୟୁ ଆର କୋର୍ଡ଼ ଲଗାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ଯେ ଲୋକଙ୍କୁ ପୁରୁଣା ଗଛ ବିଷୟରେ ଅଧିକ ସୂଚନା ମିଳିପାରୁ । ଏଠାରେ ୧୦୦ରୁ ଅଧିକ ଗଛକୁ କୋର୍ଡ଼ିଙ୍ଗ କରାଯାଇଛି । ଯେଉଁ ଗଛରେ କ୍ୟୁ ଆର କୋର୍ଡ଼ ଲଗାଯାଇଛି ସେଥିରୁ ଅନେକ ଗଛର ବୟସ ୧୦୦ବର୍ଷରୁ ଅଧିକ । ବଗିଚାରେ ଅନେକ ଔଷଧୀୟ ବୃକ୍ଷ ମଧ୍ୟ ରହିଛି ।




## ଅଧିକ ବ୍ୟାୟାମ ବିପଦ

ବ୍ୟାୟାମ ଯୋଗୁ ଆମର ଅନେକ ଉପକାର ହୋଇଥାଏ । ହୃଦୟ ସ୍ଥିତିରେ ଉନ୍ନତି, ସୁନିଦ୍ରା, ଶାରୀରିକ ଶକ୍ତି ବୃଦ୍ଧି ଆତ୍ମବିଶ୍ୱାସରେ ବୃଦ୍ଧି ହେବା ଇତ୍ୟାଦିର ଲାଭ ଆମକୁ ବ୍ୟାୟାମରୁ ହିଁ ମିଳିଥାଏ । ଆଇବିଏଫ୍ ଏକ୍ସପର୍ଟ ଡ଼ ପାର୍ଥ ଜୋଶୀଙ୍କ ଅନୁସାରେ ବ୍ୟାୟାମ ଦ୍ୱାରା ମଧ୍ୟ କିଛି ନକରାତ୍ମକ ପରିସ୍ଥିତି ସୃଷ୍ଟି ହୁଏ, ଯାହା ପ୍ରତି କମ୍ ଲୋକଙ୍କ ଦୃଷ୍ଟି ଯାଇଥାଏ । ଯେପରି ଅଧିକ ବ୍ୟାୟାମ ବନ୍ଧ୍ୟାପଣର କାରଣ ମଧ୍ୟ ହୋଇପାରେ । ତେଣୁ ଏହି ଉର୍ବରାତ ବା ଫର୍ଟିଲିଟିର ହ୍ରାସ ପୁରୁଷ ବା ସ୍ତ୍ରୀମାନଙ୍କ ମଧ୍ୟରେ ଦେଖାଯାଇଥାଏ । ଏହାକୁ ଏମେନୋରିୟା ବା ରଜୋରୋଧ କୁହାଯାଏ । ଏହି ସ୍ଥିତିକୁ ସାମ୍ନା କରିବାକୁ ପଡ଼େ ଯେତେବେଳେ ମହିଳାମାନଙ୍କୁ ୩ ମାସ ପର୍ଯ୍ୟନ୍ତ ପିରିୟଡ୍ସ ଆସେନାହିଁ । ମହିଳାମାନଙ୍କର ଏପରି ସ୍ଥିତି ହେବାର କାରଣ ସେମାନେ ଶରୀରର ଆବଶ୍ୟକତା ଅନୁଯାୟୀ ଜରୁରୀ କ୍ୟାଲୋରୀ ଥିବା ଖାଦ୍ୟ ଖାଆନ୍ତି ନାହିଁ ଓ ନିୟମିତ ବ୍ୟାୟାମ କରନ୍ତି । ଶରୀରରେ କ୍ୟାଲୋରୀର ଅଭାବ ସିଧା ଉର୍ବତରା ଉପରେ ପଡ଼ିଥାଏ ତା ନୁହେଁ । ଯୌନ ଇଚ୍ଛା ଉପରେ ମଧ୍ୟ ଏହାର ପ୍ରଭାବ ପଡ଼େ । ଏହାବ୍ୟତି ଅତ୍ୟଧିକ ସ୍ୱାସ୍ଥ୍ୟ ଯୋଗୁଁ ଶରୀରରେ ଏଷ୍ଟ୍ରୋଜେନ୍ ହର୍ମୋନର ଉତ୍ପନ୍ନ ବୃଦ୍ଧି ପାଇଥାଏ, ଯାହାଦ୍ୱାରା ସ୍ତ୍ରୀର ପ୍ରଜନନ ପ୍ରଣାଳୀ ସହିତ ସଂଯୋଗ ଅଣ୍ଡା ଉତ୍ସର୍ଜନ ଓ ପିରିୟଡ୍ସ ଉପରେ ପ୍ରଭାବ ପଡ଼ିବା ଦ୍ୱାରା ବନ୍ଧ୍ୟାପଣର ବିପଦ ବଢ଼ିଯାଏ । ପୁରୁଷମାନଙ୍କ ମଧ୍ୟରେ ହେଭି ଟ୍ରେନିଂ ନେବା ସମୟରେ ଶରୀରରେ ଶୁକ୍ରାଣୁ ବା ସ୍ୱର୍ମ ସଂଖ୍ୟାରେ ହ୍ରାସ ପାଇଥାଏ । ଅଧିକ ସମୟ ବ୍ୟାୟାମ କରିବା ଯୋଗୁ ନା କେବଳ ସ୍ୱର୍ମର ସଂଖ୍ୟାରେ ହ୍ରାସ ପାଏ ତାହା ନୁହେଁ ରିପ୍ରଡକ୍ସନର କ୍ଷମତା ମଧ୍ୟ ହ୍ରାସ ପାଇଥାଏ ।



## ସୁସ୍ଥତାରୁ ନେଇ ସୌନ୍ଦର୍ଯ୍ୟ ପର୍ଯ୍ୟନ୍ତ ସମସ୍ତ ସମସ୍ୟାର ସମାଧାନ ଗୋଟାଏ : ମନ ଖୋଲି ହସନ୍ତୁ, ଦୂରେଇ ଯିବ ବହୁ ଅସୁବିଧା

ହସିଲେ ରୋଗ ମୁକ୍ତ ହେବା କଥାଟି ଆମେ ସମସ୍ତେ ପ୍ରାୟ ଶୁଣିଛନ୍ତି । ହେଲେ ଏହାକୁ କେତେ ମାତ୍ରାରେ କାମରେ ଲଗାଉଛେ ତାହା ହେଉଛି ଗୁରୁତ୍ୱପୂର୍ଣ୍ଣ କଥା । ହସ ଏକ ଏପରି ମହୋଷଧୀ ଯାହା ଦ୍ୱାରା କଠିନରୁ କଠିନତମ ରୋଗକୁ ଦୂରେଇ ଦିଆ ଯାଇପାରେ । ଅଧିକାଂଶ ପରିବାରରେ ବଡ଼ ପାଟି କରି ହସିବା ଉପରେ କଟକଣା ରହିଥାଏ । ମାତ୍ର ଅପଣ ଏପରି ଆଦୌ ବି କରନ୍ତୁ ନାହିଁ । ଯଦି ଆପଣଙ୍କ ଘରେ କେହି ଖୋଲା ହୃଦୟରେ ଶବ୍ଦ କରି ହସୁଛନ୍ତି ତେବେ ତାଙ୍କୁ ହସିବାକୁ ଦିଅନ୍ତୁ ଓ ନିଜେ ତାହାକୁ ଉପଭୋଗ କରନ୍ତୁ । ହସିବା ଦ୍ୱାରା ଏଣ୍ଡୋର୍ଫିନ ନାମକ ଏକ ହର୍ମୋନ୍ ଶରୀରରୁ ନିର୍ଗତ ହୋଇଥାଏ,



ଯାହାଦ୍ୱାରା ଆପଣ ଆନନ୍ଦ ଅନୁଭବ କରିଥାନ୍ତି । ଏହି ହର୍ମୋନ ଆପଣଙ୍କୁ ମାନସିକ ଚାପରୁ ମୁକ୍ତି ଦେଇଥାଏ ।

ହସିବା ଦ୍ୱାରା ମଣିଷ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ସବୁବେଳେ ହସୁଥିବା ଲୋକଙ୍କ କ୍ଷେତ୍ରରେ ହାର୍ଟ ଆଟାକ୍ ଓ ଷ୍ଟ୍ରୋକ୍ ସମ୍ଭାବନା ହ୍ରାସ ପାଇଥାଏ । ହସିବା ଦ୍ୱାରା ଆପଣଙ୍କ ଶରୀରରେ ରକ୍ତ ସଂଚାଳନ ବି ଠିକ୍ ହୋଇଥାଏ । ଯଦି ଆପଣଙ୍କୁ ନିଦ ଆସିବାରେ ସମସ୍ୟା ହେଉଛି ତ ଆପଣ ହସିବା ଆରମ୍ଭ କରିଦିଅନ୍ତୁ । ଭଲ ହସୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ନିଦ୍ରାହୀନତା ପରି ସମସ୍ୟା ପ୍ରାୟ କମ୍ ଦେଖା ଦେଇଥାଏ । ହସିବା କେବଳ ସ୍ୱାସ୍ଥ୍ୟ ନୁହେଁ, ବରଂ ସୌନ୍ଦର୍ଯ୍ୟ ପାଇଁ ବି ଜରୁରୀ । ଆପଣ ମନ ଖୋଲି ହସିଲେ ଆପଣଙ୍କ ତ୍ୱଚା ଉଜ୍ଜ୍ୱଳ ଦିଶିବ ।

## ମହାକାଶରେ ଭୋଜନାଳୟ



ବିଜ୍ଞାନର ଅଗ୍ରଗତି ସାଙ୍ଗକୁ ବିଳାସମୟ ଜୀବନ ବିତାଇବା ପାଇଁ ଲୋକଙ୍କ ପାଖରେ ନୂଆ ନୂଆ ଉପାୟ ଉପଲବ୍ଧ ହେବାରେ ଲାଗିଛି । ଏ ପରିପ୍ରେକ୍ଷୀରେ ଘୂର୍ଣ୍ଣାୟମାନ ନଭଶ୍ଚୁମ୍ବୀ ଭୋଜନାଳୟରେ ଭୋଜନ କରିବା କି ବିମାନରେ ଉଡ଼ି ବା ସମୁଦ୍ରରେ ବୁଡ଼ି ବିବାହ କରିବା ପରି ଅନେକ ଉଦାହରଣ ରହିଛି । ତେବେ ଏକ ଭାସମାନ ବେଲୁନ୍‌ରେ ବସି ମହାକାଶରେ ଖାଦ୍ୟ ଓ ପାନୀୟ ଉପଭୋଗ କରିବାର ଏକ ଅଭିନବ ଯୋଜନା ଏବେ ଚର୍ଚ୍ଚାର ବିଷୟ ହୋଇଛି । ଫରାସୀ ମହାକାଶ ପରିଚାଳନା କମ୍ପାନି 'ଜେଫାଲ୍‌ଟୋ' ଏହାର ପରିକଳ୍ପନା କରିଛି ।

ଏକ ବିଳାସପୂର୍ଣ୍ଣ ବେଲୁନ୍‌ରେ ବସି ମହାକାଶ ପରିଭ୍ରମଣ କରିବା ସହ ତା' ଭିତରେ ମଧ ଖାଦ୍ୟପେୟ ପରଷାଯିବାର ବ୍ୟବସ୍ଥା ରହିଛି । ବିମାନଯାତ୍ରା ଠାରୁ ଏହି ବେଲୁନ୍‌ଯାତ୍ରା ଅନୁଭୂତି ଭିନ୍ନ ସ୍ୱାଦର ରହିବ । କାରଣ ଯାତ୍ରୀବାହୀ ବିମାନଗୁଡ଼ିକ ସାଧାରଣତଃ ଭୂପୃଷ୍ଠରୁ ପ୍ରାୟ ୫ ମାଇଲ୍ ପର୍ଯ୍ୟନ୍ତ ଉପରେ ରହୁଥିବା ବେଳେ ଏହି ପ୍ରସ୍ତାବିତ ବେଲୁନ୍ ସାଢ଼େ ୧୫ ମାଇଲ୍ ଉଚ୍ଚରେ ଉଡ଼ିବାର ଲକ୍ଷ୍ୟ ରଖାଯାଇଛି । ଏହି ଉଚ୍ଚତାରେ ମହାକାଶର ଅନ୍ଧକାର ଅନୁଭୂତ ହୋଇଥାଏ । ତେଣୁ ମହାକାଶ ଅନ୍ଧକାରରୁ ବେଲୁନ୍ ଭିତରୁ ପୃଥିବୀର ମନୋରମ ଦୃଶ୍ୟକୁ ଅବଲୋକନ କରିବାର ମଜା ନିଆରା ରହିବ । ତିନି ଘଣ୍ଟାର ଏହି ଯାତ୍ରା ପାଇଁ ଟିକେଟ୍‌ର ମୂଲ୍ୟ ରହିଛି ୧,୩୨,୦୦୦ ଡଲାର ବା ଭାରତୀୟ ମୁଦ୍ରାରେ ପ୍ରାୟ କୋଟିଏ ୭୭ ଲକ୍ଷ ଟଙ୍କା । ଆସନ୍ତା ୨୦୨୫ ମସିହାରୁ ଆରମ୍ଭ ହେବାକୁ ଥିବା ଏହି ବିଳାସମୟ ପର୍ଯ୍ୟଟନ ପାଇଁ କମ୍ପାନି ଜୋରଦାର ପ୍ରସ୍ତୁତି ଚଳାଇଥିବା ବେଳେ ବର୍ଷକୁ ମାତ୍ର ୬୦ ଜଣଙ୍କ ପାଇଁ ଏପରି ସୁବିଧା ଉପଲବ୍ଧ ହୋଇପାରିବ ବୋଲି ଜଣାଯାଇଛି । ବେଲୁନ୍‌କୁ ସୁରକ୍ଷିତ ଓ ନିରାପଦରେ ଉଡ଼ାଇବା ପାଇଁ ସେଥିରେ ଦୁଇ ଜଣ ପାଇଲଟ୍ ରହିବେ । ଯାତ୍ରୀଙ୍କୁ କୌଣସି ପ୍ରକାର ତାଲିମ ନେବାକୁ ପଡ଼ିବ ନାହିଁ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୦୮ ମଇ ୨୦୨୩, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଅର୍ଥନୈତିକ ଦୂରାବସ୍ଥା...

ସମଗ୍ର ବିଶ୍ୱରେ ଅନେକ ବଡ଼ ବଡ଼ ଅର୍ଥନୀତି ଅର୍ଥାତ୍ ବିକଶିତ ରାଷ୍ଟ୍ରମାନଙ୍କ ଅର୍ଥନୀତିର ଅବସ୍ଥା ପ୍ରଥମେ ମହାମାରୀ କୋଭିଡ୍-୧୯ କାରଣରୁ ଏବଂ ପରେ ପରେ ରୁଷିଆର ୟୁକ୍ରେନ୍ ବିରୁଦ୍ଧରେ ଯୁଦ୍ଧ ଯୋଗୁଁ ଖରାପ ଅବସ୍ଥା ଦେଇ ଗତି କରୁଛି । କିଛି ରାଷ୍ଟ୍ର, ବିଶେଷକରି ବିକାଶଶୀଳ ରାଷ୍ଟ୍ରମାନଙ୍କ ମଧ୍ୟରୁ ଭାରତ ଭଳି କେତେକ ଯଦିଓ ଏସବୁ ଦ୍ୱାରା ପ୍ରଭାବିତ ହୋଇଥିଲେ ମଧ୍ୟ ଧୀରେ ଧୀରେ ମୁଣ୍ଡ ଟେକି ଉଠିବାର ଉଦ୍ୟମରେ ସଫଳ ହେଉଛନ୍ତି, ତେବେ ମୋଟାମୋଟି ଜଗତୀକରଣର ଯୁଗରେ ଅନ୍ୟ ରାଷ୍ଟ୍ରମାନଙ୍କ ଅବସ୍ଥାର ପ୍ରଭାବ ସେମାନଙ୍କ ଉପରେ ନଈ ବଢ଼ିଲେ ଦୁଇ କୂଳ ଖାଇବା ପରି ପଡ଼ି ଚାଲିଛି । ଅବସ୍ଥାରେ ସୁଧାର ଆଣିବା ନିମନ୍ତେ ଅଧିକାଂଶ ରାଷ୍ଟ୍ରର କେନ୍ଦ୍ରୀୟ ବ୍ୟାଙ୍କରମାନେ ଲୋହିତ ଝଣ୍ଡା ହଲାଇବାକୁ ଆରମ୍ଭ କରିଛନ୍ତି, ଯେତେବେଳେ କି ବୈଦ୍ଧିକ ଅର୍ଥନୀତି ଧୀରେ ଧୀରେ, ଅଥଚ ନିଶ୍ଚିତ ଭାବରେ ଶେଷରେ କଠିନ ଅବସ୍ଥାକୁ ଆମନ୍ତ୍ରଣ କରି ଆଣିବା ଭଳି ସମ୍ଭାବନାର ସହିତ ହାତରୁ ଅଣ ଆୟତ୍ତ ହେବା ଢଙ୍ଗରେ ଖସିବାକୁ ଆରମ୍ଭ କରିଛି । ମାତ୍ର ବର୍ଷକରୁ ସାମାନ୍ୟ ଅଧିକ ସମୟ ପୂର୍ବରୁ ଯୁକ୍ତରାଷ୍ଟ୍ର ଆମେରିକାର ଫେଡେରାଲ ରିଜର୍ଭ ନେତୃତ୍ୱାଧୀନ ଉନ୍ନତ ଅର୍ଥନୀତିମାନଙ୍କ ଆର୍ଥିକ କର୍ତ୍ତୃପକ୍ଷମାନେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣାଧୀନ କରିବା ଉଦ୍ଦେଶ୍ୟରେ ଦ୍ରୁତ ଗତିରେ ସୁଧ ହାରଗୁଡ଼ିକୁ ବଢ଼ାଇ ଚାଲିଲେ, ଯାହାର ପରିଣତି ସ୍ୱରୂପ ବିଗତ ୪୦ ବର୍ଷ ଭିତରେ ଦେଖା ଯାଇ ନଥିବା ସର୍ବାଧିକ ଦ୍ରୁତ ବେଗରେ ସୁଧ ହାର ବୃଦ୍ଧି ଆରମ୍ଭ ହେଲା । ଏବେ ଅନେକଙ୍କ ଦ୍ୱାରା ଆଶା କରାଯାଉଥିବା ବିରାମ ବୋତାମ ଚିପିବା ଆଗରୁ ଫେଡେରାଲ ପୁଣିଥରେ ସୁଧ ହାର ବଢ଼ାଇବାକୁ ଯାଉଥିବା କଥା ଜଣାପଡ଼ିଛି ନିକଟରେ । ତେବେ ହାତରୁ ବେଳକୁ ବେଳ ଖସି ଯାଉଥିବା ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ବର୍ଷିତ ସୁଧ ହାର ସମର୍ଥ ହେବା ଆଗରୁ ତାହା ଯୁକ୍ତରାଷ୍ଟ୍ର ଆମେରିକାରେ ନିହାତି କମ୍‌ରେ ତିନିଗୋଟି ଆଞ୍ଚଳିକ ବ୍ୟାଙ୍କ ଭୁଶୁଡ଼ି ପଡ଼ିବାର କାରଣ ହୋଇ ସାରିଛନ୍ତି । ଏକଥା ଅବଶ୍ୟ ସତ ଯେ ଆମେରିକୀୟ ବ୍ୟାଙ୍କମାନଙ୍କର ଏଇ ବିଫଳତା ରୂପକ ସଂକ୍ରାମକ ରୋଗ ଅନ୍ୟ ଦେଶମାନଙ୍କ ବ୍ୟାଙ୍କଗୁଡ଼ିକୁ ସଂକ୍ରମିତ ହେବାର ସମ୍ଭାବନା କ୍ଷୀଣ, ତଥାପି ଭାରତରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏ ବାବଦରେ କୌଣସି ସୁଯୋଗ ଦେବାକୁ ଚାହୁଁନାହିଁ । ସେଥିପାଇଁ ଆରବିଆଇର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଭାରତୀୟ ବ୍ୟାଙ୍କମାନଙ୍କୁ ସେମାନଙ୍କ ନିଜ ନିଜର ଗଚ୍ଛିତ ପାଣ୍ଠିର ହିସାବକୁ ସମ୍ପୂର୍ଣ୍ଣ ଅଧୁନାତନ କରି ରଖୁବାକୁ ପରାମର୍ଶ ଦେଇଛନ୍ତି, ଯଦ୍ୱାରା ଯେ କୌଣସି ପ୍ରକାରର ଚିନ୍ତାଜନକ ପରିସ୍ଥିତି ଉପୁଜିଲେ ମଧ୍ୟ ତା'ର ମୁକାବିଲା କରିବାକୁ ସେମାନଙ୍କ ହାତରେ ପ୍ରଚୁର ପରିମାଣରେ ନଗଦ ଅର୍ଥ ରହିଥିବ । ଆରବିଆଇ ମଧ୍ୟ ଯେ କୌଣସି ପ୍ରକାରର ସମ୍ଭାବ୍ୟ ବିପଦକୁ ଚିହ୍ନଟ କରିବା ନିମନ୍ତେ ବ୍ୟାଙ୍କମାନେ ଯେଉଁ ପ୍ରକାରର ବ୍ୟବସାୟିକ ଢାଞ୍ଚାମାନ ଉପଯୋଗ କରୁଛନ୍ତି, ତାଙ୍କୁ ଅତି ନିକଟରୁ ନିରୀକ୍ଷଣ କରିବା ଦେଖିବାର ଉଦ୍ଦେଶ୍ୟ ପୋଷଣ କରୁଛି । ନିକଟ ଅତୀତରେ ଆରବିଆଇର ଗଭର୍ଣ୍ଣର ବିଶ୍ୱ ବ୍ୟାଙ୍କ-ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ବାର୍ଷିକ ବୈଠକରେ କହିଥିଲେ ଯେ ଆମେରିକାର ଆର୍ଥିକ ଆଘାତଗୁଡ଼ିକ ଦ୍ୱାରା ଭାରତୀୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ପ୍ରଭାବିତ ହେବନାହିଁ । ଆରବିଆଇ ଦ୍ୱାରା କରାଯାଇଥିବା ପରୀକ୍ଷାଗୁଡ଼ିକର ଫଳାଫଳ ପ୍ରଦର୍ଶନ କରିଛନ୍ତି ଯେ ୪୬ଟିଯାକ ଅନୁସୂଚୀତ ବ୍ୟବସାୟିକ ବ୍ୟାଙ୍କ ମଧ୍ୟରୁ କୌଣସି ଗୋଟିଏ ହେଲେ ବ୍ୟାଙ୍କ ଯେତେ କଷ୍ଟକର ପରିସ୍ଥିତି ଆସିଲେ ସୁଦ୍ଧା ବେସେଲ ୩ ମାନକ ଅଧୀନରେ ୯ ପ୍ରତିଶତର ସର୍ବନିମ୍ନ ପାଣ୍ଠି ଆବଶ୍ୟକତାକୁ ଭଙ୍ଗ କରିବେ ନାହିଁ । ତେବେ ଆଜି ଯାହା କାଗଜ କଲମରେ ଭଲ ପରିସ୍ଥିତି ବା ସମ୍ଭାବନାପୂର୍ଣ୍ଣ ବୋଲି ମନେ ହେଉଛି, ତାହା କାଲିକି ଯଦି ବୈଶ୍ୱିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଘୋର ସଂକଟଜନକ ପରିସ୍ଥିତି ଉପୁଜେ, ତା'ହେଲେ ସେହିଭଳି ଭଲ ଅବସ୍ଥାରେ ରହିବ ବୋଲି କିଛି ନିଶ୍ଚିତତା ନାହିଁ । ବୈଶ୍ୱିକ ପରିସ୍ଥିତି ବାଦ୍ ମଧ୍ୟ ରହିଛି ଘରୋଇ ଅବସ୍ଥା । ଗତ ବର୍ଷ ସେପ୍ଟେମ୍ବର ମାସରେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଋଣ ବୃଦ୍ଧିର ପରିମାଣ ୧୭.୫ ପ୍ରତିଶତକୁ ବୃଦ୍ଧି ପାଇଥିଲା । ଏହି ରେକର୍ଡ ଶେଷ ଥର ପାଇଁ ୨୦୧୧ ଡିସେମ୍ବରରେ ଦେଖା ଯାଇଥିଲା । ଅତୀତର ଅନୁଭୂତିରୁ ସରକାର ଶିକ୍ଷା କରିବାର ଆବଶ୍ୟକତା ରହିଛି ଯେ ନବୁଝି ନଶୁଝି ଯାହାକୁ ପାରେ ତାକୁ ଋଣ ଦେବା ଅଧିକ ବିପଦକୁ ଆମନ୍ତ୍ରଣ କରି ଆଣିପାରେ । ଦେଶରେ ବ୍ୟାଙ୍କମାନେ ବର୍ତ୍ତମାନ ସୁଦ୍ଧା ଏମିତିରେ ବି ଏତେ ପରିମାଣର ଋଣ ପ୍ରଦାନ ବୋଝରେ ଭାରାକ୍ରାନ୍ତ ହୋଇ ରହିଛନ୍ତି ଯେ ସେମାନଙ୍କ ଖାତାକୁ ପରିଷ୍କାର କରିବାକୁ ଢେର୍ ଦିନ ଲାଗିଯିବ । ଋଣ ଆଦାୟର ପରିମାଣ ଆର୍ଥିକ ବର୍ଷ ୨୦୨୦ରେ ୨.୩୩ ଲକ୍ଷ କୋଟି ଏବଂ ଆର୍ଥିକ ବର୍ଷ ୨୦୧୯ରେ ୨.୩୮ ଲକ୍ଷ କୋଟି ଟଙ୍କା ଥିବା ବେଳେ ସମ୍ପ୍ରତି ଏହାର ପରିମାଣ ମାତ୍ର ୧.୫୯ ଲକ୍ଷ କୋଟି ଟଙ୍କା ହୋଇଛି । ଏବେ ସେମାନେ ଯେତିକି ପରିମାଣର ଋଣ ଦେଇଛନ୍ତି, ସେଥିରୁ ଅନ୍ତତଃ ୪୦ ପ୍ରତିଶତ ଆଦାୟ କରନ୍ତୁ ବୋଲି ଅର୍ଥ ମନ୍ତ୍ରଣାଳୟ ଚାହୁଁଛି । କିନ୍ତୁ ଏହା ଏତେ ସହଜ କଥା ହେବାକୁ ଯାଉନାହିଁ ବୋଲି କହିବା ଅତିରଞ୍ଜନ ହେବନାହିଁ । ତେଣୁ ବ୍ୟାଙ୍କଗୁଡ଼ିକ ତଥା ଆର୍ଥିକ ନିୟନ୍ତ୍ରକମାନେ ସେମାନଙ୍କର ଧାନକୁ ଅଧିକ ପରିମାଣରେ ଋଣ ଆଦାୟ ଏବଂ କମ୍ ପରିମାଣରେ ଋଣ ଛାଡ଼ ବ୍ୟବସ୍ଥା ଉପରେ ନିବେଶ କରିବା ଉଚିତ ।

# ଭାରତ - ଚୀନ୍ -ସୀମାନ୍ତ ଚିନ୍ତା



**ଡକ୍ଟର ଲକ୍ଷ୍ମଣ ସାହୁ**

କିଛି ସମୟ ପାଇଁ ଭାରତ - ଚୀନ୍ ସୀମାରେ ଉତ୍ତେଜନା ବୃଦ୍ଧି ପାଉଛି । ବିଶେଷ କରି ତାୱାଙ୍ଗ ଘଟଣା ପରେ ପରେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଭାରତୀୟ ସେନାର ସୈନିକମାନେ କେବଳ ସାହସର ସହିତ ତାୱାଙ୍ଗରେ ଚୀନ୍ ଅନୁପ୍ରବେଶକୁ ରୋକି ନାହାଁନ୍ତି । ବରଂ ତାଙ୍କର ଶକ୍ତି ଏବଂ ସାହସର ଅଭୁତ ପ୍ରଦର୍ଶନ କରିଛନ୍ତି । ଏହି କାରଣରୁ ସାଧାରଣ ଲୋକଙ୍କ ମଧ୍ୟରେ ଭାରତୀୟ ସେନାର ଗର୍ବ ବୃଦ୍ଧି ପାଇଛି । ଦେଶବାସୀଙ୍କର ସେମାନଙ୍କ ଉପରେ ଆତ୍ମବିଶ୍ୱାସ ମଧ୍ୟ ଜାଗ୍ରତ ହୋଇଛି । ତଥାପି ଦେଶର ସୁରକ୍ଷା ଦୃଷ୍ଟିରୁ ସାଧାରଣ ଲୋକଙ୍କ ମନରେ କିଛି ଚିନ୍ତା ଅଛି । ଖବର ଆସିଥିଲା ? ଯେ ଚୀନ୍ ସୈନିକମାନେ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଛନ୍ତି । ଗତ ବର୍ଷ ଭାରତୀୟ ସୀମାରେ ପ୍ରବେଶ କରିଥିବା ଏବଂ ପ୍ରାୟ ଦୁଇରୁ ପଚାଶ ବର୍ଗ କିଲୋମିଟର ଜମି ଦଖଲ କରିଥିବା ସୈନିକମାନଙ୍କ ମଧ୍ୟରୁ ଭାରତ ଏପର୍ଯ୍ୟନ୍ତ ଚୀନ୍ ସୈନିକମାନଙ୍କୁ ବାହାର କରିବାରେ ସକ୍ଷମ ହୋଇ ନାହିଁ । ଚୀନ୍ ଓ ଭାରତୀୟ ସାମରିକ ଅଧିକାରୀଙ୍କ ମଧ୍ୟରେ ବାରମ୍ବାର ବୈଠକ ଚାଲିଛି ।

ଏହା ମଧ୍ୟ ସହମତ ହୋଇଥିଲା ଯେ ଭବିଷ୍ୟତରେ ଯଦି ଚୀନ୍ ଏବଂ ଭାରତୀୟ ସୈନିକଙ୍କ ମଧ୍ୟରେ ନିଜ ନିଜ ସୀମାର ସୁରକ୍ଷାକୁ ନେଇ କୌଣସି ପାର୍ଥକ୍ୟ କିମ୍ୱା ବିବାଦ ଥାଏ, ତେବେ ଉଭୟ ପକ୍ଷରୁ ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯିବ ନାହିଁ । ୱାନି କେବଳ ଶାରୀରିକ ଶକ୍ତି ଦ୍ୱାରା ପରସ୍ପରକୁ ରୋକିବାକୁ ଚେଷ୍ଟା କରିବେ । ବୃଦ୍ଧାବସ୍ଥାକୁ ରୋକିବା ଦୃଷ୍ଟିକୋଣରୁ ଏହି ଚୁକ୍ତି ଉପଯୋଗୀ ହୋଇପାରେ । କିନ୍ତୁ ଭାରତୀୟ ସୀମାର ପୁରୁଣା ଅଧିକୃତ ଜମିକୁ ଫେରାଇ ଆଣିବା ଦୃଷ୍ଟିକୋଣରୁ ଏହା ଉପଯୋଗୀ ନୁହେଁ । ୧୯୬୨ ମସିହାରେ ଚୀନ୍ ଭାରତ ଉପରେ ଆକ୍ରମଣ କରି ହଜାର ହଜାର କିଲୋମିଟର ଭାରତୀୟ ଜମି ଦଖଲ କରିଥିଲା ? ଯାହାକି ଚୀନ୍ ଅଧୀନରେ ଅଛି । ଏବେ ମଧ୍ୟ ଭାରତ ସେହି ଜମିକୁ ଫେରାଇ ଆଣିପାରି ନାହିଁ ।

ପ୍ରାୟ ତେଇଶ ବର୍ଷ ଧରି କୂଟନୈତିକ ସମ୍ପର୍କ ସମେତ ଚୀନ୍ ଓ ଭାରତ ମଧ୍ୟରେ ସମ୍ପର୍କ ଭାଙ୍ଗି ରହିଛି । ଯଦିଓ ଚୀନ୍ ଓ ଭାରତ ନିଜ ନିଜ ଦୂତାବାସ ବନ୍ଦ କରିନାହାଁନ୍ତି । କିନ୍ତୁ ସଂପର୍କରେ ଏକ ତୀବ୍ର ପ୍ରତିବନ୍ଧକ ସୃଷ୍ଟି ହୋଇଛି । ଏହା ସତ୍ୟ ଯେ ୧୯୭୮ ମସିହାରେ ପ୍ରାୟ ଷୋହଳ ବର୍ଷ ପରେ ପ୍ରଥମ ଥର ପାଇଁ ଭାରତର ତତ୍କାଳୀନ ବୈଦେଶିକ ବ୍ୟାପାର ମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଚୀନ୍ ଗସ୍ତ କରିଥିଲେ । ସେତେବେଳେ ମଧ୍ୟ ଚୀନ୍ ଭାରତ ସରକାରଙ୍କୁ ଏହାର ଉଦ୍ଦେଶ୍ୟ ସ୍ପଷ୍ଟ କରି ଦେଇଥିଲା । ତା'ପରେ ଚୀନ୍ ଭିଏତନାମ ଉପରେ ଆକ୍ରମଣ କରିଥିଲା । ଯାହାର ପ୍ରତିକ୍ରିୟା ଅନ୍ତର୍ଜାତୀୟ ସ୍ତରରେ ଅତ୍ୟନ୍ତ ତୀକ୍ଷ୍ଣ ଥିଲା । ଏହାର ଆଠ ବର୍ଷ ପରେ ୧୯୮୫-୮୬ ମସିହାରେ ଚୀନ୍ ଗସ୍ତରେ ଆସିଥିବା ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ଥିଲେ । ଏହା ସମ୍ଭବ ଯେ ଚୀନ୍ ପ୍ରତି ଆମେରିକାର ପରିବର୍ତ୍ତନ ନୀତି ଏହି ପରିଦର୍ଶନକୁ ଉତ୍ସାହିତ କରିଛି ।

ବାସ୍ତବରେ ଆମେରିକା ଦଶନ୍ଧି ପୂର୍ବରୁ ଏହାର ବୈଦେଶିକ ନୀତି ସ୍ଥିର କରେ ଏବଂ ବିଶ୍ୱର ମନକୁ ସେହି ଦିଗରେ ପରିଣତ କରେ । ୧୯୯୧ ରେ ସ୍ୱର୍ଗତ ନରସିଂହ ରାଓ ଗଠନ ଏବଂ ଆନ୍ତର୍ଜାତୀୟ ପୁଞ୍ଜିବାଦର ଡକ୍ୟୁମେଣ୍ଟ ଡବ୍ଲୁଟିଏଚଓ ଚୁକ୍ତିନାମା ସ୍ୱାକ୍ଷର ହେବା ପରେ ଭାରତ ଏହାର ବୈଦେଶିକ ନୀତିକୁ ଓଲଟପାଲଟ କରିଦେଇଥିଲା । ୧୯୯୧ ପରେ ଭାରତ 'ଲୁକ୍ ଟୁ ଇଷ୍ଟ' ବୈଦେଶିକ ନୀତି ସ୍ଥିର କଲା । ପାଶ୍ଚାତ୍ୟ ବଦଳରେ ମୁଖ୍ୟତଃ ଚୀନ୍, ବର୍ମା, ବାଂଲାଦେଶ, ନେପାଳ ଇତ୍ୟାଦି ବୈଦେଶିକ ନୀତିର ଲକ୍ଷ୍ୟ ଥିଲା । ଆମେରିକା ଚୀନ୍ ସହିତ ଭାଙ୍ଗିଥିବା ବାଣିଜ୍ୟ ସମ୍ପର୍କକୁ ପୁନଃ ଆରମ୍ଭ କରିବା ଯୋଗୁଁ ଚୀନ୍ ପାଇଁ ଏହାର ବଜାର ଖୋଲିଲା । ଅନ୍ୟପକ୍ଷରେ ଚୀନ୍ ଆମେରିକା ପାଇଁ ନିଜର ବଜାର ଖୋଲିଛି । ବିଶ୍ୱ ସ୍ତରରେ ଏକ ନୂତନ ନୀତି ଆରମ୍ଭ ହୋଇଥିଲା ଯାହା କେବଳ ବାଣିଜ୍ୟ ଅନ୍ତର୍ଜାତୀୟ ସମ୍ପର୍କ ଏବଂ ବୈଦେଶିକ ନୀତି ପାଇଁ ଏକ ଶକ୍ତିଶାଳୀ ମାର୍ଗ ସୃଷ୍ଟି କରିପାରିବ ।

ଏହାର ଗୋଟିଏ ଫଳାଫଳ ହେଲା ଚୀନ୍ ଶସ୍ତା ବଜାରରେ ବିଶ୍ୱ ବଜାରରେ ପ୍ରବେଶ ବିସ୍ତାର କରିଥିଲା । ଯେହେତୁ ଚୀନ୍ ଏକ ଅର୍ଥରେ ସ୍ୱାଧୀନତା ବା ଏକଛତ୍ରବାଦୀ ଶାସନ, ତେଣୁ ଏହା ଶ୍ରମର ମୂଲ୍ୟକୁ ଶସ୍ତା ରଖେ । ସେଥିପାଇଁ ଚୀନ୍ ଶସ୍ତା ସାମଗ୍ରୀ ତିଆରି କରିବାରେ ସଫଳ ହୋଇଥିଲା ଓ ଏହାର ଶସ୍ତା ସାମଗ୍ରୀ କେବଳ ଆମେରିକା ନୁହେଁ ବିଶ୍ୱର ଏକ ବୃହତ କ୍ଷେତ୍ରକୁ ମଧ୍ୟ କାବୁ କରିଥିଲା ? ଚୀନ୍‌ର ଆର୍ଥିକ ସମୃଦ୍ଧତା ଚୀନ୍‌କୁ ଏହାର ପୁଞ୍ଜି ଓ ପ୍ରଭାବ ବିସ୍ତାର କରିବାର ସୁଯୋଗ ଦେଇଛି । ଚୀନ୍ ମଧ୍ୟ ଏକ ଉପାୟରେ ବିଶ୍ୱସ୍ତରୀୟ ଋଣ ଦେବା ଆରମ୍ଭ କଲା । ଏପରିକି ଶ୍ରୀଲଙ୍କା, ପାକିସ୍ତାନ, ନେପାଳ, ବାଂଲାଦେଶ ଓ ବିଶ୍ୱର ଅନେକ ଦେଶକୁ ଏହାର ପ୍ରଭାବରେ ଆର୍ଥିକ, ସାମରିକ ଓ କୂଟନୈତିକ ସହାୟତା ଓ ଋଣ ଦେଇ ନେଇଥିଲା । ଅଲିଙ୍କ ସମର୍ଥନରେ ନିକଟରେ ନେପାଳରେ ପ୍ରଧାନମନ୍ତ୍ରୀ ହେବାରେ ଚୀନ୍ ସ୍ପଷ୍ଟ ଭାବେ ପଛରେ ଥିବାବେଳେ ଅଲି ପରସ୍ପର ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଚୀନ୍‌ର ଅର୍ଥନୈତିକ କ୍ଷମତା ଏତେ ବୃଦ୍ଧି ପାଇଛି ଯେ ଏହା ଆମେରିକାରେ ମଧ୍ୟ ପ୍ରତିଯୋଗିତା ଓ ଆର୍ଥିକ ସହାୟତା ଦେବା ଆରମ୍ଭ କରିଛି । ବିଶ୍ୱରେ ଅର୍ଥ ଓ ସାମରିକ ଶକ୍ତି ଆଧାରରେ ଆମେରିକାର ପୂର୍ବରୁ ଯେଉଁ ପ୍ରଭାବ ଓ ଚାପ ରହିଥିଲା, ତାହା ଚୀନ୍ ଦ୍ୱାରା ଅଧିକୃତ ହୋଇଛି । ୟୁରୋପର ବଜାରକୁ ପ୍ରବେଶ କରିବାକୁ ଚୀନ୍ 'ୱାନ୍ ବେଲ୍ଟ ୱାନ୍ ରୋଡ୍' ଯୋଜନା ଆରମ୍ଭ କଲା ଓ ଚୀନ୍‌ରୁ ଇରାନ ପର୍ଯ୍ୟନ୍ତ ଏକ ରାସ୍ତା ତିଆରି କରି ଏହାର ବଜାରରେ ପହଞ୍ଚିବା ପାଇଁ ଯୋଜନା ପ୍ରସ୍ତୁତ କଲା । ଏହି ଯୋଜନାରେ ଚୀନ୍ ବହୁତ ଅଗ୍ରଗତି କରିଛି । କିନ୍ତୁ ଭାରତୀୟ ବୈଦେଶିକ ନୀତି ନିର୍ମାତାମାନେ ଏ ବାବଦରେ କୌଣସି ଠୋସ୍ ଚିନ୍ତା କରିନାହାଁନ୍ତି । ବରଂ ପାଶ୍ଚାତ୍ୟକୁ ପ୍ରାୟ ଅବହେଳା କରିଛନ୍ତି । ଫଳସ୍ୱରୂପ, ପାକିସ୍ତାନ, ଆଫଗାନିସ୍ତାନ, ଇରାନ ପର୍ଯ୍ୟନ୍ତ ଚୀନ୍‌ର ଅନୁପ୍ରବେଶ ଘଟିଛି ।

ଅନ୍ୟପକ୍ଷରେ ଏକ ଦୟାଳୁ ତତ୍ତ୍ୱ ଅନୁଯାୟୀ ଭାରତ ଏହାର ଜାତୀୟ ସୀମା ପ୍ରତ୍ୟାହାର ଓ ନିରାପତ୍ତା ଉପରେ ଧ୍ୟାନ ହ୍ରାସ କରିଛି । ଭାରତର ନୀତି ନିର୍ମାତାମାନେ ଭାବିଥିଲେ ଯେ ଚୀନ୍ ଏହାର ବାଣିଜ୍ୟିକ ଏବଂ ଅର୍ଥନୈତିକ ସ୍ୱାର୍ଥ ପାଇଁ ଅଧିକ ଅନୁପ୍ରବେଶ କରିବ ନାହିଁ । ୧୯୯୦ ଦଶକ ପୂର୍ବରୁ ଭାରତ-ଚୀନ୍ ସୀମା ବିବାଦର ସମାଧାନ ପାଇଁ ଏକ ଶାସକ ବୌଦ୍ଧିକ ମୁଖ ପାତ୍ର କହିବା ଆରମ୍ଭ କଲା ଯେ ଭାରତ ଓ ଚୀନ୍ ମଧ୍ୟରେ ସୀମା ରେଖା ବ୍ରିଟିଶ୍ ଦ୍ୱାରା ଅଙ୍କାଯାଇଥିଲା ଯାହାକୁ 'ମ୍ୟାକମାହନ୍ ଲାଇନ୍' କୁହାଯାଏ । ଦିଆଯିବା ଉଚିତ କି ନୁହେଁ । ଜମି ଯାହାର ନିୟନ୍ତ୍ରଣରେ ତାଙ୍କର ଅଧିକାର ଗ୍ରହଣ କରାଯିବା ଉଚିତ୍ । ଅର୍ଥାତ୍ ୧୯୬୨ରୁ ଚୀନ୍ ଦଖଲ କରିଥିବା ଭାରତର ପ୍ରାୟ ୩୦-୪୦ ହଜାର ବର୍ଗ କିଲୋମିଟର ଜମି ଚୀନ୍ ଭାବରେ ଗ୍ରହଣ କରାଯିବା ଉଚିତ୍ ନୁହେଁ । ଚୁକ୍ତି ନାମରେ କିମ୍ୱା ବାଣିଜ୍ୟ ନାମରେ ଏହା ସିଧାସଳଖ ଭାରତୀୟ ଜମିର ଆତ୍ମସମର୍ପଣ ।

ଏଠାରେ ଉଲ୍ଲେଖନୀୟ ଯେ ରାମ ମନୋହର ଲୋହିଆ । 'ମ୍ୟାକମାହନ୍ ଲାଇନ' ମଧ୍ୟ ବ୍ରିଟିଶମାନଙ୍କ ଦ୍ୱାରା ଅଙ୍କାଯାଇଥିବା ଭୁଲ ରେଖା ଭାବରେ ବିବେଚନା କରାଯାଉଥିଲା ଓ ଏହାକୁ ପ୍ରକୃତ ସୀମା ଭାବରେ ବିବେଚନା କରାଯାଇନଥିଲା । ସେମାନେ କହୁଥିଲେ ଯେ ଭାରତ ଓ ଚୀନ୍ ମଧ୍ୟରେ ସୀମା ରେଖା 'ମ୍ୟାକମାହନ୍ ଲାଇନ୍' ଠାରୁ ଆଗରେ ଅଛି । ଯେଉଁଥିରେ ସମଗ୍ର ହିମାଳୟ ଓ ଏହାର ପରବର୍ତ୍ତୀ ପର୍ଯ୍ୟନ୍ତ ମାନସରୋବର ସମେତ ଭାରତୀୟ ଭୂମି ଅଛି । ଇତିହାସରେ ଏହାର ପ୍ରମାଣ ଅଛି । କିନ୍ତୁ ଭାରତୀୟ ଶାସକମାନେ ଭାରତର ପ୍ରାଚୀନ ବିଭାଜନ ରେଖା ଦେଇଛନ୍ତି । ତିନି ଶହ ବର୍ଷ ପରେ ମଧ୍ୟ ବ୍ରିଟିଶମାନଙ୍କ ଦ୍ୱାରା ଅଙ୍କାଯାଇଥିବା 'ମ୍ୟାକମାହନ୍ ଲାଇନ' ସେମାନଙ୍କର ସୁବିଧା ଆଖି ଆଗରେ ରଖି ସେମାନେ ୧୯୬୨ ମସିହାରେ 'ଲାଇନ୍ ଅଫ୍ କଣ୍ଟ୍ରୋଲ୍' ନାମରେ ଭାରତର ଦଖଲ ବିଷୟରେ ଭୁଲି ଯାଇଛନ୍ତି । ଏହି ବାକ୍ୟାଂଶ ସହିତ ଚାଇନିଜ୍ ମାନଙ୍କୁ ଗ୍ରହଣ କରିବା ପାଇଁ ଏକ ମାନସିକତା ସୃଷ୍ଟି କରିବା ଆରମ୍ଭ କରିଛନ୍ତି । କିନ୍ତୁ ଚୀନ୍‌ର ବିସ୍ତାରବାଦୀ ତଥା ସାମ୍ରାଜ୍ୟବାଦ ନୀତି ବନ୍ଦ ହେବ ନାହିଁ । ବଜାରର ଅର୍ଥନୈତିକ ଶକ୍ତି ସେମାନଙ୍କ ମଧ୍ୟରୁ ଜନ୍ମ ହୋଇଥିବା ରାଜ୍ୟଗୁଡ଼ିକର ଏକମାତ୍ର ଲକ୍ଷ୍ୟ ହେଉଛି ଲାଭ ପାଇବା ଓ କ୍ଷମତା ଉପଭୋଗ କରିବା ।

ଅତୀତରେ ଭାରତ ସରକାର ଚୀନ୍ ଉପରେ ଅନେକ ପ୍ରତିବନ୍ଧକ ଲଗାଇଛନ୍ତି । ସେମାନଙ୍କ ଆପ୍ ବନ୍ଦ କରି ଦେଇଛନ୍ତି । ଭାରତର ବ୍ୟବସାୟିକ ସଂଗଠନଗୁଡ଼ିକ ଚାଇନାର ସାମଗ୍ରୀକୁ ଉଚ୍ଚ ସ୍ୱରରେ ବର୍ଜନ କରିଛନ୍ତି । ଏହା ପ୍ରାୟ ତିନି ଗୁଣ ବୃଦ୍ଧି ହୋଇ ୯.୫ ଲକ୍ଷ କୋଟି ଟଙ୍କା ହୋଇଛି । ଅର୍ଥାତ୍ ଏହା ସ୍ପଷ୍ଟ ଯେ ବୈଠକର ସ୍ଲୋଗାନ କେବଳ ପ୍ରତାରଣା ପାଇଁ । ଦେଶ ସାବଧାନ ହେବା ଉଚିତ୍, ନଚେତ୍ ବାଦ ବିବାଦ ସମସ୍ୟା ଗୁଡ଼ିଏ ଠୁଳ ହେବ । ସମସ୍ୟା ସମାଧାନ ନହୋଇ ଶାସକମାନେ ରହିବେ । କିନ୍ତୁ ଦେଶର ସୀମା ହ୍ରାସ ପାଇବ..!!!

+ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪
ମୋ: ୯୦୪୦୧୫ ୧୪୭୫

# ଦେଶର ଏକ ନମ୍ବର ନାଗରିକ ନିଶା ନିବାରଣ ପାଇଁ ବାର୍ତ୍ତା ଦେଲେ: ରାଜ୍ୟର ଏକ ନମ୍ବରଙ୍କ ଏହା ଉପରେ ମତ ଦେବେ କି ?

**ସୁବ୍ରତ କର**



ଦେଶର ମାନନୀୟ ରାଜଷ୍ଟ୍ରପତି ମୟୁରଭଞ୍ଜ ୩ ଦିନିଆ ଗସ୍ତରେ ଆସି ବେଶ୍ କିଛି ଲୋକଙ୍କ ମନରେ ଛାପ ରଖିଗଲେ । ନିଜର ଜନ୍ମମାଟିରେ ରହି ଲୋକଙ୍କୁ ବୁଝାଇ ଦେଲେ ତାଙ୍କ ପାଇଁ ରାଇସାନିଆ ପେଲେସ ଯାହା ରାଇରଙ୍ଗପୁରରେ ନିଜର ଘର ସେଇଆ । କିଛି ତାଙ୍କୁ ଫରକ ପଡ଼ିନି ନିଜର ଆତ୍ମୀୟ ସ୍ୱଜନ ସାଙ୍ଗରେ ମିଶିବାକୁ ଆରମ୍ଭ କରି । ଘରୁଆ କଥା ହେବାରେ, ସାଙ୍ଗ ସାଥୀଙ୍କ ସହିତ ମିଶ ସେମାନଙ୍କର ସୁଖ ଦୁଃଖ ବୁଝିବା ପର୍ଯ୍ୟନ୍ତ । ଖାଇବା ମଧ୍ୟ ଅତି ସାଧାରଣ ଥିଲା । ରାଷ୍ଟ୍ରପତି ହୋଇ ବାରମ୍ବାର ପ୍ରୋଟକଲକୁ ମଧ୍ୟ ଭାଙ୍ଗିଛନ୍ତି । ଓଡ଼ିଆ ଝିଅ ପାଇଁ ରାଷ୍ଟ୍ରପତି ପଦବୀ ଆଉ ନିଜ ଜନ୍ମମାଟି ଓଡ଼ିଆ ଝିଅ ମଧ୍ୟରେ ପାର୍ଥକ୍ୟ କିଛି ରଖି ନଥିଲେ । ସେ ଥିଲେ ଓଡ଼ିଶାର ଗର୍ବ ଏବଂ ପ୍ରତ୍ୟେକ ଓଡ଼ିଆ ଯେଉଁମାନେ କ୍ଷମତାକୁ ଜାବୁଡ଼ି ଧରିଛନ୍ତି, ତାଙ୍କ ପାଇଁ ପ୍ରତି ମୁହୂର୍ତ୍ତରେ ନମୁନା ରଖିଗଲେ । ଜଗାଇ ଦେଲେ ଟଙ୍କା, କ୍ଷମତା ସବୁ କ୍ଷଣସ୍ଥାୟୀ, ସବୁଠୁ ବଡ଼ ହେଲା ମଣିଷ ପଣିଆ ଏବଂ ମଣିଷଙ୍କୁ ଭଲ ପାଇବା ।

ଏବେ ଆସିବା ଆମର ବିଷୟବସ୍ତୁ ଉପରକୁ । ରାଷ୍ଟ୍ରପତିଙ୍କ ପାଖରେ ବହୁତ ପ୍ରକାରରର ବିଷୟବସ୍ତୁ ଥିବା ସତ୍ତ୍ୱେ ସେ କାହିଁକି ଏହି ପ୍ରକାରର ବିଷୟକୁ କହିବା ପାଇଁ ରାଜି ହେଲେ ଏବଂ ନିଶାମୁକ୍ତ ଓଡ଼ିଶା ଅଭିଯାନର ଶୁଭାରମ୍ଭ କରିଗଲେ । ଏହାର ମୂଳକାରଣ ହୁଏତ ଏ ପର୍ଯ୍ୟନ୍ତ ଆମ ରାଜ୍ୟ ନିଶାକୁ ବନ୍ଦ କରି ପାରି ନାହିଁ ଏବଂ ବନ୍ଦ କରିବାର ମନବୃତ୍ତୀ ମଧ୍ୟ ଦେଖେଇ ନାହିଁ । ନିଶ୍ଚିତ ଭାବରେ କହିବା ଓଡ଼ିଶାକୁ ବିହାର, ଗୁଜରାଟ କରିଦେଲେ ଆମ ସରକାର ପ୍ରାୟ ବର୍ଷକୁ ହାରାହାରି ୫୦୦୦ କୋଟି ଟଙ୍କା ସରକାରୀ ତହବିଲକୁ ଆସି ପାରିବ ନାହିଁ । ଏହା ବଦଳରେ ପ୍ରତିଦିନ ନିଶାକୁ ଆଦରରୀ ଶହ ଶହ ଲୋକ ମୃତ୍ୟୁ ବରଣ କରୁଛନ୍ତି । ଏବେ ଏବେ ସରକାର ନିଜେ ମାନିଛନ୍ତି ରାଜ୍ୟରେ ହେଉଥିବା ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ଏକମାତ୍ର ନିଶା ଦାୟୀ । ଏହା ଛଡ଼ା (ଘରୁଆ ସମସ୍ୟା, ଆତ୍ମହତ୍ୟା ଜନିତ ମୃତ୍ୟୁ, ଚୋରୀ, ଡକାୟତି, ହଣାକଟା, ମହିଳାମାନଙ୍କୁ ଖରାପ ବ୍ୟବହାର କରିବା, ଏ ସବୁ ନିଶା ପାଇଁ ହେଉଛି । ଗତକାଲି ଆଠଗଡ଼ରେ ହଜାର ହଜାର ଲିଟର ମଦ ପୋଲିସଙ୍କ ଦ୍ୱାରା ଧରା ହୋଇଛି । ଆମ ରାଜ୍ୟରେ ଏମିତି ଜିଲ୍ଲା ନାହିଁ ଯେଉଁଠାରେ ମଦ, ନାଇକଟିକସ ଠକେଇର କାରଣ ନ ହେଉଛି । ପ୍ରତିଦିନ କୌଣସି ନା କୌଣସି ଜିଲ୍ଲାରୁ ଧରାହେଉଛି । ଏବେ ସରକାର କଣ କରିବେ ନା ଆମେ କଣ କରିବା । ହୁଏତ ସରକାର ଟିକିଏ ବୁଝିପାରି ଏବେ ଏବେ ଗାଁ ଗହଳିରେ ଥିବା ମଦ ଦୋକାନ ଦୋକାନ ଖୋଲିବା ପାଇଁ ଲାଇସେନ୍‌ସ ବନ୍ଦ କରିଛନ୍ତି । ନିଶ୍ଚୟ ଏହା ଏକ ଭଲ ପଦକ୍ଷେପ । ଆଉ ସମାଧାନର ବାଟ ହେଉଛି ମାନନୀୟ ରାଷ୍ଟ୍ରପତି ଯାହା କହିଛନ୍ତି, ସେ ହେଲା ସଚେତନତାର ଆବଶ୍ୟକତା ରହିଛି । ଆସନ୍ତୁ ସମସ୍ତେ ମିଳିମିଶି ଲୋକଙ୍କୁ ସଚେତନ କରାଇବା ।





## କଲମ ମୋ କଥା କହେ

**ରଞ୍ଜିତା ରାଉଳ**



ତୀକ୍ଷ୍ଣ ଚିନ୍ତା ଧାରା କଳ୍ପନା ରାଜ୍ୟରେ
ଯେବେ ମୋର ଘୁରିବୁଲେ
କଲମର ମୁନ ଅଥୟ ହୋଇଣ
ଶବ୍ଦ ଗଢ଼ି ଗଢି ଚାଲେ ।

ହୃଦୟ ବେଦନା ସୀମା ହିନ ହେଲେ
ଭାବନା ଉଦ୍ରେକ ହୁଏ
ଚିନ୍ତନର ସ୍ତର ଉତ୍ତେଜିତ ହେଲେ
ଲେଖନୀ ସାହାଯ୍ୟ ନିଏ ।

ସହିପାରେ ନାହିଁ ଅନ୍ୟାୟ ଅଧର୍ମ
ମିଛ ମାୟାର ସଂସାରେ
ଧର୍ମ ଭରସାରେ ଜୀବନ କାଟଇ
ନ୍ୟାୟ ର ସାହାରା ଭରେ ।

ଅର୍ଥଲୋଭେ ଏଠି ଆପଣାର ବୋଲି
କେହି ନୁହନ୍ତି କାହାର
ନିଜ ଭାବନାର ମଣିଷ ପାଖରେ
ସମ୍ପର୍କଟା ଅନାଦର ।

ଅଯୋଗ୍ୟଟେ ଆଜି ସମ୍ମାନ ପାଉଛି
ଟଙ୍କାର ଆଳ ଦେଖାଇ
ଯୋଗ୍ୟର ଆଖିରୁ ଲୁହ ଶୁଖୁନାହିଁ
ଜହର ସେ ପିଉଥାଇ ।

ଧନୀଟିଏ ଭାବେ ଧନ ଅଛି ମୋର
ଜଗତରେ ଶ୍ରେଷ୍ଠ ମୁହିଁ
ଜ୍ଞାନର ମହତ୍ତ୍ୱ କେବେ ବୁଝେ ନାହିଁ
ଉପହାସ କରୁଥାଇ ।

ଦୁଃଖୀ ମଣିଷର ମିତ୍ର କେହି ନାହିଁ
ଆହା ପଦେ କହିବାକୁ
ସୁଖ ଖୋଜେ ନାହିଁ ବିପଦେ ଭରଷା
ମିତ୍ର ଟିଏ ପାଇବାକୁ ।

ଭାଇ ବୁଝେ ନାହିଁ ଭାଇର ସମ୍ପର୍କ
ଛାର ଏ ସମ୍ପତ୍ତି ପାଇଁ
ଶତ୍ରୁ ଟିଏ ସାଜି ଜୀବନ ବିତାଏ
ରକ୍ତ ମୂଲ୍ୟ ବୁଝେ ନାହିଁ ।

କ୍ରୁର, ଖଳ, ଗର୍ବୀ, ନିଷ୍ଠୁର ପାଖରେ
ଅହଂକାର ଶୋଭା ପାଏ
ବିନମ୍ର ସରଳ ମଣିଷଟେ ସଦା
ଦୟାବନ୍ତ ହୋଇଥାଏ ।

କୁତ୍ସିତ ଚେହେରା ଉପର ଚିକ୍କଣ
ଭିତର ପୋଡ଼ା ଅଙ୍ଗାର
ପର ହିଂସା କରି ଗୋଡ଼ ଟାଣେ ସଦା
ଈର୍ଷା ତା ଜୀବନେ ସାର ।

ଧର୍ମର ନାଆଁ ରେ ଦିନ ଦ୍ୱିପହରରେ
ଲୁଣ୍ଠନ ଏଠାରେ ହୁଏ
ଲାଞ୍ଚୁଆ ପାଖରେ ବିବେକ ନଥାଏ
ଅନ୍ୟାୟକୁ ଆପଣାଏ ।

ଏଇ ସମାଜର ନିଛକ ଚିତ୍ରକୁ
କବିତାରେ ବର୍ଣ୍ଣି ଦିଏ
ଅଧର୍ମ ପାଖରେ କେବେ ନଇଁବିନି
କଲମ ମୋ କଥା କହେ ।

(ରାଜ୍ୟ ସହ ସମ୍ପାଦିକା)
ଓଡ଼ିଶା ସାହିତ୍ୟିକ ସଂଗଠନ,
ଭୁବନେଶ୍ୱର (ଓଡିଶା)
ମୋ:୮୫୯୮୮୦୧୫୨୦

## ଧରିତ୍ରୀ

**ପ୍ରଦୀପ୍ତ କୁମାର ଦାସ**



ତା ମହନୀୟତାର ସବୁଠୁ ବଡ଼ଗୁଣ
ହେଲା ସହନଶୀଳତା,
ଅନେକ ଦୃଷ୍ଟାନ୍ତ ଥାଇପାରେ...
ତଥାପି, କିଛିବି
ତା ଆତ୍ମୀୟତା ନିକଟରେ ବଳି
ଯିବନି...
କିମ୍ୱା-
କିଛିବି ଆବୋରି ପାରିବନି
ତା ପରିବ୍ୟାପ୍ତ ଦିବ୍ୟ ସତ୍ତାକୁ...
ଚନ୍ଦ୍ରରୁ ତା ଶୀତଳତାକୁ ଅନୁଭବି ହୁଏ,
ସୂର୍ଯ୍ୟରୁ ତା ବାତ୍ସଲ୍ୟର ଦୀପକୁ
ଦେଖିହୁଏ...
ମାଆର ପ୍ରସବ ଠାରୁ ତାର ଆଶ୍ଳେଷ
ଫିଟିପଡ଼େ
ସବୁରି ଜୀବନରେ...
କ୍ଷମାର ସାଗର ଟିଏ ସେ
ବିନା ଦ୍ୱିଧାରେ ଶୋଷିନିଏ
ସବୁ ଯାତନାର ନଈ ମାନଙ୍କୁ,
ଅନୁପମା ଆଧାର ଟିଏ ସେ-
ହସିହସି ଛାତି ପତେଇ ଦିଏ
ତା ଠିଇଁ ଜାଳି ଦେବାକୁ
ସବୁ ଶିଶୁଙ୍କ ପାଇଁ ଏନ୍ତୁଡ଼ି ନିଆଁ
ଏବଂ ସବୁ ଶବଙ୍କ ପାଇଁ ଯୁଇ ନିଆଁ ।

କଣ୍ଡାବଣିଆ,ଛତ୍ରପଡ଼ା, ପ୍ରୀତିପୁର,
ଯାଜପୁର, ପିନ-୭୫୫୦୧୩
ମୋ-୮୫୯୪୮୮୫୮୯୮

## ସ୍ମୃତିର ଗଣ୍ଠି

**ସୁଭାଷ ଚନ୍ଦ୍ର ଭୂତିଆ**

ସ୍ମୃତି ତୁମେ ଫୁଲେଇ ହୋଇ
ମନକୁ ମୋର ଚେଇଁ
ଫଗୁଣ ସଜା ବସନ୍ତ ରଙ୍ଗେ
ବିଭୋର ହୁଏ ମୁହିଁ ।
ସ୍ୱପ୍ନ ମିଶା ନୟନେ ସୁଖ
ସୟନେ ଭରିଦେଲ
ବାସ୍ତବ ଦୃଶ୍ୟ ଅଟକି ଯାଏ
ଅତୀତ ଓଷ୍ଠେ ହସ ।
ସାଇତା ଧନ ସଞ୍ଚିତ ହୋଇ
ହୃଦୟେ ଅଛ ରହି
ଦୁଃଖ ବିଷାଦ ଦୁରେଇ ଯାଏ
ତୁମ ପରଶ ପାଇ ।
ନିରବେ ଆସି ପାଖରେ ବସି
କାନରେ ଚୁପି କୁହ
ପୁଲକେ ସଜା ହୃଦ ପ୍ରଦେଶ
ନୟନୁ ଝରେ ଲୁହ ।
ତୁମରି କଥା କାନିରେ ଗଣ୍ଠି
ପକାଇ ରଖେ ମୁହିଁ
ଯେବେବି ଆସ ପୀରତି ଆଶେ
ଚାହିଁ ରହିଛି ମୁହିଁ ।



ଡିହଡୋଳ,ପରଜଙ୍ଗ,
ଢେଙ୍କାନାଳ

ପଦ୍ମାଳୟା ସାମଲ

# ଭାଇ



ପ୍ରଥମ ଦେଖାରୁ ହିଁ ପରେଶର ରୂପକାନ୍ତିର ଆକର୍ଷଣରେ ପଡିଯାଇଥିଲା ପ୍ରତିମା । କଲେଜରେ ନାମ ଲେଖାଇବା ଦିନ ଦୁହିଁଙ୍କର ପ୍ରଥମ ସାକ୍ଷାତ । ପ୍ରତିମାକୁ ସେଦିନ କଲେଜନେଇ ଯାଇଥିଲେ ତା'ର ବଡ଼ଭାଇ ସୌଭାଗ୍ୟ । ପରେଶ ଏକାଲୟରେ ଚାହିଁଥିଲା ପ୍ରତିମାକୁ । ସେକଥା ଲକ୍ଷ କରି ସୌଭାଗ୍ୟ ପ୍ରତିମାର କାନ ପାଖରେ ଚୁପକରି କହିଲେ, 'ଏ ପିଲାଟାର ଚାହାଣି ଭଲ ନୁହେଁ । ତା ସହ ସାଙ୍ଗ ହେବୁ ନାହିଁ ।' କିନ୍ତୁ ପ୍ରତିମାକୁ ପରେଶର ଦୃଷ୍ଟି ଖୁବ ଆକର୍ଷଣୀୟ ଲାଗିଥିଲା । ଭାଇ କାହିଁକି ଏପରି କହିଲେ ? ପିଲାଟାକୁ ତ ସେ ଆଦୌ ଚିହ୍ନିନାହାନ୍ତି । କଲେଜ ଯିବାର ପ୍ରଥମ ଦିନ କ୍ଲାସ ସରିବା ପରେ ପ୍ରତିମା ସହ ପରେଶ ତାଙ୍କ ଘରଆଡେ ପାଦରେ ପାଦ ମିଶାଇ ଚାଲିବାକୁ ଲାଗିଲା । ପ୍ରତିମା ତାକୁ ଦେଖି ପ୍ରଶ୍ନ କଲା,'ତୁମ ଘର କଣ ଆମ ଘର ରାସ୍ତାରେ' ? 'ନା, ତୁମ ଘରର ଠିକ ବିପରୀତ ଦିଗରେ । ତୁମକୁ ଘର ପର୍ଯ୍ୟନ୍ତ ଛାଡ଼ିଦେଇ ଆସିବି । କଣ କିଛି ଆପତ୍ତି ଅଛି ? ପରେଶ କହିଲା । ପ୍ରତିମା ଅଳ୍ପ ହସିଦେଲା । ତା ଭାଇଙ୍କର ଆପତ୍ତି ଅଛି ବୋଲି ପ୍ରତିମା ପରେଶକୁ କହିପାରିଲାନି । କାରଣ ପରେଶକୁ ସେ ପସନ୍ଦ କରୁଥିଲା ।

ତା ପରଦିନ ପରେଶ ତାକୁ କେବଳ ଘର ପର୍ଯ୍ୟନ୍ତ ଛାଡିଲା ନାହିଁ, ଘର ଭିତରକୁ ଆସି ପାଣି ପିଇବା ପାଇଁ ମାଗିଲା । ପ୍ରତିମା ପାଣି ଗ୍ଲାସ ଆଣି ପରେଶକୁ ଦେବା ସମୟରେ ସୌଭାଗ୍ୟ ଭାଇଙ୍କର ନାଲି ଆଖିକୁ ଦେଖି ପାଣି ଗ୍ଲାସଟା ହାତକୁ ବଢ଼େଇ ଦେଇ ଭିତରକୁ ଚାଲିଗଲା । ଦୁଇଦିନ ପରେ ପରେଶ ପ୍ରତିମାକୁ ଘରେ ଛାଡିବାକୁ ଆସି ତାଙ୍କ ପିଣ୍ଡାରେ ବସି ଝାଳ ମାରିଲା । ପ୍ରତିମାର ବୋଉ ପ୍ଲେଟରେ ମଣ୍ଡା ପିଠା ଦୁଇଟି ଆଣି ପରେଶର ହାତରେ ଧରେଇ କହିଲେ,'ପୁଅ ଖାଇଦିଅ । ତୁମକୁ ଭୋକ ଲାଗୁଥିବ ।' ପରେଶ ଆପତ୍ତି ନକରି ଧୀରେ ଧୀରେ ବସି ପିଠା ଖାଇଲା । ଦିନେ ଦୁଇଦିନ ନୁହେଁ, ପରେଶ ସବୁଦିନ ପ୍ରତିମାକୁ ଛାଡିବାକୁ ଆସିବାଟା ତାର ରୁଟିନ ହୋଇଗଲା । ଏସବୁ ସୌଭାଗ୍ୟ ଭାଇଙ୍କ ଆଖିରେ କେବେକେମିତି ପଡୁଥିଲା ।

ଦିନେ ସୌଭାଗ୍ୟ ପରେଶକୁ ଚିଡ଼ିଚିଡା ସ୍ୱରରେ ପଚାରିଲେ, 'ତୁମ ଘର ତ ଗାଁର ସେମୁଣ୍ଡରେ । ପ୍ରତିମାକୁ ଛାଡିବା ପାଇଁ ଏମୁଣ୍ଡକୁ ଆସୁଛ କାହିଁକି ? ତୁମ ବାପା ମା କଲେଜରୁ ଫେରିବାରେ ବିଳମ୍ବ ହେଲେ କଣ କିଛି କୁହନ୍ତି ନାହିଁ ? 'ପରେଶ କହିଲା,' ଆମ ଘରେ ଏତେ କଟକଣା ନାହିଁ । ବାପା ବୋଉ ଜାଣନ୍ତି ଯେ ମୁଁ ପ୍ରତିମାକୁ ଛାଡିବାକୁ ଆସେ । ମୋ ବାପା କୁହନ୍ତି, ତୁମ ଘର ଗାଁରେ ଗୋଟିଏ ଘରୁଆ ଘର । ତୁମ ବାପା ମୋ ବାପାଙ୍କର ପିଲାବେଳର ସାଙ୍ଗ । ତେଣୁ ମତେ ଏଠିକି ଆସିବାକୁ ସେ ବାରଣ କରନ୍ତି ନାହିଁ' । 'ବାଜେପିଲା' କହି ସୌଭାଗ୍ୟ ସେଠାରୁ ଚାଲିଗଲେ । ପରଦିନ ପରେଶ ଅଭିମାନରେ ପ୍ରତିମାକୁ କହିଲା, 'ତୁମ ଭାଇ ମୋ ଉପରେ ଆକାରଣରେ ରାଗୁଛନ୍ତି । ମୁଁ ତୁମ ସହ ତୁମ ଘରକୁ ଯିବା ତାଙ୍କର ବୋଧହୁଏ ପସନ୍ଦ ନୁହେଁ' । ପ୍ରତିମା କଥା ଛଡେଇ କହିଲା, 'ତୁମେ ଭାଇଙ୍କ କଥା ମନକୁ ନିଅ ନାହିଁ । ଭାଇଙ୍କର ସବୁଦିନ ସେମିତି ଚିଡ଼ିଚିଡା ସ୍ୱଭାବ । ତୁମେ ଯିବା ପରେ ମୋ ଉପରେ ବି ରାଗନ୍ତି' । ଭାଇ ଯାହାସବୁ କହନ୍ତି ସେ କଥା ପରେଶକୁ କହି ପାରେନାହିଁ ପ୍ରତିମା । ଦୁଇବର୍ଷ ପର୍ଯ୍ୟନ୍ତ ପ୍ରତିମାର କଲେଜ ପଢା ସହିତ ଏମିତି ଭଲପାଇବାର ଲୁଚକାଳି ଖେଳ ବେଶ୍ ମଧୁର ଥିଲା । ଦିନେ ପ୍ରତିମା ଲକ୍ଷ କଲା ପରେଶ ଆଉ ପୂର୍ବଭଳି ସହଜ, ସରଳ ନାହିଁ । କିଛି ଗୋଟେ ସମସ୍ୟାରେ ପଡିଛି, ଯାହାର ସମାଧାନ ସେ କରିପାରୁନାହିଁ । ପ୍ରତିମାକୁ ଦୁଃଖ ଲାଗିଲା । ପରେଶକୁ ପଚାରିଦେଲା, 'ଆଜିକାଲି ତୁମର ଏମିତି ଗମ୍ଭୀର ରହିବାର କାରଣ କଣ ?' ପରେଶ କାନ୍ଦ କାନ୍ଦ ହୋଇ କହିଲା, ' ବାପାଙ୍କର ଇଚ୍ଛା ମୁଁ ମେଡିକାଲ କୋଚିଂ ପାଇଁ କଟକ ଯିବି । ମୋର କିନ୍ତୁ ଏଇ କଲେଜରେ ଆଉ ତିନିବର୍ଷ ବି. ଏସ.ସି ପଢ଼ିବାକୁ ଇଚ୍ଛା । କାହିଁକି ଜାଣିଛ ! କଥାଟା ପାଠ ପାଖରେ ନାହିଁ, ତୁମକୁ ଛାଡି ଯିବାକୁ ଚାହୁଁ ନାହିଁ । ' କିଛି ସମୟ ଚିନ୍ତା କରି ପ୍ରତିମା କହିଲା - 'ମଉସା ତ ଠିକ କହୁଛନ୍ତି । ସେ ଯେତେବେଳେ ଚାହୁଁଛନ୍ତି ତାଙ୍କ ପୁଅ ଡାକ୍ତର ହେବ, ତୁମକୁ ତ ଗାଁ ଛାଡିବାକୁ ପଡିବ ।' ପରେଶ କିଛି ନ କହି ତଳକୁ ମୁହଁ ପୋତି ଚୁପଚାପ ସେଠାରୁ ଚାଲିଗଲା । ପ୍ରତିମା ଭାବିଲା ପରେଶ ଭୀଷଣ ରାଗିଗଲା । ତା ସହ ଆଉ ବୋଧେ ଦେଖା ହେବନାହିଁ । ମନକୁ ସାନ୍ତ୍ୱନା ଦେଲା । ତଥାପି ଅମାନିଆ ତତଲା ଲୁହ ଆଖିରୁ ଦୁଇ ଧାର ଗଡ଼ିପଡ଼ିଲା । ପ୍ରତିମାର ଅନୁମାନକୁ ଭୁଲ ପ୍ରମାଣିତ କରି ପରେଶ କଟକ ଯିବା ଦିନ ପ୍ରତିମା ଘରକୁ ଆସିଲା । ପ୍ରତିମାର ମା' ଦେଇଥିବା ଜଳଖିଆ ଖାଇଲା ଏବଂ ଖାଇସାରି ମଧ ବସିରହିଲା । ମାଉସୀ ପଚାରିଲେ, ' ପୁଅ ! ଆଜି ମୁହଁଟା ଶୁଖି ଯାଇଛି କାହିଁକି ? କଣ କିଛି ଅସୁବିଧା ହେଲାକି' ? ମେଡିକାଲ କୋଚିଂ ପାଇଁ ଆଜି କଟକ ଯାଉଛି ବର୍ଷେ ପାଇଁ, ପରେଶ କହିଲା । ସେତେବେଳକୁ ସୌଭାଗ୍ୟ ଆସି ଘରେ ପହଞ୍ଚିଯାଇଥିଲେ ଓ ତାଙ୍କର କଥୋପକଥନ ଶୁଣୁଥିଲେ । ଗମ୍ଭୀର ସ୍ୱରରେ କହିଲେ,' ଯା ଯା, ଶିଘ୍ର ଘରକୁ ଯା । ତୁମ ଘରେ ଅପେକ୍ଷା କରିଥିବେ ମଉସା' । ପରେଶ ଫେରିଯିବା ପୂର୍ବରୁ ପ୍ରତିମାକୁ କହିଲା, 'ଏ ଗପ ବହିଟା ମୁଁ ଲାଇବ୍ରେରୀରୁ ଆଣିଥିଲି । ସାରଙ୍କୁ ଫେରାଇଦେବ । କାଲି ଫେରେଇବାର ଅଛି । ବହିଟିକୁ ହାତରେ ଦେଇ ପରେଶ ଚାଲିଗଲା ।

ତା ପରଦିନ ପ୍ରତିମା ବହିଟିକୁ ନେଇ ସାରଙ୍କୁ ଦେବ ବୋଲି ଉଠାଇବା ବେଳକୁ ସେଥିରୁ ଖଣ୍ଡେ କାଗଜ ଖସି ପଡିଲା । ତଳୁ ଗୋଟେଇ କାଗଜ ଖଣ୍ଡଟିକୁ ଦେଖିଲା । ସେଥିରେ ଲେଖା ହୋଇଥିଲା,'ପ୍ରତିମା ! ମୋ ପାଇଁ ତମେ ଭାଇଙ୍କ ଠାରୁ ଅନେକ ଥର ଗାଳି ଶୁଣିଛ । ଆଉ ସେସବୁ ତୁମକୁ ସହିବାକୁ ପଡ଼ିବନି । ତୁମର ବି ତ ଇଚ୍ଛା ମୁଁ ଉଚ୍ଚଶିକ୍ଷା ପାଇଁ ସହରକୁ ଯାଏ । ମୋ ପାଇଁ ମନଦୁଃଖ କରିବନି କି ମତେ ଭୁଲ ବୁଝିବନି' । ଚିଠି ପଢି ପ୍ରତିମାର ଆଖି ଛଳଛଳ ହୋଇଗଲା ।

ପରେଶ ଚାଲିଯିବା ପରେ ପ୍ରତିମା ସବୁଦିନ କଲେଜକୁ ଯାଏ । ହେଲେ ତା ମନରେ ପୂର୍ବ ଭଳି ସରସତା ନ ଥିଲା । କୋଉଠି ଗୋଟାଏ ଶୂନ୍ୟସ୍ଥାନ ସୃଷ୍ଟି ହୋଇଗଲା । ସେ ଏକା ଏକା ଘରକୁ ଫେରୁଥିଲା । ପ୍ରତିମାର ବିବାହ ପାଇଁ ଭଲ ଭଲ ପ୍ରସ୍ତାବ ସବୁ ଆସିବାକୁ ଆରମ୍ଭ କରିଥିଲା । ପ୍ରତିମା କହୁଥିଲା, 'ସେ ଗାଁ କଲେଜରୁ ପାସ କରି ଉଚ୍ଚଶିକ୍ଷା ପାଇଁ ସହରକୁ ଯିବ । ତା ପରେ ବିବାହ ପ୍ରଶ୍ନ ଉଠିବ, ଏବେ ସେ ବିବାହ କରିବ ନାହିଁ' । ଏକଥା ଶୁଣି ବାପା ଚୁପ ରହିଥିଲେ । ପ୍ରତିମା ଭାବୁଥିଲା ସେ ସହରକୁ ଗଲେ ପରେଶ ସହିତ କୋଉଠି ହେଲେ ଭେଟ ହୋଇଯିବ । କିନ୍ତୁ କୋଉଠି ? ତେବେ ପ୍ରତିମା ମନରୁ ଆଶା ହରାଇନଥିଲା । ପ୍ରତିମାର ମନକୁ ପଢି ପାରିଥିଲେ ତାର ଭାଇ ସୌଭାଗ୍ୟ । ସେ ଲକ୍ଷ କରୁଥିଲେ ପ୍ରତିମା ଦିନକୁ ଦିନ ନିଷ୍ପ୍ରାଣ ହୋଇପଡୁଛି । ଘଣ୍ଟା ଘଣ୍ଟା ଧରି ବହି ପାଖରେ ବସି ବି ପଢ଼ାରେ ମନ ଲାଗୁନଥିଲା । ସେ କାହାରିକୁ କିଛି କହିପାରୁ ନଥିଲା । ଏକା ଏକା ରହିବାକୁ ଭଲପାଉଥିଲା । ମନେ ମନେ ପରେଶକୁ ଖୋଜି ଦୁଃଖୀ ହୋଇଯାଉଥିଲା । ଏ ଭିତରେ ବିତିଲାଣି ବର୍ଷେ । କିନ୍ତୁ ପରେଶକୁ ଭୁଲିନାହିଁ ପ୍ରତିମା । ହଠାତ ଦିନେ ଘରକୁ ଫେରି ସୌଭାଗ୍ୟ ମିଠା ପୁଡିଆଟା ବଢ଼େଇଦେଲେ ପ୍ରତିମାର ହାତକୁ । ପ୍ରତିମା ଆଚମ୍ଭିତ ହୋଇ ଚାହିଁରହିଲା ଭାଇର ହସ ହସ ମୁହଁକୁ । ତା ମୁହଁରେ ବିସ୍ମୟର ଚିହ୍ନ । ଏଥର ସୌଭାଗ୍ୟ ମୁହଁ ଖୋଲିଲେ - 'ପରେଶର ବାପା ଆଜି ଭେଟ ହୋଇଥିଲେ ଛକରେ । କହିଲେ, ପରେଶ ମେଡିକାଲ ପରୀକ୍ଷାରେ କୃତକାର୍ଯ୍ୟ ହେଇ କଟକର ଏସ ସି ବି ମେଡିକାଲ କଲେଜରେରେ ନାମଲେଖାଇଛି । ପଢାପଢି ଆରମ୍ଭ ହେଇଗଲାଣି । ଖବର ଦେଇଛି ଛୁଟି ହେଲେ ଗାଁକୁ ଆସିବ । ଆଉ ଚାରିଟା ବର୍ଷ ପରେ ସେ ଡାକ୍ତର ହୋଇ ବାହାରିବ । ଆମ ଅଞ୍ଚଳ ପାଇଁ ଏହା ଗର୍ବର କଥା । ସତରେ ପ୍ରୀତି, ଏ ଖବର ମୋ ଭାରାକ୍ରାନ୍ତ ମନକୁ ହାଲକା କରିଦେଲା । ଦେଖିବୁ ! ଯେବେ ଡାକ୍ତର ହୋଇ ସେ ଘରକୁ ଫେରିବ, ସେତେବେଳେ ଖୁବ ଜାକଜମକରେ ତୁମ ଦୁହିଁଙ୍କର ବାହାଘର କରିବି । ତୁ ଖାଲି ମନଦେଇ ପାଠ ପଢ' । ଭାଇଙ୍କ ମୁହଁକୁ ଚାହିଁରହିଥିଲା ପ୍ରତିମା । ଏକ ଅଦ୍ଭୁତ ଦ୍ୟୁତିରେ ଝଟକି ଉଠୁଥିଲା ତାଙ୍କ ମୁହଁ । ସେତେବେଳକୁ ଆନନ୍ଦାଶ୍ରୁରେ ଭରିଯାଇଥିଲା ପ୍ରତିମାର ଆଖି ।

+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

ପ୍ରଫୁଲ୍ଲ ବାରିକ

# ମୋହମୁକ୍ତି



ଅନଉ ଅନଉ ଜୀବନ ସଇଲା । କଳାବାଳ ଧଳା ହେଲା । ତମାମ ଦିନ ଆକାଶ ଡେଇଁ ସୂର୍ଯ୍ୟ ଏବେ ଚକ୍ରବାଳରେ । ଆଉ କ୍ଷଣକ ପରେ ଲୁଚିଯିବେ । ଘୋଟି ଆସିବ ଅନ୍ଧାର । ଦିଶିବ ନାଇଁ ମୁହଁକୁ ମୁହଁ । ଦୁଃଖ ନାଇଁ ସେଥିପାଇଁକି ଯେ ନିୟମ ଦୁନିଆଁର । ଆସିଥିଲେ ଯିବାକୁ ହେବ । ଦୁଃଖ ଏଥିପାଇଁ ଯେ ଗୋଟା ଜୀବନ ସାଥିରେ ଚଳି ଚିହ୍ନି ପାରିଲେନି ସବୁଠୁ ନିକଟତମ ଲୋକକୁ । ଶେଷଜାକେ । ଇମିତି ଭଲ ଗୋଟାପଣେ । ବାଡ଼ି ଗାଡିଆରେ ନିର୍ମଳ ଜଳ । ତରଙ୍ଗ ଶୂନ୍ୟ, ସ୍ଥିର । ପ୍ରତିବିମ୍ବିତ କୁଳସ୍ଥ ଗଛବୃଛ । କଇଁଫୁଲ ତୋରା ହେଇ ଦୋହଲୁଥିବେ ସୁଲୁସୁଲିଆ ପବନରେ । ମୀନଟିଏ ପାଇଁ ଜଗି ବସିଥିବ ବଗୁଲି ସାରାଦିନ ଧ୍ୟାନସ୍ଥ ମୁଦ୍ରାରେ । ସେଇ ପୁଣି ବେଳେବେଳେ ହେଇଯାଆନ୍ତି ଆକାଶର କଳାହାଣ୍ଡିଆ ମେଘ । ଗୁରୁଗମ୍ଭୀର । ନବର୍ଷିଲେବି ବର୍ଷାକୁ ଭାରିଭୟ । ପୁଣି ବେଳେବେଳେ ସାଗରର ଉତ୍ତାଳ ଢେଉ । ଝଲକେ ପବନରେ ମାଡି ଆସୁଥିବ ବେଳାଭୂମିକୁ । ବାଲି ଡେଇଁ ଛୁଁ'ଥିବ କାଇଁ କେତେ ଦୂର । କେତେବେଳେ କୋଉରୂପ କଳିବା କଷ୍ଟ ।

ଠିକ ସେଇଆ ଏବେର ଅବସ୍ଥା । ପନ୍ଦର ଦିନ ହେବ ଲାଗିଛନ୍ତି ପାଗଳ ପରି ଏକମନ ଏକ ଚିତ୍ତରେ । ଦି'ଏକର ପରିମିତ ଜମିରେ ଆମ୍ବଗଛ ଶହେ ସରିକି ପଦା ହେବାକୁ ବସିଲାଣି । ଚାଲିଛି ଗଛକଟା । ଟ୍ରାକ୍ଟରରେ ବୁହା । ପନ୍ଦରଜଣ ଲାଗିଛନ୍ତି ଲଗାତାର କାମରେ । କାଇଁକି କାଟୁଛନ୍ତି ଫଳନ୍ତି ଗଛକୁ, କଣ ପାଇଁ, ନା କହୁଛନ୍ତି, ନା ପଚାରିବାକୁ ସାହାସ ଜୁଟୁଛି ।

ଯେ ବଗିଚା ତାଙ୍କ ବାପାଙ୍କ ହାତ ତିଆରି । ନିଜେବି କିସମ କିସମର ଆଣି ଲଗେଇଛନ୍ତି କୋରାପୁଟ କଳାହାଣ୍ଡିରେ ଥିବା ବେଳେ । ବାପାଙ୍କ ଅନ୍ତେ ଦାୟିତ୍ୱ ନେଲେ ଘର ବାରିଠୁ ବଗିଚାର । ବଗିଚା ପ୍ରତି ସରାଗ କହିଲେ ନସରେ । ଛୁଟିରେ ଆସିଲେ ରାତି ଘରେ । ବାକି ଦିନବିତେ ବଗିଚାରେ । ଖାଲି ସେତିକି କି ? ଏଇ ଘରବାରି ଜଗିବାକୁ ଗୋଟା ଚାକିରୀ ଜୀବନ ସ୍ତ୍ରୀ'କୁ ରଖିଲେ ଗାଁ'ରେ । କାଁ ଭାଁ ଥରେ ନେଲେ, ତ ବାକି ଜୀବନ ଫୁଟେଇ ଖିଆ ।

ସିଏବି ସହରରେ ସ୍ୱାମୀ ସାନ୍ନିଧ ଛାଡି ଜୀବନଟା ଦେଲେ ଘରବାରି ବଗିଚା ଦେଖାରେ । ଦିନେ କରି ନାହାନ୍ତି ଅଭିଯୋଗ । ଅସହଯୋଗତ ଦୂର । ପିଲାମାନେ ବଡ଼ି ଏବେ ଆପଣା ଜାଗାରେ । ଗୋଟିଏ ବୋଲି ପୁଅ । ଚାକିରୀ ନେଇ ରହେ ଦିଲ୍ଲୀରେ । ନିଜେ ଅବସର ପରେ ଏବେ ଗାଁ'ରେ ।

ଦୁଇ ପ୍ରାଣୀରେ ଚାଲିଥିଲା ଯେନତେନ ଜୀବନ । ଦିନ ଗୋଟା ଘର ରୋଷେଇରେ ବ୍ୟସ୍ତ ଥିବା ବେଳେ ସିଏ ଦିଅନ୍ତି ସମୟ ବାରି ବଗିଚାରେ । ଏବେବି ଦିନରେ ଦି'ଥର ନଗଲେ ବଗିଚାକୁ ମନ ବୁଝେନା । ଆମ୍ବ ଆସିଲେ ଦେଇ ଦିଅନ୍ତି କୁତରେ, ଯେହେତୁ ଏତେ ବଡ଼ ବଗିଚାରୁ ଆମ୍ବ ସଂଗ୍ରହ କରିବା କଷ୍ଟ ତାଙ୍କ ପାଇଁ । ବେଶ ଭଲ ଅଙ୍କ ମିଳେ କୁତରୁ ।

କଣ ହେଇଚି, ପନ୍ଦର ଦିନ ଧରି ଫଳନ୍ତି ଗଛ ଗୁଡାକୁ କାଟିବାରେ ଲାଗିଛନ୍ତି । କାଟି ସଫା କରିଦେଲେଣି । ସର୍ଯ୍ୟ କିରଣ ମାଟି ଛୁଁ'ନଥିବା ବଗିଚା ଏବେ ଖାଁ ଖାଁ । ଏଯାକେ ସିଏ ପଚାରି ନାହାନ୍ତି ଯେ କ୍ରିୟା କର୍ମର କାରଣ କଣ ? କି ସିଏବି ଘର ମଣିଷ ଭାବି ନିଜ ତରଫରୁ କହିବାକୁ ଉଚିତ ମଣି ନାହାନ୍ତି ଆପଣା ସ୍ତ୍ରୀକୁ । କାଟୁଛନ୍ତି ଯେ କାଟି ଚାଲିଛନ୍ତି ପାଗଳ ପରି ।

ସୌଦାମିନି ଶେଷକୁ ବାଧ ହେଇ ଜଣେଇଲେ ପୁଅକୁ ଫୋନରେ । ପୁଅ ସବୁ ଶୁଣିଲା । କିଛିଇ ଧରି ପାରିଲାନି ବାପାଙ୍କ ମତି ଗତିକୁ । କଣ ହେଇପାରେ କାରଣ ? ହଠାତ ଏ ବୈରାଗ୍ୟ କାଇଁକି ? କୁଆଡେ ଗଲା ଲୋଭ ଆସକ୍ତି ? ଜୀବନ ଠାରୁ ଯାହାକୁ ଦାମୀ ମାନୁଥିଲେ, ସିଏ ଇମିତି ମୂଲ୍ୟହୀନ ହେଇଗଲା ହଠାତ କାଇଁକି ? ପୁଅ ଉତ୍ତର ଦେଲା - ହଉ ମାଆ, ତୁ ରଖ । କିଛି କହନା ବାପାଙ୍କୁ । ମୁଁ ପହଁଚୁଛି ଦିନେ ଦି'ଦିନ ଭିତରେ ।

ପୁଅ ପହଂଚିଲା ଆସି । ଦିନେ ଦି'ଦିନ ରହିବା ଭିତରେ ବାପାଙ୍କର ଅତି ସନ୍ନିକଟ ହେଲା । ଅନୁଭବି ପାରିଲାନି ତାଙ୍କ ମାନସିକତାକୁ । ସବୁତ ଠିକ । ଖାଇବା ପିଇବାଠୁ କଥାବାର୍ତ୍ତା ସବୁ ସ୍ୱାଭାବିକ । ଅସ୍ୱାଭାବିକତାର ଚିହ୍ନ ନାଇଁ । ଦିନେ ବାପ ପୁଅଙ୍କୁ ଚାଆ ଦି'କପ ଧରେଇ ମାଆ ବସିଲେ ଆପଣା କପ ଧରି । ଆଖି ଠାରିଦେଲେ ବାପାଙ୍କ ଉଦ୍ଦେଶ୍ୟରେ । ପୁଅ ଧରିଲା ମାଆଙ୍କ ମାନସିକତାକୁ । ସିଏବି ଅପେକ୍ଷାରେ ଥିଲା ସୁଯୋଗର । ପଚାରିଲା - ବାପା, ଗଛ ଗୁଡା ଇମିତି କାଟି ପକଉଚ କାଇଁକି ? ଫଳତ ଠିକ ଆସୁଥିଲା ?

ବାପା ଅନେଇଲେ ଗୋଟେ ନିର୍ଲିପ୍ତ ଦୃଷ୍ଟିରେ ପୁଅକୁ । କହିଲେ - ମାସେ ତଳର ଘଟଣାକୁ ସ୍ମୃତିକୁ ଆଣେ । କଣ କଥା ହେଇଥିଲେ ? ବୟସ ହେଲା । ଆମେ ବୁଢ଼ା ବୁଢ଼ୀ ହେଲୁ । ଭବିଷ୍ୟତ ସମ୍ପର୍କରେ ପଚାରିବାରୁ କହିଲୁ ମୁଁ ଦିଲ୍ଲୀରେ ରହି ତମକୁ ଦେଖିବା ନିୟମିତ ସମ୍ଭବ ନୁହେଁ । ତମେ ଦି'ଜଣ ଆସି ଆମସହ ରୁହ ଦିଲ୍ଲୀରେ । ସମସ୍ତେ ଚଳିବା ଗୋଟେ ଛାତତଳେ । ଗୋଟେ ରୋଷେଇରେ । ଏହାର ବିକଳ୍ପ ନାଇଁ । ତୋ କଥା ସରିଗଲା । ବିକଳ୍ପ ଶୂନ୍ୟ ଭାବେ ଜଣେଇଦେଲୁ ଆମକୁ ଦିଲ୍ଲୀ ଯିବାକୁ ।

ତୋ ଯିବାପରେ ପନ୍ଦର ଦିନ ମୁଁ ଦେଇଚି ଚିନ୍ତାରେ । ଆମେ ଏବେ ଚାଲୁଛୁ ବୁଲୁଛୁ । ଆପଣା କର୍ମ ଆପେ କରୁଛୁ । ଇଏ ଅବସ୍ଥା ରହିବନି । ଆଉ ଦିନ କେଇଟା ପରେ ଆମେ ହେଇଯିବୁ ଅକ୍ଷମ । ଚଳତ ଶକ୍ତିହୀନ । ଦିଲ୍ଲୀରୁ ଥାଇ କଣ କରିପାରିବୁ ତୁ ? ନା ଆମର ଆଉ ଅଛି କିଏ ପାଖରେ ଏଠି ? ଶେଷକୁ ଦିଲ୍ଲୀ ଯିବା ନିଶ୍ଚିତ କଲି । ଯିବୁଯେ, ଆମ ଯିବା ପରେ ଅବସ୍ଥା କଣ ହେବ ଏଠିକାର ? ଘରବାରି, ଗଛବୃଛ ରହିବ ଅକ୍ଷତ ? ନା ଆମ୍ବ ଋତୁରେ ମିଳିବ ପଇସା କୁତରୁ ? ଆମ୍ବ ସହ ବଗିଚାକୁ ଗୋଟା ଗିଳିଦେବେ ଲୋକେ । ମୁଁ ଦେଖି ପାରିବିନି । କଣ୍ଟା ହେଇ ଗଳାରେ ବସିବ ମୋର । ବହୁତ କଷ୍ଟ ପାଇବି ।

ଥରେ ଜୀବନ ପ୍ରତି ବ୍ୟାକୁଳତା ଆସିଲେ, ସମ୍ପତ୍ତି ମୋହ ଛାଁ'କୁ ଉତୁରି ଯାଏ । ଦିଲ୍ଲୀ ଯିବା ଥୟ କରିବା ପରେ ଆଉ ମାୟାର ପ୍ରଶ୍ନ ଉଠୁଚି କୋଉଠି ? ଘରବାରି ବାଗବଗିଚା ଏବେ ଗୋଡ଼ରେ ବେଡି । ଉଗାଳୁଚି ଆଗକୁ ଯିବାକୁ । ଏଥିରୁ ଚାହିଁଲି ମୁକ୍ତି ମୁଁ । ତା ପରେ ସମ୍ପର୍କ ହୀନ ହେଇ ସମ୍ପର୍କ ଯୋଡିବି ଦିଲ୍ଲୀସହ । ନା ଥିବ ପଛକୁ ଅନେଇବାର, ନା ଦୁଃଖ ପାଇବାର । ସେଇଠୁ ବିକି ଚାଲିଛି ଗଛ ମାନଙ୍କୁ । ପ୍ରାୟ ସରିଲାଣି । ସାରିଦେଇ ଘରେ ଚାବି ଝୁଲେଇ ଆମେ ଚାଲିଯିବୁ ଦୁଇ ପ୍ରାଣୀ ସବୁଦିନ ପାଇଁ ତୋ ପାଖକୁ । ସେଇଠି ଜୀବନ । ସେଇଠି ମୃତ୍ୟୁ । ଗଙ୍ଗା ସେଠୁ କେତେଦୂର କି ?

ବାପା କଥା ସାରି ଚୁପ ବସିଲେ ନିରବରେ । ତାଙ୍କ କଥାଠୁ ମୁହଁ ସବୁଠି ଫୁଟି ଉଠୁଥିଲା ବେଦନାର ବୁଦବୁଦ । ପରିସ୍ଥିତି ଅତୀବ ଗମ୍ଭୀର ।

-- ହଉ ତମ ଇଚ୍ଛା....

କହି ମାଆ ପୁଅ ଉଠି ଆସିଲେ ସେଠୁ । ଆସି ବସିଲେ ଘରେ ଗୋଟେ କୋଣରେ । ନା ପୁଅ ମୁହଁରେ ଭାଷା, ନା ମାଆ ମୁହଁରେ । ସେଠୁ ବାପା ଦିଶୁ ଥାଆନ୍ତି ନିରବରେ ସିମିତି ବସିଥିବାର ।

+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫

ଲଳିତ ମୋହନ ମିଶ୍ର

# ବାପାଙ୍କ ଗାମୁଛା

ପାଞ୍ଚହାତିଆ କମଳା ରଙ୍ଗର ଖୋର୍ଦ୍ଧା ଗାମୁଛାଟା ଅଗାଧୁ ବାପାଙ୍କର ଭାରି ପସନ୍ଦ। ଅଗାଧୁ ବାପା ନୂଆ ଗାମୁଛାଟି ଆଣିଲେ, ମାଆ ତାକୁ ଟିକେ ଗରମ ପାଣିରେ ସିଝାଇ ଦିଏ ଯେ ସେ କମଳା ରଙ୍ଗଟି ଛାଡେ ନାହିଁ। ବାପା ଯୁଆଡେ ଯାଆନ୍ତି ସାଥିରେ ତାଙ୍କର ଗାମୁଛାଟି ଯାଏ ।

- ବଜାରରୁ କିଛି ପରିବାପତ୍ର କିଣି ଆଣିବା ପାଇଁ ଯଦି ବ୍ୟାଗ୍ ନ ନେଇ ଥିବେ ତାହାହେଲେ ଗାମୁଛାରେ ବାନ୍ଧି ପରିବା ଆଣନ୍ତି । ଅଗାଧୁ ବାପାଙ୍କର ଗାମୁଛାଟି ଅତି ଆପଣାର । ଧୋତି ସାଙ୍ଗକୁ କାନ୍ଧରେ ନାଲି ଗାମୁଛାଟି ବାପାଙ୍କୁ ଭାରି ମାନେ । ଯୁଆଡେ ଗଲେ ମଧ ସାଥିରେ ଗାମୁଛାଟି ଥାଏ ।

ଘରେ ବୋହୁ ମନରେ ଅଶାନ୍ତି । ବୋହୁ କୁହେ ଇଏ କୋଉ ବେଶ ? ଧୋତି ପଞ୍ଜାବି ତା ଉପରେ ପୁଣି କାନ୍ଧରେ ଗାମୁଛା । ସ୍ୱାମୀ ମୋର କହେ ବାପା କ'ଣ କାନ୍ଧରେ ଗାମୁଛାଟା ନ ପକାଇଲେ ହୁଅନ୍ତା ନାହିଁ। ମୁଁ କହିଦିଏ ତୁମର ମୁଣ୍ଡ ବ୍ୟଥା କାହିଁକି ? ବାପାଙ୍କୁ ଭଲ ଲାଗୁଛି ! ସେ ପକାଉଛନ୍ତି... । ମାଆ କିନ୍ତୁ ବାପାଙ୍କୁ କହେ - କୁଆଡେ ଗଲାବେଳେ ବ୍ୟାଗ୍‌ରେ ଧରୁନ.... ସେ ଗାମୁଛାଟା ଖାଲି ଧରି କାହିଁକି ପଳାଇଯାଉଅଛ । ମାଆ ସିନା କହେ କିନ୍ତୁ ବାପା କେବେହେଲେ କାନ୍ଧରୁ ଗାମୁଛା କାଢନ୍ତି ନାହିଁ ।

- ଅଗାଧୁ ବାପାଙ୍କର ପୁଅ ପ୍ରକାଶ କକେଇ ଭୁବନେଶ୍ୱରରେ ଅଫିସର।

- ସବୁ ରବିବାରରେ ଚେକ ଅପ ପାଇଁ ଗଲାବେଳେ ବାପାଙ୍କର ଏଇ ବେଶ ବୋହୁ ସିନା ବାପାଙ୍କ ସହିତ ଡାକ୍ତରଖାନାକୁ ଯାଏ କିନ୍ତୁ ସାଙ୍ଗ ସାଥି ମାନେ କଣ ଭାବୁଥିବେ କେଜାଣି... କହୁଥିବେ, ମଫସଲିଆ ବୁଢାଟା କିବା ମରହଟିଆଟା ! ହାତ ଧରି ଡାକ୍ତରଙ୍କ ପାଖକୁ ନେବାକୁ ପୁଅ ବୋହୁଙ୍କୁ ଲାଜ ।

- ପୁଅ ଅଫିସର । ତାର ପୁଣି ମାନସମ୍ମାନ ଅଛି ? କେତେଥର ବୋହୁ କହିଲାଣି, ବାପା ଗାମୁଛାଟା ଥୋଇଦେଇ ଆସ । ଲୋକମାନେ ଥଟ୍ଟା ପରିହାସ କରିବେ। ବାପା କିନ୍ତୁ ଶୁଣିବା ଲୋକ ନୁହଁନ୍ତି ।

- ଅଗାଧୁ ବାପା କହନ୍ତି, ଜୀବନ ସରିବାକୁ ବସିଲାଣି । ପିଲାଟି ଦିନରୁ ଗାମୁଛାଟି ମୋ ସାଥିରେ ଅଛି। ଆଜି ଲୋକେ କ'ଣ କହିବେ... ଖରା, ବରଷା, ଶୀତରେ ମୋର ଏହି ଗାମୁଛାଟି ସାହା ଭରସା । ବୋହୁ କୁହେ..... ଏ ଗୁଡାକ ବାଜେ କଥା । ଯୁଗକୁ ନେଇ ଚଳିବା ଶିଖ ? ବାପା କହନ୍ତି ତୁମେ ସହରରେ ରହିଲ... ଆମେ ତ ମଫସଲିଆ ଲୋକ। ମୁଁ ପିଲାଥିଲା ବେଳେ ଅଗାଧୁ ବାପା ମୋତେ ବେଶୀ ଗେଲ କରନ୍ତି । ତାଙ୍କର ସେ ଗାମୁଛାରେ ମୋତେ ଦୋଳି କରି ଖେଳାନ୍ତି।

- ଗାଁର ଭୋଜିଭାତ ଖାଇବାକୁ ଗଲେ , ସେ ଗାମୁଛାରେ ଭୋଜି ବାନ୍ଧି କରି ଘରକୁ ଆଣି ବୋଉକୁ ଦିଅନ୍ତି । ପଡିଶା ଘର ଅଗାଧୁ ବାପା ନାତିଆ ବୋଲି ମୋତେ ଥଟ୍ଟା ମଜ୍ଜା କରନ୍ତି । କେତେ ଗପ କୁହନ୍ତି - ମୁଁ ବେଳେ ବେଳେ ଗପ ଶୁଣି ତାଙ୍କର କୋଳରେ ଶୋଇପଡେ । ବାପା ତାଙ୍କର ଗାମୁଛାଟିରେ ମୋତେ ଘୋଡାଇ ଦିଅନ୍ତି, ଯେପରିକି ଶୀତ ଲାଗିବ ନାହିଁ । ଅଗାଧୁ ବାପା ଯିବାର ଏହା ଭିତରେ କେତେ ବର୍ଷ ବିତିଗଲାଣି କିନ୍ତୁ ଏବେ ବି ଖୋର୍ଦ୍ଧା ନାଲି ଗାମୁଛାଟାଏ ଦେଖିଲେ.... ଅଗାଧୁ ବାପାଙ୍କ କଥା ମନେପଡେ..।



- ସତରେ ଆମ ସଭ୍ୟତା ଯେତେ ଆଗେଇଲେ ମଧ ଆମର ସଂସ୍କୃତି ପରମ୍ପରା, ଖାଦ୍ୟ ପେୟ, ରୁଚି, ବେଶ ପୋଷାକକୁ ବଦଳେଇ ପାରିବା ନାହିଁ...।

+ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚନ୍ଦ୍ରଗିରି, ଗଜପତି
ମୋ: ୯୪୩୭୯୮୫୮୬୬

# ଭଡ଼ା ଘରେ ଚାଲିଛି ଏନ୍‌ଏଚ୍‌ଏଆଇ କାର୍ଯ୍ୟାଳୟ: କୋଟିଏରେ ଗଢ଼ିଥା’ନ୍ତେ, ୫କୋଟି ଗଣିଲେଣି




ଭୁବନେଶ୍ୱର, ୦୭/୦୫ (ନି.ପ୍ର): ୨୦୧୨ ମସିହାରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଓଡ଼ିଶାରେ ପ୍ରତିଷ୍ଠା ହେଲା। ଓଡ଼ିଶାରେ ଥିବା ଅନ୍ୟ ସବୁ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ୟୁନିଟ୍‌ର ମୁଖ୍ୟ କାର୍ଯ୍ୟାଳୟ ଭାବେ ଏହା କାର୍ଯ୍ୟ କଲା। ଏଥିରେ ଜଣେ ମୁଖ୍ୟ ଆଞ୍ଚଳିକ ଅଧିକାରୀ ନିୟୋଜିତ ହେଲେ। କେନ୍ଦ୍ର ସହ ଯୋଗସୂତ୍ର ରକ୍ଷା କରି ସମସ୍ତ ପ୍ରକଳ୍ପକୁ ପରିଚାଳନା କଲେ। ରାଜ୍ୟସ୍ତରୀୟ ସମସ୍ତ ପ୍ରକଳ୍ପର ଟେଣ୍ଡରଠୁ ଆରମ୍ଭ କରି ରକ୍ଷଣାବେକ୍ଷଣା ସବୁର ମଞ୍ଜୁରି ଏହି କାର୍ଯ୍ୟାଳୟ ଜରିଆରେ କରାଗଲା। ହେଲେ ଗତ ୧୧ବର୍ଷ ଧରି ଏହି କାର୍ଯ୍ୟାଳୟ ଭଡ଼ା ଘରେ ଚାଲୁଛି। ଭଡ଼ା ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ଏନ୍‌ଏଚ୍‌ଆଇକୁ ଗଣିବାକୁ ପଡୁଛି। ଏହା ଭିତରେ କେତେ ଅଧିକାରୀ ଆସି ଗଲେଣି। କେତେ ପ୍ରକଳ୍ପ ଆରମ୍ଭ ହୋଇ ଶେଷ ହୋଇଗଲାଣି।

ହେଲେ ଆଜି ପର୍ଯ୍ୟନ୍ତ ନିଜସ୍ୱ ଅଫିସ୍ ପ୍ରତିଷ୍ଠା ହୋଇପାରିଲା ନାହିଁ। ଏନ୍‌ଏଚ୍‌ଆଇର ବଡ଼ବାବୁମାନଙ୍କ ଅବହେଳା ଯୋଗୁଁ ସରକାରୀ ଅର୍ଥ ଏଭଳି ଅପବ୍ୟୟ ହେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏମିତିକି ଯେତିକି ଟଙ୍କାରେ ନିଜସ୍ୱ କୋଠା ନିର୍ମାଣ ହୋଇଥାଆନ୍ତା, ତା’ର ୫ଗୁଣ ଟଙ୍କା ଭଡ଼ା ବାବଦରେ ଖର୍ଚ୍ଚ ହୋଇସାରିଲାଣି।

ସୂଚନାନୁସାରେ, ୨୦୧୨ ମସିହାରୁ ୩ହଜାର ବର୍ଗଫୁଟ୍ ବିଶିଷ୍ଟ ଏନ୍‌ଏଚ୍‌ଆଇର ରାଜ୍ୟସ୍ତରୀୟ ମୁଖ୍ୟ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରରେ ଭଡ଼ା ଘରେ ଚାଲିଛି। ଯାହାର ମାସିକ ଭଡ଼ା ବର୍ତ୍ତମାନ ସମୟରେ ୪ଲକ୍ଷ ୩୫ ହଜାର। ଏହି କାର୍ଯ୍ୟାଳୟ ପାଇଁ ଗତ ୧୧ବର୍ଷ ଭିତରେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ୫କୋଟି ୫ଲକ୍ଷ ୨୮ହଜାର ୨୦୩ଟଙ୍କା ଭଡ଼ା ସୂତ୍ରରେ ଖର୍ଚ୍ଚ କରିସାରିଲେଣି। ଯଦି ରାଜ୍ୟ ସରକାରଙ୍କୁ ଜାଗା ପାଇଁ ଆବେଦନ କରିଥାନ୍ତେ, ତେବେ ଏତିକି ବର୍ଷ ଭିତରେ ଜାଗା ପାଇବା ସହ ନିଜସ୍ୱ କୋଠା ମଧ ଛିଡ଼ା ହୋଇସାରିଥାନ୍ତା। ଯାହା ସର୍ବମୋଟ ଭଡ଼ା ଅର୍ଥଠାରୁ ଢେର ଗୁଣ କମ୍ ଟଙ୍କାରେ ହୋଇପାରିଥାନ୍ତା। ହେଲେ କର୍ତ୍ତୃପକ୍ଷ ଏଦିଗରେ ସାମାନ୍ୟତମ ଦୃଷ୍ଟି ଦେଇନାହାନ୍ତି।

ଏନେଇ ଏନ୍‌ଏଚ୍‌ଆଇ ଅଧିକାରୀଙ୍କୁ ସୂଚନା ଅଧିକାର ଆଇନ ବଳରେ ପଚାରିଲେ ଉତ୍ତର ମିଳିଛି ଯେ ରାଜ୍ୟ ସରକାର ପାହାଳ ନିକଟବର୍ତ୍ତୀ ରୁଦ୍ରପୁର ମୌଜାରେ ଅଫିସ୍, କ୍ୱାର୍ଟର୍ସ, ଭୁବନେଶ୍ୱର କାର୍ଯ୍ୟାନ୍ୱୟନ ଅଫିସ୍ ଓ ଟ୍ରାନିଜଟ୍ ହାଉସ୍ ଆଦି ନିର୍ମାଣ କରିବା ପାଇଁ ଜାଗା ଦେଇଛନ୍ତି। ହେଲେ କେବେ ଦେଲେ କେତେ ଜାଗା ଦେଲେ କେବେ ଆବେଦନ କରାଯାଇଥିଲା ? ସେ ନେଇ କାହା ପାଖରେ ସଠିକ ଉତ୍ତର ନାହିଁ। ତେଣୁ ରାଜ୍ୟ ସରକାର ଜାଗା ଦେଇଛନ୍ତି ନା, ଏମାନେ କେବଳ ଭଣ୍ଡେଇବା ପାଇଁ କହୁଛନ୍ତି, ତାକୁ ନେଇ ଏବେ ସମସ୍ତେ ସନ୍ଦୀହାନ। ସେହିଭଳି ରାଜ୍ୟ ସରକାର ଦେଇଥିବା ଜାଗାରେ କେବେ ଅଫିସ୍ ଓ ଅନ୍ୟାନ୍ୟ ଘର ନିର୍ମାଣ ଆରମ୍ଭ ହେବ ତା’ର ଉତ୍ତର ବି କାହା ପାଖରେ ନାହିଁ।

ଏନେଇ ଜଣେ ବରିଷ୍ଠ ଯନ୍ତ୍ରୀଙ୍କ କହିବାନୁସାରେ, ୩ହଜାର ବର୍ଗଫୁଟ୍‌ରେ ଏକ ବିଲ୍ଡିଂ ନିର୍ମାଣ ସହ ଇଣ୍ଟେରିୟର ଡିଜାଇନ୍ ଓ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ପାଖାପାଖି କୋଟିଏ ଟଙ୍କା ଖର୍ଚ୍ଚ ହେବ। ସରକାରଙ୍କ ଜିଏ ଡିପାର୍ଟମେଣ୍ଟ୍‌କୁ ଜାଗା ମାଗିଲେ ସରକାର ମଧ ନିୟମାବଳୀ ଅନୁସାରେ ଜାଗା ଯୋଗାଇ ଦେବେ। ଏ ଦିଗରେ ଏନ୍‌ଏଚ୍‌ଏଆଇର ରାଜ୍ୟସ୍ତରୀୟ ଅଧିକାରୀ କାର୍ଯ୍ୟ କରିବା କଥା। ଯଦି ଜାଗା ନେଇ ଘର କରିଥା’ନ୍ତେ, ତେବେ କୋଟିଏ ଟଙ୍କାରେ ଘର ହୋଇଯାଇଥା’ନ୍ତା। ହେଲେ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ୫କୋଟି ଟଙ୍କା ଭଡ଼ା ଦେଲେଣି।

# ମାଲକାନଗିରି ଜିଲ୍ଲାରେ ଡାକ୍ତର ମରୁଡ଼ି: ଗୁଣିଆ କରୁଛନ୍ତି ଚିକିତ୍ସା

ମାଲକାନଗିରି, ୦୭/୦୫ (ନି.ପ୍ର): ଗଛମୂଳେ ଲୋକେ ବସିଛନ୍ତି, ଗୁଣିଆ ମନ୍ତ୍ର ପାଠ କରି ଚେର ମୂଳି ଦେଉଛି। ଏମିତି ଦୃଶ୍ୟ ଦେଖିବା ପରେ ଆପଣ ବି କହିବେ ଆଜିକା ସମୟରେ ଗୁଣିଗାରେଡି ଉପରେ ଲୋକେ ବିଶ୍ୱାସ କରୁଛନ୍ତି କିପରି। ଦେହ ଖରାପ ହେଲେ ଲୋକେ ମେଡିକାଲ ଯିବେ। ହେଲେ ଏଇଠି ଏମିତି କିଛି ହେଉନି। ବରଂ ଚିକିତ୍ସା ସେବା ନପାଇ ଜୀବନ ବଂଚାଇବାକୁ ଗୁଣିଆ ପାଖକୁ ଯିବାକୁ ପଡୁଛି ବୋଲି କହୁଛନ୍ତି ଲୋକେ। ନାହିଁ ନାହିଁରେ ଚାଲିଛି ସ୍ୱାସ୍ଥ୍ୟସେବା। ମେଡିକାଲରେ ଚିକିତ୍ସା ସେବା ନପାଇବାରୁ ବାଧ ହୋଇ ଗୁଣିଆ ପାଖକୁ ଧାଉଁଛନ୍ତି ଲୋକେ। ଯାହା ଦେଖିଲେ ଜଣାପଡୁଛି, ମାଲକାନଗିରି ଜିଲ୍ଲାରେ ଭୁଶୁଡି ପଡିଲାଣି ସ୍ୱାସ୍ଥ୍ୟସେବା। ଜିଲ୍ଲାରେ ୬୦ ପ୍ରତିଶତରୁ ଅଧିକ ଡାକ୍ତର ପଦବୀ ଖାଲିଥିବା ବେଳେ ସଦର ମହକୁମା ଚିକିତ୍ସାଳୟରେ ୭୦ ପ୍ରତିଶତ ଡାକ୍ତର ନାହାନ୍ତି। ୫ଟି ବିଭାଗରେ ଜଣେ ମାତ୍ର ବିଶେଷଜ୍ଞ ଡାକ୍ତର ନଥିବା ବେଳେ କିଛି ବିଭାଗରେ ଜଣିଏ ଲେଖାଏଁ ବିଶେଷଜ୍ଞ ଅଛନ୍ତି। ସ୍ଥିତି ଏମିତି ହେଲାଣି ଯେ, ମେଡିକାଲରେ ଚିକିତ୍ସା ନପାଇବାରୁ ମାଲକାନଗିରି ପଡିଆ ବ୍ଲକ ନିଲିଗୁଡା ପଂଚାୟତର କୁମ୍ଭଗୁଡା ଗାଁର ଲୋକେ ଗୁଣିଆ ପାଖରେ ବସି କରୁଛନ୍ତି ଚିକିତ୍ସା। ଦୀର୍ଘଦିନ ହେବ ଜ୍ୱରରେ ପଡିବା ପରେ ମେଡିକାଲ ନଯାଇ ଗୁଣିଆ ପାଖରେ କରୁଛନ୍ତି ଚିକିତ୍ସା। କେବଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୁହେଁ ବରଂ ଧର୍ମପାଲୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବି ସମାନ ଅବସ୍ଥା। ସେଇଠି ରୋଗୀଙ୍କ ଚିକିତ୍ସା କରୁଛନ୍ତି ଫାର୍ମାସିଷ୍ଟ। ଯଦିଓ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି କରାଯାଇଛି, ହେଲେ ସେ ଯଦି ଛୁଟିରେ ରହିଲେ ତେବେ ଫାର୍ମାସିଷ୍ଟ ଲୋକଙ୍କ ସାହାଭରସା। ପୂରା ଜିଲ୍ଲାରେ ଏବେ ଡାକ୍ତର ମରୁଡି। ମୁଖ୍ୟ ଚିକିତ୍ସାଳୟରେ ୧୦୯ ଟି ଡାକ୍ତର ପଦବୀ ରହିଥିବା ବେଳେ ମାତ୍ର ୩୩ ଜଣ ଅଛନ୍ତି। ଜିଲ୍ଲାରେ ମୋଟ୍ ୨୭୭ ଜଣ ଡାକ୍ତର ପଦବୀ ଥିବା ବେଳେ ଅଛନ୍ତି ମାତ୍ର ୧୦୯। ଅଧିକାଂଶ ବିଭାଗରେ ଡାକ୍ତର ନାହାନ୍ତି। ତେଣୁ ନାହିଁନଥିବାର ଅସୁବିଧାର ସାମ୍ନା କରୁଛନ୍ତି ଲୋକେ। ମୋଟ୍ ଉପରେ ଚିକିତ୍ସା କ୍ଷେତ୍ରରେ ଅନେକ ଅସୁବିଧାର ସାମ୍ନା କରୁଛନ୍ତି ଲୋକେ। ତେଣୁ ଯାହାଙ୍କ ପାଖରେ ପଇସା ଅଛି ସେମାନେ ଘରୋଇ ମେଡିକାଲ ଯାଇ ଚିକିତ୍ସିତ ହେଉଛନ୍ତି ଆଉ ଗରିବମାନେ ଗୁଣିଆ ଭରସାରେ ବଞ୍ଚୁଛନ୍ତି। ସେପଟେ ପୂରା ଘଟଣାକୁ ସ୍ୱୀକାର କରିବା ସହିତ ଚିକିତ୍ସା ଅସୁବିଧା ହେଉଥିବା କହିଛନ୍ତି ସ୍ୱାସ୍ଥ୍ୟ କର୍ମଚାରୀ। ସିଡିଏମଓ କହୁଛନ୍ତି, କିଛି ଡାକ୍ତର ପିଜି କରିବାକୁ ଯାଇଥିବାରୁ ସ୍ୱାସ୍ଥ୍ୟସେବାରେ ବ୍ୟାଘାତ ସୃଷ୍ଟି ହେଉଛି। ସ୍ୱାସ୍ଥ୍ୟ ସେବାକୁ ସୁଧାରିବାକୁ ଆମେ ଚେଷ୍ଟା କରୁଛୁ।

## ନାବାଳିକା ଅପହରଣ ଉଦ୍ୟମ ପଣ୍ଡ

କେନ୍ଦ୍ରାପଡ଼ା, ୦୭/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ମଧ୍ୟାହ୍ନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଯୁବକ ମଟର ସାଇକେଲରେ ନାବାଳିକା କୁ ବସାଇ ନେଇ ଯାଉଥିବା ବେଳେ ନାବାଳିକାର ମା’ ଖବର ପାଇ ଅନ୍ୟ ଏକ ବାଇକରେ ତାଙ୍କର ପିଛା କରି ସେମାନଙ୍କୁ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧରିଥିଲେ। ପରେ ଝିଅକୁ ମଟର ସାଇକେଲରୁ ଭିଡି ଆଣି ଝିଅକୁ ଉଦ୍ଧାର କରିଥିଲେ। ଏହା ଘଟଣା ଦେଖିବା ପାଇଁ ସ୍ଥାନୀୟ ଅଂଚଳରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ମିଳିଥିବା ସୂଚନା ଅନୁଯାଇ କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ବଡହାଟ ଗ୍ରାମର ଜଣେ ଗାଡି ଡ୍ରାଇଭର ଗୋପ ଅଂଚଳର ଜଣେ ନାବାଳିକା ଝିଅ ସହିତ ପ୍ରେମ ସଂପର୍କ ଥିବାରୁ ତାକୁ ମଟର ସାଇକେଲରେ ନେଇ ଯାଉଥିଲେ।

# ରାସେଶ୍ୱରୀ ଦେବୀଙ୍କ ସପ୍ତ ଦିବସୀୟ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଖୋର୍ଦ୍ଧା, ୦୭/୦୫ (ନି.ପ୍ର): ଜୟୀ ରାଜଗୁରୁ ଟାଉନ ହଲ୍ ରେ ଚାଲିଥିବା ପୂଜନୀୟା ରାସେଶ୍ୱରୀ ଦେବୀଙ୍କ ଦ୍ୱାରା ସପ୍ତ ଦିବସୀୟ ଦାର୍ଶନିକ ପ୍ରବଚନ କାର୍ଯ୍ୟକ୍ରମ ଶୁକ୍ରବାର ସଂନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦଯାପନୀ ସନ୍ଧ୍ୟାରେ ପୂର୍ବ ଦିନ ମାନଙ୍କ ତୁଳନାରେ ଶ୍ରଦ୍ଧାଳୁ ମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ଗତ ୭ ଦିନ ଧରି ଏହି ପ୍ରବଚନ ଶୃଙ୍ଖଳାର ଶେଷ ସନ୍ଧ୍ୟାରେ ଶ୍ରୋତା ମାନଙ୍କ ଉଦ୍ଦେଶ୍ୟରେ ଦେବୀ ଜୀ କହିଥିଲେ ଯେ, ବେଦ-ଶାସ୍ତ୍ରରେ ଭଗବତ ପ୍ରାପ୍ତିର ବିଭିନ୍ନ ଉପାୟ ବା ମାର୍ଗ ଲେଖା ଯାଇଥିଲେ ବି ଭକ୍ତି ମାର୍ଗ ହେଉଛି ସର୍ବ ସୁଗମ ଏବଂ ସର୍ବ ସୁଲଭ। ଭକ୍ତର ଭକ୍ତି ଅଥବା ପ୍ରେମରେ ହିଁ ଭଗବାନ ପ୍ରସନ୍ନ ହୋଇଥାନ୍ତି। ଆମ ମାନଙ୍କ ମନରେ ସାଧାରଣ ଭାବେ ପ୍ରଶ୍ନ ଉଠିଥାଏ ଯେ ସଂସାରର ସବୁ କର୍ତବ୍ୟ କରିବା ସହିତ ଭକ୍ତି କିପରି କରିହେବ ବା ଭକ୍ତି ମାର୍ଗରେ ଜଣେ କିପରି ଭାବେ ଆଗେଇ ପାରିବ ? ଏହାର ସରଳ ସମାଧାନରେ ବିଭିନ୍ନ ପ୍ରକାରର ଉଦାହରଣ ଦେଇ ପୂଜନୀୟା ଦେବୀ ଜୀ କହିଥିଲେ ଯେ, ଭଗବାନ କେବେ ବି ଆମମାନଙ୍କ ଶରୀର ବା ଶାରୀରିକ କ୍ରିୟା କର୍ମକୁ ଦେଖନ୍ତି ନାହିଁ, ସିଏ କେବଳ ଆମ ମନର ଶ୍ରଦ୍ଧା ବା ଭକ୍ତି ଭାବକୁ ହିଁ ଦେଖିଥାନ୍ତି। ସେଥିପାଇଁ ଆମେ ଶରୀର ଦ୍ୱାରା ସଂସାର ପାଇଁ କର୍ତବ୍ୟ ଏବଂ ମନରେ ଭଗବାନଙ୍କ ଭକ୍ତି କରିବା ଉଚିତ୍। ପ୍ରତିଟି ଯୁଗରେ ସେହି ଯୁଗ ଅନୁସାରେ ଯୁଗ-ଧର୍ମ ନିର୍ଦ୍ଧାରିତ କରାଯାଇଅଛି। ସତ୍ୟ ଯୁଗରେ “ଧ୍ୟାନ”, ତ୍ରେତୟା ଯୁଗରେ “ଯଜ୍ଞ” ଏବଂ ଦ୍ୱାପର ଯୁଗରେ “ପୂଜା”। କଳିଯୁଗରେ - ଧର୍ମ ହେଉଛି “ନାମ ସଂକୀର୍ତନ”। କାର୍ଯ୍ୟକ୍ରମର କର୍ମକର୍ତା ମାନେ ଜଣାଇଛନ୍ତି ଯେ, ଆଗାମୀ ୬ ଏବଂ ୭ ତାରିଖ ପୂଜନୀୟା ଦେବୀ ଜୀ ଖୋର୍ଦ୍ଧାରେ ଅବସ୍ଥାନ କରିବେ ଏବଂ ଏହି ଦୁଇ ଦିନ ନିଜର ଉପସ୍ଥିତିରେ ପ୍ରକୃତ ଶାସ୍ତ୍ରୀୟ ପଦ୍ଧତି ଅନୁସାରେ ନାମ ସଂକୀର୍ତନର ବ୍ୟବହାରିକ ପ୍ରୟୋଗ ବିଷୟରେ ଅବଗତ କରାଇବେ। ଏହି ଉଦଯାପନୀ ସନ୍ଧ୍ୟାରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମ ଶେଷରେ ମଂଚାସୀନ ଦେବୀ ଜୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ଏବଂ ଏହି ୭ ଦିନର କାର୍ଯ୍ୟକ୍ରମରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତିର ଧାରା ଉପୁଜାଇବା ନେଇ ବିଶେଷ ଭାବେ ଶ୍ରଦ୍ଧା ଯୁକ୍ତ ଧନ୍ୟବାଦ ଜଣାଇଥିଲେ। ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ମମତା ଦେ, ଖୋର୍ଦ୍ଧା ଉପ ପୌରପାଳକ ସୌର୍ଯ୍ୟରଞ୍ଜନ ମହାନ୍ତି, ସ୍ଥାନୀୟ ତହସିଲଦାର ବିଭାଶ ରଞ୍ଜନ ପ୍ରଧାନ, ଟାଙ୍ଗୀ ବ୍ଲକର ଚେୟାରମ୍ୟାନ ରଷନା ମାନଧାତା, ଖୋର୍ଦ୍ଧା ବ୍ଲକ ଚେୟାରମ୍ୟାନ ଶ୍ରୀମୟୀ ପ୍ରିୟ ଦର୍ଶିନୀ, ଖୋର୍ଦ୍ଧା ବ୍ଲକ ଉନ୍ନୟନ ଅଧିକାରୀ କ୍ଷୀରାବ୍ଧି ତନୟ ମହାନ୍ତି, ନୟାଗଡ଼ର ଅତିରିକ୍ତ ପୁଲିସ ଅଧିକ୍ଷକ ଉମାକାନ୍ତ ମଲ୍ଲିକ, ବିଏମସି ଟାଉନ ପ୍ଲାନର୍ ଡକ୍ଟର ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ ଏବଂ ବ୍ରଜ ଗୋପିକା ସେବା ମିଶନର ସ୍ଥାନୀୟ ସଂଯୋଜକ ଦୁର୍ଯ୍ୟୋଧନ ସାହୁ ପୂଜନୀୟା ଦେବୀଜୀଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ।

## ମୁକ୍ତା ଉପଦେଷ୍ଟା ମୀରା ପରିଡ଼ାଙ୍କ ଭୁବନ ଗସ୍ତ

ଭୁବନ, ୦୭/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଉପଦେଷ୍ଟା ମୀରା ପରିଡ଼ା ଆଜି ଏକ ଦିନିକିଆ ଗସ୍ତରେ ଭୁବନ ଏନ୍ ଏ ସି କୁ ପରିଦର୍ଶନ ରେ ଆସି ମୁକ୍ତା ଯୋଜନାର ବିଭିନ୍ନ କାର୍ଯ୍ୟାଦେଶ ଓ ପ୍ରକଳ୍ପର ସମୀକ୍ଷା ବୈଠକ ରେ ଯୋଗଦେଇଥିଲେ। ଏନ୍ ଏ ସି ସଭାଗୃହରେ ସ୍ୱୟଂ ସହାୟକ ଗୋଷ୍ଠୀ ର ଶତାଧିକ ମହିଳା ଶଙ୍ଖ ହୁଳହୁଳି ଦେଇ ପୁଷ୍ପ ବୃଷ୍ଟି କରି ମିରାଙ୍କୁ ସ୍ୱାଗତ କରିଥିଲେ। ନଗରପାଳ ଶୁଭେନ୍ଦୁ କୁମାର ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକ ରେ ମୁଖ୍ୟ ଅତିଥି ମୀରା ପରିଡ଼ା ତାଙ୍କ ଅଭିଭାଷଣ ରେ କହିଥିଲେ ଯେ, ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଏହା ଯୁଗାନ୍ତକାରୀ ଯୋଜନା ବୋଲି କହିଥିଲେ। ମା ମାନେ ଏବେ ଆଉ ଘର କୋଣରେ ନରହି ଥାନା, ଡାକ୍ତରଖାନା ଓ ବିଭିନ୍ନ ଅଫିସ କୁ ଯାଇ ପୁରୁଷଙ୍କ ଭଳି ସବୁ କାର୍ଯ୍ୟ କରିପାରୁଛନ୍ତି ଓ ଠିକାଦାର କାର୍ଯ୍ୟ ମଧ କରୁଛନ୍ତି। ମହିଳା ମାନଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ଋଣ ପ୍ରଦାନ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଆହୁରି ଆଗକୁ ବଢ଼ିବାରେ ସହଯୋଗ ଦେଉଛନ୍ତି। ପରେ ଶ୍ରୀମତୀ ପରିଡ଼ା ମହିଳା ମାନଙ୍କ ଦ୍ୱାରା ବୁଦ୍ଧେଶ୍ୱର ମନ୍ଦିର ପରିସରରେ ନିର୍ମିତ ପାର୍କ, ଖୋଲା ଜିମ୍ କେନ୍ଦ୍ର, ଫେବର ପାଦଚଲା ରାସ୍ତା ଇତ୍ୟାଦି ପ୍ରକଳ୍ପ ପରିଦର୍ଶନ କରି ଉଚ୍ଚ ପ୍ରଶଂସା କରିଥିଲେ। ଏହି ପରିଦର୍ଶନ ରେ ନିର୍ବାହୀ ଅଧିକାରୀ ଶ୍ୟାମ ସୁନ୍ଦର ସାହୁ, କାଉନସିଲର ଗିରିଧାରୀ ସାହୁ, ପପୁ ସାହୁ, ନରେନ୍ଦ୍ର ବେହେରା ଙ୍କ ସମେତ କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ, ଶକ୍ତି ପ୍ରସାଦ ସାହୁ, ମୁକ୍ତା ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ।

# ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଫୁଲବାଣୀଠାରେ ବିକଳ୍ପ ରାଜନୀତି ପାଇଁ ଲୋକସମ୍ପର୍କ ଅଭିଯାନ

କନ୍ଧମାଳ, ୦୭/୦୫ (ନି.ପ୍ର): ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଚାଷୀ ଓ ଚାଷର ସୁରକ୍ଷା ପାଇଁ ଗତ ପନ୍ଦର ବର୍ଷ ଧରି ପ୍ରାଇସ ପ୍ରେଷ୍ଟିଜ ଓ ପେନସନ ପାଇଁ ଆନ୍ଦୋଳନ ଜାରି ରହିଥିବା ସୂଚନା ଦେଇଥିଲେ ରାଜ୍ୟ ତଥା ଜାତୀୟ ସଂଯୋଜକ ଅକ୍ଷୟ କୁମାର। ଚାଷୀର ରାଜନୈତିକ ମେରୁଦଣ୍ଡ ନଥିବାରୁ ସରକାର ଚାଷୀଙ୍କ ଦାବୀକୁ ଅଣଦେଖା କରି ବିଭିନ୍ନ ଉପାୟରେ ଶୋଷଣ କରି ଚାଲିଛି। ଚାଷୀର ଭୋଟ ପାଇଁ ରାଜନୈତିକ ଦଳ ବଳୀୟାନ ହେଉଛନ୍ତି। କିନ୍ତୁ, ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା ନ କରି ଅଳ୍ପ ଦାମରେ ଚାଷୀର ଦ୍ରବ୍ୟ କିଣି ନେଉଛି। ୭୫ ବର୍ଷ ସ୍ୱାଧିନତା ପରେ ରାଜ୍ୟରେ ଜଳସେଚନ ନାହିଁ, ଶୀତଳ ଭଣ୍ଡାର ନାହିଁ, ଠିକାଦାର ଜରିଆରେ ଶାସକ ଦଳ ନିଜର ପାଣ୍ଠି ବଢାଉଛି। ଆନ୍ଦୋଳନ କରିବାର ଅଧିକାର ଥିବା ବେଳେ ଚାଷୀ ଆନ୍ଦୋଳନକୁ ଭଣ୍ଡୁର କରି ରାଜଧାନୀରେ ୧୪୪ ଜାରି କରି ଚାଷୀଙ୍କ ସମସ୍ୟା ଆଲୋଚନା କରିବାକୁ ସୁଯୋଗ ଦେଉନାହାନ୍ତି। ତେଣୁ ଚାଷୀର ସରକାର ଚାହେଁ ନବ ନିର୍ମାଣ କୃଷକ ସଂଗଠନ। ବିକଳ୍ପ ରାଜନୀତି ପାଇଁ କୃଷକ ତାର ଲୋକଙ୍କୁ ଆଗାମୀ ନିର୍ବାଚନରେ ପ୍ରାର୍ଥୀ କରିବା ପାଇଁ ଏହି ଲୋକ ସମ୍ପର୍କ ଅଭିଯାନ ପୁରୀରୁ ବାହାରି ୨୩ଟି ଜିଲା ଅତିକ୍ରମ କରି ବିକଳ୍ପ ରାଜନୀତିର ବାର୍ତା ଦେଉଛି। ମହାତ୍ମା ଗାନ୍ଧୀ, ଜୟପ୍ରକାଶ କହୁଥିଲେ ସତ କୁହ, ଲୋକଙ୍କ ପାଖକୁ ଯାଅ। ସତ୍ୟର ବିଜୟ ସୁନିଶ୍ଚିତ। ସତ୍ୟର ଶକ୍ତି ଓ ଜନଶକ୍ତି ଏକାଠି ହେଲେ ଦୁରମ୍ଭା ଶକ୍ତିର ପରାଜୟ ହେବ। ମଦ, ମାଂସ ଦେଇ ମିଛ କହି ୩୦ ପ୍ରତିଶତ ଲାଂଚ ନେଇ ସାଧାରଣ ଜନତାଙ୍କୁ ଲୁଟ କରୁଥିବା ସରକାରକୁ ଲୋକ ହଟାଇବେ। ଲୋକମାନେ ସତ୍ୟର ସାଥ ଦେବେ, ସଂଗଠିତ ହେବେ ଏବଂ ବିକଳ୍ପ ରାଜନୈତିକ ଶକ୍ତି ରୂପେ ଠିଆ ହେବେ। ଆସନ୍ତା ନିର୍ବାଚନରେ ପ୍ରତ୍ୟେକ ଅଂଚଳରୁ ଚାଷୀ ସେମାନଙ୍କ ମଧ୍ୟରୁ ଯୋଗ୍ୟ ପ୍ରାର୍ଥୀ ଚୟନ କରି ସରକାର ଗଠନ କରିବ ବୋଲି ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଅକ୍ଷୟ କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବନାନୀ କଳା ସଂଗମ ଠାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଭାପତି ଶେଷଦେବ ନନ୍ଦ, ନିମାଇଁ ରାୟ, ଉମାକାନ୍ତ ଭରତ, ମନୱର ଅଲି, ଭାଗିରାମ ଦିଗାଲ, ଗୋଲେକ କହଁର ଓ ଅଶୋକ ପରିଡା, ଉମା ଚରଣ କହଁର ପ୍ରମୁଖ ଉପସ୍ଥିତ ଥିଲେ।

## ଲୁବସାମ ହେଲଥ କେୟାରରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ସାକ୍ଷିଗୋପାଳ, ୦୭/୦୫ (ନି.ପ୍ର): ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ ଅହମ୍ମଦପୁର ସ୍ଥିତ ରିହା ଭାରତ ଗ୍ୟାସ୍ ନିକଟସ୍ଥ ଲୁବସାମ୍ ହେଲଥ କେୟାରରେ ଅନୁଷ୍ଠିତ ହୋଇଯାଇଛି। ଏଥି ସହିତ ଏଠାରେ ସୁଲଭ ମୂଲ୍ୟରେ ରକ୍ତ ପରୀକ୍ଷା ମଧ ଆୟୋଜିତ ହୋଇଥିଲା। ଶିବିରରେ ସୁଶ୍ରୁତ ହସ୍ପିଟାଲ ଆଣ୍ଡ ଟ୍ରମା କେୟାର ଭୁବନେଶ୍ୱରର ମେଡିସିନ, ଡାଇବେଟିସ ସ୍ପେଶାଲିଷ୍ଟ ଡା. ଶ୍ରୀନିବାସ ନାୟକ ଓ କ୍ରିଟିକାଲ୍ କେୟାର ମେଡ଼ିସିନର ଡାକ୍ତର କୁମାର ଅଭିନନ୍ଦନ ପ୍ରମୁଖ ଉପସ୍ଥିତ ରହି ରୋଗୀ ଦେଖିବା ସହ ରୋଗୀଙ୍କୁ ବିଭିନ୍ନ ଉପାଦେୟ ବିଷୟ ବୁଝାଇଥିଲେ। କଣ କଲେ ସେମାନେ ସୁସ୍ଥ ରହିପାରିବେ ସେନେଇ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଆଖପାଖ ଅଂଚଳରୁ ଶତାଧିକ ରୋଗୀ ଯୋଗଦେଇ ଡାକ୍ତରୀ ପରାମର୍ଶ ଗ୍ରହଣ କରିଥିଲେ ଓ ନିଜର ରକ୍ତ ପରୀକ୍ଷା କରାଇଥିଲେ।

# ଶେରଗଡ଼ ସହରକୁ ଖୁବ୍‌ଶୀଘ୍ର ମିଳିବ ଏନଏସି ମାନ୍ୟତା

ଗଞ୍ଜାମ, ୦୭/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲାର ଶେରଗଡ଼ ସହରକୁ ଖୁବ୍ ଶୀଘ୍ର ବିଜ୍ଞାପିତ ଅଂଚଳ ପରିଷଦ (ଏନଏସି) ମାନ୍ୟତା ମିଳିବ। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଥିବା ସୂଚନା ମିଳିଛି। କାରଣ ଗଞ୍ଜାମ ଜିଲ୍ଲାର ସମସ୍ତ ସହରାଂଚଳରେ ମୋ ବସ୍ ସେବା ଆରମ୍ଭ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ସେହି ଅନୁସାରେ ଜିଲ୍ଲାର ବ୍ରହ୍ମପୁର ମହାନଗର ନିଗମ (ବିଏମସି) ହିଞ୍ଜିଳିକାଟୁ ମ୍ୟୁନିସିପାଲଟି ସମେତ ୧୬ଟି ଏନଏସି ଏଭଳି ମୋଟ୍ ୧୮ଟି ସହରାଚଂଳରେ ଏହି ସେବା ଉପଲବ୍ଧ ହେବ। ଏନେଇ ଛତ୍ରପୁରରେ ପ୍ରଶାସନିକ ପ୍ରସ୍ତୁତି ବୈଠକ ହୋଇସାରିଛି। ଏହି ସେବାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳି ଯେଭଳି ବାଦ୍ ନପଡେ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳିରେ ଥିବା ଶେରଗଡ଼କୁ ଏନଏସି ମାନ୍ୟତା ଦେବା ପାଇଁ ଉଦ୍ୟମ ଚାଲିଥିବା ଜଣାପଡିଛି। ଗଞ୍ଜାମ ଜିଲ୍ଲାର ଛତ୍ରପୁର, ଆସିକା ଓ ଭଞ୍ଜନଗର ଏନଏସିକୁ ମ୍ୟୁନିସିପାଲଟି ଘୋଷଣା ଦାବି ସମ୍ପର୍କିତ ଆବେଦନର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ମାଗିଛି। ହେଲେ ମ୍ୟୁନିସିପାଲଟି ଘୋଷଣା ନେଇ ରାଜ୍ୟ ସରକାର ଅଦ୍ୟାବଧି କୌଣସି ପ୍ରକାର ସୂଚନା ଦେଇନାହାଁନ୍ତି। ଏବେ ଶେରଗଡ଼କୁ ଖୁବଶୀଘ୍ର ଏନଏସି ମାନ୍ୟତା ମିଳିବ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଶେରଗଡ଼ ଏନଏସି ମାନ୍ୟତା ପାଇବାକୁ ସମସ୍ତ ଯୋଗ୍ୟତା ରଖିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଶେରଗଡ଼ ସହରରେ ଜନସଂଖ୍ୟା ପ୍ରାୟ ୯ ହଜାର ରହିଥିବା ଜଣାପଡିଛି। ସହରକୁ ଯାତାୟାତ ପାଇଁ ଓସାରିଆ ରାସ୍ତା ସାଙ୍ଗକୁ ଗମନାଗମନ ସୁବିଧା ପ୍ରତି ବିଗତ ବର୍ଷ ମାନଙ୍କରେ ବିଶେଷ ଦୃଷ୍ଟି ଦିଆଯାଇଛି। ଶେରଗଡ଼ ଅଂଚଳ ବାସୀଙ୍କ ପାଇଁ ଅନ୍ୟତମ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ସହରର ବିକାଶ ପାଇଁ ବିଭିନ୍ନ ଉନ୍ନୟନମୂଳକ ଯୋଜନା ହାତକୁ ନିଆଯାଇଛି। ସେହିପରି ଆସନ୍ତାକାଲି ଫାଇଭ-ଟି ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ ଶେରଗଡ଼ ବ୍ଲକ ଆସିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ପ୍ରଶାସନିକ ତରଫରୁ ମଧ ପ୍ରସ୍ତୁତି ଆରମ୍ଭ ହୋଇଛି।

# ଅଧବାଟରେ ଜଳିଗଲା ଦଦରା ଆମ୍ବୁଲାନ୍ସ: ଗାଡ଼ିକୁ ଚାହିଁ ଚାହିଁ ରୋଗୀ ମୃତ

ବନ୍ଧୁଗାଁ, ୦୭/୦୫ (ନି.ପ୍ର): ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ବାଟରେ ହୁତୁହୁତୁ ହୋଇ ଜଳିଗଲା ଦଦରା ୧୦୮ ଆମ୍ବୁଲାନ୍ସ। ଏଣେ ଗାଡ଼ିକୁ ଅପେକ୍ଷା କରି କରି ଯନ୍ତ୍ରଣାରେ ଛଟପଟ ହୋଇ ଚାଲିଗଲା ରୋଗୀଙ୍କ ଜୀବନ। ଏଭଳି ଅଭାବନୀୟ ଘଟଣା ଘଟିଛି କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ କୁମ୍ଭାରୀପୁଟ ପଞ୍ଚାୟତ ଗୁଲିମିଗୁଡ଼ା ଗାଁରେ। ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତ ରୋଗୀଙ୍କ ପରିବାର ଲୋକେ କ୍ଷତିପୂରଣ ଦାବି କରିବା ସହ ସରକାରୀ ବ୍ୟବସ୍ଥାକୁ ଦାୟୀ କରିଛନ୍ତି। ସୂଚନା ଅନୁସାରେ ଗୁଲିମିଗୁଡ଼ାର ଉକ୍ତ ରୋଗୀଙ୍କୁ ମେଡିକାଲ ନେବାକୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରି ଡାକିଥିଲେ। ସୂଚନା ପାଇ ଆମ୍ବୁଲାନ୍ସ ବନ୍ଧୁଗାଁ ମେଡିକାଲରୁ ବାହାରିଥିଲା। କିନ୍ତୁ ଅଧବାଟରେ ସର୍ଟସର୍କିଟ ଯୋଗୁଁ ଗାଡ଼ିଟି ଜଳିଯାଇଥିଲା। ତେବେ ଏଥିରେ



କେହି ମୃତାହତ ହୋଇନାହାନ୍ତି। ଏଣେ ଗାଡ଼ିକୁ ଅପେକ୍ଷା କରି କରି ଶେଷରେ ରୋଗୀଙ୍କ ମୃତ୍ୟୁ ଘଟିଥିଲା। କିଛି ଦିନ ତଳେ ଅନୁରୂପ ଏକ ଘଟଣା ଘଟିଥିଲା। ଦୀର୍ଘ ୧୭ ଘଣ୍ଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ନଆସିବାରୁ ଏଠାରେ ଗୋଟିଏ ଶିଶୁର ମୃତ୍ୟୁ ହୋଇଥିଲା। ଏହାର ବିସ୍ତୃତ ରିପୋର୍ଟ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ତରବରିଆ ଭାବେ ବନ୍ଧୁଗାଁ ମେଡିକାଲକୁ ଉକ୍ତ ୧୦୮ ଆମ୍ବୁଲାନ୍ସ ପଠାଇଥିଲେ। ଗାଡ଼ିଟି ଭୁବନେଶ୍ୱରରୁ ଏଠାକୁ ଆସିଥିଲା। ଗାଡ଼ିଟି ୧୭ ବର୍ଷର ପୁରୁଣା ଫିଟନେସ୍ ନଥିଲା। ଏହା ଜଣାପଡ଼ିବା ପରେ ପୁଣି ଏକ ରିପୋର୍ଟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେବେ କର୍ତ୍ତୃପକ୍ଷ ଏଥି ପ୍ରତି ଗୁରୁତ୍ୱ ଦେଇନଥିଲେ। କର୍ତ୍ତୃପକ୍ଷ ଚେତିଥିଲେ ଗୁଲିମିଗୁଡ଼ାରେ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳି ନଥାନ୍ତା। ପରିତାପର ବିଷୟ ହେଲା ଗୁଲିମିଗୁଡ଼ାରେ ରୋଗୀ ମୃତ୍ୟୁ ଓ ଆମ୍ବୁଲାନ୍ସ ଅଧବାଟରେ ଜଳିଯିବା ବିଷୟ ବନ୍ଧୁଗାଁ ଗୋଷ୍ଠୀ ଚିକିତ୍ସା ଅଧିକାରୀ ରଶ୍ମୀରଞ୍ଜନ ସାମଲ ଜାଣି ନଥିବା କହିଛନ୍ତି। ଏହାକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି।

# ରଥଯାତ୍ରା ପାଳନ ନେଇ ପ୍ରସ୍ତୁତି ବୈଠକ

ଜୟପୁର, ୦୭/୦୫ (ନି.ପ୍ର): ଜୟପୁର ରଥଯାତ୍ରା ପାଳନ ନିମନ୍ତେ ପୌରପାଳିକା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ଜୟପୁର ବିଧାୟକଙ୍କ ତାର। ପ୍ରସାଦ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକର ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟରେ ଉପଜିଲ୍ଲାପାଳ, ଜୟପୁର ବେଦବର ପ୍ରଧାନ, ଅଧ୍ୟକ୍ଷ, ଜୟପୁର ପୌରପାଳିକା ନରେନ୍ଦ୍ର ମହାନ୍ତି, ତହସିଲଦାର ସୁଶ୍ରୀ ସାଗରିକା ଷଡଙ୍ଗୀ, କାର ?ୟ ନିର୍ବାହୀ ଅଧିକାରୀ, ପୌରପାଳିକା ଜୟପୁର ସିଦ୍ଧାର୍ଥ ପଟନାୟକ ପ୍ରମୁଖ ମଂଚାସୀନ ଥିଲେ। ରଥର ମାନ ଠିକ ଅଛି ନା ନାହିଁ ପ୍ରଥମେ ଅନୁଧ୍ୟାନ କରି ସହକାରୀ ଯନ୍ତ୍ରୀ, ରାସ୍ତା ଓ କୋଠବାଡ଼ି ପ୍ରମାଣ ପତ୍ର ଦେବା ନିମନ୍ତେ କୁହାଗଲା। ଯଥା ସମୟରେ ଉକ୍ତ ଦିନ ପଲିଥିନ କିମ୍ବା ପାଳ ଠାକୁରଙ୍କ ରଥକୁ ଢାଙ୍କିବା ନିମନ୍ତେ, ନୂତନ ସେରନାପେଟା, ନୂତନ ୨ ଗୋଟି ରଶି ଯୋଗାଇ ଦେବା ନିମନ୍ତେ ତହସିଲଦାରଙ୍କୁ କୁହାଗଲା। ଯାନ ବାହନ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ନିମନ୍ତେ ଟାଉନ ଥାନା ପୁଲିସଙ୍କୁ ଦାୟିତ୍ୱ ଦିଆଗଲା ଉକ୍ତ ଦିନ ଚାରି ଚକିଆ ଯାନକୁ ଟାଉନ ଭିତରକୁ ନ ଛାଡିଆ ନିମନ୍ତେ ଓ ଏହାର ଏକ ବ୍ଲୁ ପ୍ରିଂଟ ତିଆରି କରି ସାମାଜିକ ଗଣମାଧ୍ୟମରେ ଛାଡିବା ନିମନ୍ତେ ଟାଉନ ଥାନା ଅଧିକାରୀଙ୍କୁ ଅନୁରୋଧ କରାଗଲା। ରଥ ଦାଣ୍ଡକୁ ଯେପରି କୌଣସି ରାଜନୈତିକ ବ୍ୟକ୍ତି ବିଶେଷ ଓ ସ୍ୱେଚ୍ଛା ସେବକ ଭିଡ ନ କରିବେ ତାକୁ ମଧ ଧ୍ୟାନ ଦେବା ପାଇଁ ଥାନା ପୁଲିସ ଙ୍କୁ ଅନୁରୋଧ କରା। ଗଲା। ଜନ ସମାଗମକୁ ଦୃଷ୍ଟିରେ ରଖି ଏହି ବର୍ଷ ୪ ଗୋଟି ଆସ୍କା ଲାଇଟ, ୨ ଗୋଟି ଜେନେରେଟର, ୬ ଗୋଟି ହାଲୋଜିନ ଲାଇଟ ଓ ରଥ ଯାତ୍ରା ପୂର୍ବରୁ ୧୦ ଗୋଟି ଫୋକସ ଲାଇଟ ଯୋଗାଇ ଦେବା ପାଇଁ ବିଦ୍ୟୁତ ବିଭାଗଙ୍କୁ ଅନୁରୋଧ କରାଗଲା। ରଥ ଉପରେ ୨୦ରୁ ୨୫ ଜଣ ଦଇତାପତି ଓ ସ୍ୱେଚ୍ଛା ସେବକ ହିଁ ରହିବେ। ଉକ୍ତ ଦିନ ଆଶୁ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗରକୁ ଅନୁରୋଧ କରାଗଲା। ପାଂଚ ଦିନ ପୂର୍ବରୁ ସମସ୍ତ ମଦ ଦୋକାନ, ସମସ୍ତ ସାହିରେ ରେଡ୍ କରିବା ନିମନ୍ତେ ଅବକାରୀ ବିଭାଗ ଓ ପୋଲିସ୍ ବିଭାଗ ଜୟପୁରଙ୍କ ମିଳିତ ଭାବରେ ଚଢାଉ କରିବା ନିମନ୍ତେ ଅନୁରୋଧ କରାଗଲା। ଉକ୍ତ ଦିନ ଅଗ୍ନିଶମ ଯାନ ଓ ଟିମ ସମ୍ପୂର୍ଣ୍ଣ ଅଗ୍ନି ନିର୍ବାପକ ଯନ୍ତ୍ର ସହ ରଥ ପଛରେ ଥିବା ନିମନ୍ତେ କୁହାଗଲା। ସେହି ପରି ୪ ଗୋଟି ଯାଗାରେ ପାଣି ଟ୍ୟାଙ୍କ ଓ ୪ ଜଣ କର୍ମଚାରୀ ନିୟୋଜିତ କରିବା ନିମନ୍ତେ ସହକାରୀ ଯନ୍ତ୍ରୀଙ୍କୁ ଅନୁରୋଧ କରାଗଲା। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଜଗନ୍ନାଥଙ୍କ ଭଜନ ସମାରହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କୋରାପୁଟ ସାଂସ୍କୃତିକ ବିଭାଗ ଦ୍ୱାରା ଆୟୋଜନ କରାଯିବ।

# ଏସବିଆଇ ଏଟିଏମ ଲୁଟ ଉଦ୍ୟମ ବିଫଳ




ଖୋର୍ଦ୍ଧା, ୦୭/୦୫ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବାଣପୁର ଶନିବାର ବିଳମ୍ବିତ ରାତିରେ ଲୁଟେରା ମାନେ ବାଣପୁର ବାଲୁଗାଁ ରାସ୍ତାରେ ଥିବା ଏକ ଷ୍ଟେଟବ୍ୟାଙ୍କ ଏ.ଟି.ଏମ. ରୁ ଲୁଟ ଉଦ୍ୟମ କରି ବିଫଳ ହୋଇଛନ୍ତି । ଖବର ରୁ ଜଣାଯାଇଛି ବାଣପୁର ବାଲୁଗାଁ ରାସ୍ତାରେ ଥିବା ରବୀନ୍ଦ୍ର ମାନସିଂହଙ୍କ ଘର ପାଖରେ ଥିବା ଏକ ଷ୍ଟେଟବ୍ୟାଙ୍କ ଏ.ଟି.ଏମ.ରୁ ଦୁର୍ବୃର୍ତ୍ତ ମାନେ ରାତ୍ରି ୩ଘଟିକାରେ ଏକ ଧଳାରଙ୍ଗର କାରରେ ଆସି ସଟର ଭାଙ୍ଗି ଭିତରେ ପଶିଥିଲେ। ନିକଟରେ ଥିବା ଜନୈକ ବ୍ୟକ୍ତି ଦେଖି ପୋଲିସକୁ ଖବର ଦେଇଥିଲେ । କିନ୍ତୁ ଦୁର୍ବୃତ୍ତ ମାନେ ଏ.ଟି.ଏମ ମେସିନ କୁ ଭାଙ୍ଗିବାକୁ ଚେଷ୍ଟାକରି ବିଫଳ ହେଲା ପରେ ପୋଲିସ ପହଂଚିବା ପୂର୍ବରୁ ପାରି ନୁଆଗାଁ କେନାଲ ରାସ୍ତାରେ ଖସି ପଳାଇଥିଲେ । ପୋଲିସ ଉକ୍ତ ସ୍ଥାନରେ ପହଂଚି ଏ.ଟି.ଏମ.କୁ ତାଲା ପକାଇ ତନାଘନା କରୁଥିବାର ଜଣାଯାଇଛି । ପ୍ରକାଶ ଥାଉ,କି ଗାଡି ନମ୍ବର ଟିକୁ ବ୍ୟକ୍ତି ଜଣକ ଦେଖିଥିଲେ ମଧ ତଦନ୍ତ ଚାଲୁ ଥିବାରୁ ତାହା ପ୍ରକାଶ କରିନାହାନ୍ତି । ଖୋରଧା ପୋଲିସ ଏସ. ପି. ଶ୍ରୀଯୁକ୍ତ କାଟେରିଆ ଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଲୁଗାଁ ଏସ.ଡି. ପୀ.ଓ ଙ୍କ ନେତୃତ୍ୱ ରେ ଏକ ଦଳ ତଦନ୍ତ ଚାଲୁ ।

# ଗୋପାଳନ କରି ସ୍ୱାବଲମ୍ବୀ ହେବା ପାଇଁ କର୍ମଶାଳା

କୋରେଇ, ୦୭/୦୫ (ନି.ପ୍ର): ପାଣିକୋଇଲିର ଅଗ୍ରଣୀ ଅନୁଷ୍ଠାନ କୃପାଳୁ ଚ୍ୟାରିଟ ପକ୍ଷରୁ ଗୋପାଳନ କରି ସ୍ୱାବଲମ୍ବୀ ହେବା ନେଇ ଏକ କର୍ମଶାଳା ଆଜି ଅପରାହ୍ନରେ ପଥରପଦା ପଂଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଗୋପାଳ କ୍ଷେତ୍ରରେ ଥିବା ରାଜ୍ୟ ସରକାରଙ୍କ ଅଭିମୁଖ୍ୟ, ସରକାରୀ ସୁବିଧା, ଋଣ, ସବସିଡ, ବୀମା ଓ ଚିକିତ୍ସା ସୁବିଧା ଆଦି ସମ୍ପର୍କରେ ଏହି କର୍ମଶାଳାରେ ଆଲୋଚନା କରାଯାଇଥିଲା । କୃପାଳୁ ଚ୍ୟାରିଟର ଅଧ୍ୟକ୍ଷ ଅନିରୁଦ୍ଧ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳା ବା ସଚେତନତା ଶିବିରରେ କୃଷିବିତ୍ ଲକ୍ଷ୍ମୀଧର ସାହୁ,କୋରାଇ ଭିଭିଓ ବିକାଶ କୁମାର ଜେନା, କୃଷକ ନେତା ବଳରାମ ସାହୁ ପ୍ରମୁଖ ଯୋଗଦେଇଥିଲେ । ଗୋପାଳନ କରିବା ସହ ଗାଇ ଏକ ତୃଣ ଭୋଜୀ ପ୍ରାଣୀ ହୋଇଥିବାରୁ ସେମାନଙ୍କ ଖାଦ୍ୟ ପାଇଁ କିପରି ଘାସ ଚାଷ କରାଯାଇ ଉନ୍ନତ ମାନର କ୍ଷୀର ପ୍ରସ୍ତୁତ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା । ୨୦ଟି ଗାଇ ରଖି ଚାଷ କରିବା ପାଇଁ ୨୦ ଲକ୍ଷଟଙ୍କା ଋଣ ଯୋଗାଇ ଦିଆଯିବା ସହ ୧୦ ଲକ୍ଷଟଙ୍କାର ସବସିଡ ଉପଲବ୍ଧ ହେବ । ଏଥି ସହିତ ଚାଷୀ ମାନଙ୍କ ଠାରୁ ଦୁଗ୍ଧ, ଗୋବର ଆଦି କ୍ରୟ କରାଯିବା ସହ ଘାଷ ଚାଷ ପାଇଁ ବିହନ ମଧ୍ୟ କୃପାଳୁ ଚ୍ୟାରିଟ ପକ୍ଷରୁ ଯୋଗାଇ ଦିଆଯିବାର ପ୍ରତିଶୃତି ଦିଆଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଦୀପାଳିଙ୍କ ପାଇଁ ....

ସେ ଜଣେ ଉଚ୍ଚଶିକ୍ଷିତ ଝିଅ। ସମାଜସେବାରେ ତାଙ୍କର ବିଶେଷ ରୁଚି ରହିଛି। ଝାରସୁଗୁଡାବାସୀଙ୍କ ସେବାର ସୁଯୋଗ ମିଳିଲେ, ସେ ତାକୁ ଦକ୍ଷତାର ସହ ପାଳନ କରିପାରିବେ। ଝାରସୁଗୁଡା ସବୁବେଳେ ବିକାଶ ସାଥିରେ ରହିଛି । ଆପଣମାନେ ବିକାଶରେ ବିଶ୍ୱାସ କରନ୍ତି । ସେଥିପାଇଁ ବିଜୁ ଜନତା ଦଳ ସାଥିରେ ରହି ଆସିଛନ୍ତି । ବିଜୁ ଜନତା ଦଳ ମା ମାନଙ୍କ କଲ୍ୟାଣରେ ବିଶ୍ୱାସ କରେ। ମା ମାନଙ୍କ , ଚାଷୀ ଭାଇର ଓ ଯୁବଶକ୍ତିର ସଶକ୍ତିକରଣରେ ବିଶ୍ୱାସ କରେ। ଶିଳ୍ପ କ୍ଷେତ୍ରରେ ଝାରସୁଗୁଡାର ସ୍ୱତନ୍ତ୍ର ପରିଚୟ ରହିଛି । ଆପଣମାନଙ୍କ ସହଯୋଗ ଜାରି ରହିଲେ, ଝାରସୁଗୁଡା ଦେଶର ଏକ ନମ୍ବର ଶିଳ୍ପ ସମୃଦ୍ଧ ଜିଲ୍ଲା ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ରାଜ୍ୟରେ ଚାଲିଛି ...

ନିର୍ବାଚନ ନିମିତ୍ତ ମତ୍ର । ଆମେ ଆଇନଶୃଙ୍ଖଳା କଥା ଉଠାଇଲେ ବିଜେଡିରା ଭଡାଟିଆ ମୁଖପାତ୍ରମାନେ ଆମକୁ ଗାଳି ଦେଉଛନ୍ତି । ନିର୍ବାଚନୀ ସଭାରେ କେନ୍ଦ୍ରୀୟ ଅନୁଦାନ ବିଷୟରେ ମଧ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଗତ ୫/୬ ବର୍ଷରେ ଡିଏମଡିଏଫରେ ୧୧୩୬ କୋଟି ଟଙ୍କା ମିଳିଛି । ଖଣିରେ ୫ ହଜାର କୋଟି ଆଦାୟ ହେଉଥିଲା ଏବେ ୫୦ ହଜାର କୋଟିରେ ରାଜସ୍ୱ ପହଞ୍ଚିଛି । ଗରିବଙ୍କ ପାଇଁ ଏହି ଟଙ୍କା ଆସଛି ହେଲେ ଟଙ୍କା କାମରେ ଲାଗୁନି । ବାଟମାରଣା ହେଉଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୯୦୦ କୋଟି ଟଙ୍କା ମୋଦୀ ଝାରସୁଗୁଡାକୁ ପଠେଇଛନ୍ତି । ଝାରସୁଗୁଡାରେ ୬୮ ହଜାର ଘରେ ପାଇପ୍ ଜଳ ପାଇଁ ମୋଦୀ ସରକାର ବ୍ୟବସ୍ଥା କରିଛନ୍ତି। । ୪୬ ହଜାର ଘରେ ଉଜ୍ଜଳା ଗ୍ୟାସ୍ ପହଞ୍ଚିଛି । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୨୫୦ କୋଟି କେନ୍ଦ୍ରରୁ ଆସିଛି । ୧୦୦ କୋଟି ଟଙ୍କା ପାଇଖାନା ପାଇଁ ଆସିଛି । ଏ ଟଙ୍କା ବାଟମାରଣା ହେଉଛି । ବାଜପେୟୀଙ୍କ ପାଇଁ ଝାରସୁଗୁଡାରେ ବିକାଶ ହୋଇଛି । ଆଇଟିଡ଼ିଏ ପାଇଁ କେନ୍ଦ୍ର ଅନୁମତି ଦେଲେ ହେଲେ ମୁଖ୍ୟମନ୍ତ୍ରୀ ଫାଇଲ ଚାପିକି ଭାସିଗଲେ । ଓଡ଼ିଶା ସରକାର ଦିନରେ ଲଣ୍ଠନ୍ ଦେଖାଉଛନ୍ତି । ଓବିସିଙ୍କ ପାଇଁ ସଂରକ୍ଷଣ ନାହିଁ ସେମାନଙ୍କୁ ଧିକାରରୁ ବଞ୍ଚିତ କରୁଛନ୍ତି । ନିଜ ଦୋଷ ଲୁଚାଇବାକୁ ସର୍ଭେର ପ୍ରହସନ ଆରମ୍ଭ କରିଛନ୍ତି । ଏ ସରକାର ଆଦିବାସୀ ଏବଂ ଦଳିତ ବିରୋଧୀ ।

## ଆଜି ଲଘୁଚାପର...

ପର୍ଯ୍ୟନ୍ତ ଉତ୍ତର ଆଣ୍ଡାମାନ ଦୀପ ଓ ସାଗର ଅଂଚଳରେ ପ୍ରବଳ ବର୍ଷ ବର୍ଷା ସହ ପବନର ବେଗ ୫୦ ରୁ ୮୦ କିମି ରହିବ । ଏହାକୁ ନେଇ ସମୁଦ୍ର ଆସନ୍ତା ଥିବାରୁ ମତ୍ସ୍ୟ ଜୀବିଙ୍କୁ ସମୁଦ୍ରକୁ ଯିବାକୁ ବାରଣ ଥିବା ବେଳେ ଏହି ସମୟରେ ଆଣ୍ଡାମାନ କୁ ପର୍ଯ୍ୟଟଙ୍କ ସୁରକ୍ଷାକୁ ନେଇ କେହି ଯାତ୍ରା ବା ବୁଲାବୁଲି କରିବାକୁ ନ ଯିବାକୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ। ଅନ୍ୟପଟେ ଆସନ୍ତା ୨୪ ଘଣ୍ଟା ପାଇଁ ସେଭଳି କିଛି ନିର୍ଦ୍ଦିଷ୍ଟ ପାଣିପାଗର ସୂଚନା ନଥିବା ବେଳେ ରାଜ୍ୟର କିଛି ଜିଲ୍ଲାରେ ବର୍ଷାର ସମ୍ଭାବନା ରହିଛି । ଏହାସହ ୮ ଜିଲ୍ଲା ଯେପରିକି ମାଲକାନଗିରି କୋରାପୁଟ ରାୟଗଡା ନବରଙ୍ଗପୁର ଗଜପତି ଗଂଜାମ କନ୍ଧମାଳ ମୟୂରଭଞ୍ଜ ରେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ମୁଖ୍ୟତଃ ରାଜ୍ୟରେ ଏବେ କାଳବୈଶାଖୀ ର ପ୍ରଭାବ ନଥିବା ବେଳେ ଧୀରେ ଧୀରେ ତାପମାତ୍ରା ବଢିବା ସହ ପାଗ ଶୁଖିଲା ରହିବ । ସେହିପରି ଗତ ୨୪ ଘଣ୍ଟାରେ ବୌଧ ରେ ୩୯ .୫ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି । ସେହିପରି ରାଜ୍ୟରେ ଗତ ୨୪ ଘଣ୍ଟାରେ କିଛି ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ହୋଇଥିବା ବେଳେ ଗଜପତି ଗୋଶାଣିରେ ସର୍ବାଧିକ ୩୬ ମିମି ବର୍ଷା ରେକର୍ଡ କରାଯାଇଛି ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଦେଇଛି ।

## ଏଥର ଡବଲ...

ମୋଦୀଙ୍କ ଉପରେ ଆକ୍ରମଣ କରି କଂଗ୍ରେସ ନେତା କହିଛନ୍ତି ଯେ ପ୍ରଧାନମନ୍ତ୍ରୀ କୁହନ୍ତୁ କେଉଁ ଇଞ୍ଜିନକୁ କେତେ ଟଙ୍କା ମିଳିଛି । କର୍ଣ୍ଣାଟକକୁ ଆସି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କଂଗ୍ରେସ ତାଙ୍କୁ ୯୧ ଥର ଦୁର୍ବ୍ୟବହାର କରିଛି। ଯେତେବେଳେ ମୁଁ ଲୋକସଭାରେ ଏହି ପ୍ରଶ୍ନ ପଚାରିଥିଲି ଯେ ତୁମର(ମୋଦୀଙ୍କର) ଏବଂ ଗୌତମ ଆଦାନୀଙ୍କ ମଧ୍ୟରେ ସମ୍ପର୍କ କ'ଣ, ମୁଁ ଯେତେବେଳେ ଦୁର୍ନୀତି ବିଷୟରେ ଏକ ପ୍ରଶ୍ନ ପଚାରିଥିଲି, ସେତେବେଳେ ମୋତେ ଲୋକସଭାରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା । ରାହୁଲ ଗାନ୍ଧୀ ମଧ ମଣିପୁର ହିଂସା ବିଷୟରେ କହିଥିଲେ। ସେ କହିଥିଲେ ଯେ ମଣିପୁରରେ ନିଆଁ ଲାଗିଛି, ଲୋକଙ୍କୁ ହତ୍ୟା କରାଯାଉଛି, କିନ୍ତୁ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ଏହି ଘଟଣାକୁ ନେଇ କୌଣସି ଚିନ୍ତା ନାହିଁ। ସେ କହିଛନ୍ତି ଯେ ଆମ ରୋଡ ସୋରେ ସମସ୍ତ ନେତା ଏକାଠି ଠିଆ ହୋଇଥିବା ଦେଖିବାକୁ ମିଳିଥିବାବେଳେ ମୋଦୀ ଜିଙ୍କ ରୋଡ ସୋରେ ମୋଦୀ ଜୀ କାରରେ ବୁଲୁଛନ୍ତି, ଅନ୍ୟ ନେତାମାନେ ରାସ୍ତାରେ ଚାଲୁଛନ୍ତି ।

## ୨୦ ଲକ୍ଷ ୮୭ ହଜାର...

ପରୀକ୍ଷାର୍ଥୀଙ୍କୁ ୨ଘଂଟା ପୂର୍ବରୁ କେନ୍ଦ୍ରରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରୀକ୍ଷା ହଲ ଭିତରକୁ ହଲ ଟିକେଟ, ପାସପୋର୍ଟ ସାଇଜ ଫଟୋ, ପରିଚୟ ପତ୍ର ବ୍ୟତିତ ଅନ୍ୟ ସମସ୍ତ ଜିନିଷ ନେବାକୁ ବାରଣ କରାଯାଇଥିଲା। ଏଥିସହ ଢିଲା ପୋଷାକ, ସୁନାଗହଣା, ପାଠ ବହି, ଇଲେକ୍ଟ୍ରୋନିକ, ଜିନିଷ, ପେନସିଲ,ପେନ ନେବାକୁ ମନା ହୋଇଥିଲା। ଦେଶର ବିଭିନ୍ନ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ଏନଟିଏ ଏହି ନ୍ୟାସନାଲ ଏଲିଜିବିଲିଟି ଏଣ୍ଟ୍ରାସ ଟେଷ୍ଟ ଆୟୋଜନ କରିଥାଏ।

# ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ପୁରୀ, ୦୭/୦୫ (ନି.ପ୍ର): ମଙ୍ଗଳାଘାଟ ସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିରର ବାଷିକୋତ୍ସବ ପାଳିତ ହୋଇଯାଇଛି । ଏଥିରେ ଅତିଥି ଭାବେ ସଦର ବ୍ଲକ ଚେୟାରମ୍ୟାନ ଦିବାକର ପାତ୍ର,ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ସମ୍ପାଦକ କୃଷ୍ଣପ୍ରସାଦ ଆଚାର୍ଯ୍ୟ, ଉପଦେଷ୍ଟା ବିଶ୍ୱରଞ୍ଜନ ରଥ,ପ୍ରଧାନଆଚାର୍ଯ୍ୟ ଲକ୍ଷ୍ମୀପ୍ରିୟା ରାଉତରାୟ, ସଂପାଦକ ବିଜୟ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଶିଶୁ ମାନଙ୍କର ଶୈକ୍ଷିକ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । ଦିଗମ୍ବର ମାଝି ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯାଇଥିଲା। କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ଆଚାର୍ଯ୍ୟା ଲିପସା ରାଉତ,ଲକ୍ଷ୍ମୀପ୍ରିୟା ସ୍ୱାଇଁ, ରାଜଶ୍ରୀ ସାହୁ, ସୁନିତା ନାୟକ, ରଞ୍ଜିତା ସେନାପତି, ଜୟନ୍ତୀ ସାମନ୍ତରାୟ, ରାଜଲକ୍ଷ୍ମୀ ସାମନ୍ତରାୟ, ବିଦ୍ୟାଳୟର ମାଉସୀ ସୁମିତ୍ରା ପଣ୍ଡା,ନୃତ୍ୟ ଗୁରୁ ହରିହର ସାହୁ ଓ ସବିତା ପଣ୍ଡାଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା । ଦଶମ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ତୃପ୍ତିମୟୀ ସାମନ୍ତରାୟଙ୍କୁ ସମ୍ମାନିତ କରାଯାଇଥିଲା ।

# ରାଜ୍ୟ ସରକାରଙ୍କ 'ବିଜୁ ଶ୍ରମିକ ବନ୍ଧୁ' ସମ୍ମାନପ୍ରାପ୍ତ ଗୌରାଙ୍ଗ ପାଣିଗ୍ରାହୀଙ୍କୁ ଜିଲ୍ଲାସ୍ତରରେ ସମ୍ବର୍ଦ୍ଧନା




ବାଲେଶ୍ୱର, ୦୭/୦୫ (ନି.ପ୍ର): ଏ.ଆଇ.ଟି.ୟୁ.ସି.ର ବରିଷ୍ଠ ରାଜ୍ୟ ଉପସଭାପତି ଓ ବାଲେଶ୍ୱର ଜିଲ୍ଲାର ବିଶିଷ୍ଟ ଶ୍ରମିକନେତା ତଥା ବିଭିନ୍ନ ସାମାଜିକ ସଂଗଠନ ସହ ଜଡ଼ିତ ଗୌରାଙ୍ଗ ପାଣିଗ୍ରାହୀଙ୍କୁ ବାଲେଶ୍ୱର ଜିଲ୍ଲା ଏ.ଆଇ.ଟି.ୟୁ.ସି କମିଟି ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗତ ମଇ ପହିଲା ଶ୍ରମିକ ଦିବସ ଦିନ ରାଜ୍ୟ ସରକାର ଶ୍ରୀ ପାଣିଗ୍ରାହୀଙ୍କୁ 'ବିଜୁ ଶ୍ରମିକ ବନ୍ଧୁ' ସମ୍ମାନରେ ସମ୍ବର୍ଦ୍ଧିତ କରିଥିବାରୁ ରବିବାର ଦିନ ଅପରାହ୍ନରେ ଉଠାଜଳସେଚନ କର୍ମଚାରୀ ଭବନରେ ଜିଲ୍ଲା କମିଟିର ସଭାପତି ଭାଗବତ ପ୍ରତିହାରୀଙ୍କ ଅଧକ୍ଷତାରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ଶ୍ରୀ ପାଣିଗ୍ରାହୀଙ୍କୁ ଏ.ଆଇ.ଟି.ୟୁ.ସି. ସମେତ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସାମାଜିକ ସଂଗଠନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଗତ ୧୯୭୪ ମସିହାରୁ ଶ୍ରୀ ପାଣିଗ୍ରାହୀ ଉଠାଜଳସେଚନ କର୍ମଚାରୀମାନଙ୍କୁ ସଂଗଠିତ କରି ରାଜ୍ୟ ଫେଡେରେସନ୍ ଗଠନ କରିବା ସହ ଗତ ୮୦ ଦଶକରେ ବାଲେଶ୍ୱରରେ ପ୍ରତିଷ୍ଠା ହୋଇଥିବା ବହୁ ଶିଳ୍ପ ଶ୍ରମିକଙ୍କୁ ସଂଗଠିତ କରିବା ଓ ଗତ ୧୯୭୫ ମସିହାରେ ବିଭିନ୍ନ ଶ୍ରମିକ ସଂଗଠନମାନଙ୍କଗର ଏକ ମିଳିତ ମଞ୍ଚ ଟି.ୟୁ.ସି.ସି. ଠନରେ ତାଙ୍କର ଭୂମିକାକୁ ଏହି ସମ୍ବର୍ଦ୍ଧନା ସଭାରେ ଅତିଥି ଓ ବକ୍ତାମାନେ ଉଚ୍ଚପ୍ରଶଂସା କରି ତାଙ୍କର ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ। ଉଠାଜଳସେଚନ ନିଗମରୁ ଛଟେଇକୁ ବିରୋଧ କରି ସେ ୧୯୭୬ ମସିହାରେ ଜେଲ ଯିବା ସହ ବିଭିନ୍ନ ଜନଦାବିରେ ପ୍ରାୟ ୫ ଥର ଜେଲ୍ ବରଣ କରିଥିଲେ। ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବାପରେ ସେ ବହୁ ସାମାଜିକ ଓ ସାଂସ୍କୃତିକ ସଂଗଠନ ସହ ଏବେ ଜଡ଼ିତ ଅଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ସି.ପି.ଆଇ. ରାଜ୍ୟ ସଂପାଦକ ଅଭୟ ସାହୁଙ୍କ ସମେତ ସଂପାଦକ ମଣ୍ଡଳୀ ସଭ୍ୟ ଡା. ପ୍ରଶାନ୍ତ ମିଶ୍ର, କ୍ଷିରୋଦ ସିଂହଦେଓ, ଏ.ଆଇ.ଟି.ୟୁ.ସି.ର ରାଜ୍ୟ ସାଧାରଣ ସଂପାଦକ ବିଜୟ ଜେନା ଓ ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ, ସଂପାଦକ ମାୟାଧର ନାୟକ ପ୍ରମୁଖ ଶ୍ରୀ ପାଣିଗ୍ରାହୀଙ୍କ ବହୁବିଧ ପ୍ରତିଭାର ଭୂୟସୀ ପ୍ରଶଂସା କରିଥିଲେ। କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇ.ଏନ୍.ଟି.ୟୁ.ସିର ଜିଲ୍ଲା ସଭାପତି ସୁରେଶ ଚନ୍ଦ୍ର ବେହେରା ଓ ବିକାଶ ଦାସ, ସି.ଆଇ.ଟି.ୟୁ. ପକ୍ଷରୁ ଜୀବନ ବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, ପ୍ରତିରକ୍ଷା କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଜଗଦୀଶ ବାରିକ, ରବିନାରାୟଣ ମିଶ୍ର, ଡାକ କର୍ମଚାରୀ ନେତା ନିରଞ୍ଜନ ରାଉତ ଓ ଅକ୍ଷୟ କୁମାର ତ୍ରିପାଠୀ, ପାୱାର ଏମ୍ପ୍ଲୟିଜ୍ ୟୁନିୟନ୍ ସଭାପତି ଜଗଦୀଶ ବେହେରା ଓ ଭରତ ଚନ୍ଦ୍ର ସେଠୀ, ଅଙ୍ଗନୱାଡ଼ି କର୍ମୀ ସଂଘର ନେତ୍ରୀ ଆରତୀ ଦାସମହାପାତ୍ର, ମେଡିକାଲ୍ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, ବାଲେଶ୍ୱର ସିଭିଲ୍ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଉଠାଜଳ ସେଚନ କର୍ମଚାରୀ ସଂଘର ସହ ସଂପାଦକ ଶରତ ଚନ୍ଦ୍ର ଦଳାଇ, ଶଶଧର ପରିଡ଼ା, ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ଶଶିକାନ୍ତ ବେହେରା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଶ୍ରୀ ପାଣିଗ୍ରାହୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏ.ଆଇ.ଟି. ୟୁ.ସି.ର ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ରବିବାର ପୂର୍ବାହ୍ନରେ ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ, ସିଭିଲ୍ ସୋସାଇଟି, ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ' ଏବଂ ଜିଲ୍ଲା ବ୍ରାହ୍ମଣ ସମିତି ପକ୍ଷରୁ ଶ୍ରୀ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# କାଠଯୋଡି ସାହିତ୍ୟ ସଂସଦ ଷଷ୍ଠବାର୍ଷିକ ଉତ୍ସବ




କଟକ, ୦୭/୦୫ (ନି.ପ୍ର): ଖାନନଗର ସ୍ଥିତ ପଞ୍ଚମୁଖି ହନୁମାନ ମନ୍ଦିର ପ୍ରାଙ୍ଗଣରେ କାଠଯୋଡି ସାହିତ୍ୟ ସଂସଦର ଷଷ୍ଠ ବାର୍ଷିକ ଉତ୍ସବରେ କବିତା ପାଠୋତ୍ସବ, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ସାନ୍ତ୍ୱନା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଓଡିଶୀ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗୀତିକବି ଗୌରହରି ଦଳାଇ,ଗୌର ପଟ୍ଟନାୟକ, ଓ ପଞ୍ଚମୁଖି ହନୁମାନ ମନ୍ଦିର ସଭାପତି କ୍ଷେତ୍ରମୋହନ ସାହୁ ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀ କଟକ ପ୍ରତିନିଧି ମନୋଜ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ,ଆଇନଜୀବୀ ମହିଜା ଦଳବେହେରା, ପଣ୍ଡିତ ଚୈତନ୍ୟ କୁମାର ସାହୁ,ଡାକ୍ତର ସୁନିଲ ରାଉତ ,ଶରତ କୁମାର ସାହୁ ପ୍ରମିଳା ପତି ଆଦି ଓଡ଼ିଆ ଗୀତିକବିତା ଉପରେ ବକ୍ତବ୍ୟ ରଖିଥିଲେ କବି ପୀତାମ୍ବର ମହାପାତ୍ର ସ୍ୱାଗତ ସହ ପରିଚୟ ପ୍ରଦାନ କରିଥିଲେ।ସଂସଦର ମୁଖପତ୍ର "କାଠଯୋଡ଼ି" ଓ ସ୍ନେହଲତା ସାହୁଙ୍କ ଗୀତିସଂକଳନ "ଭାବ ରସିଆ"ଲୋକାର୍ପିତ ହୋଇ ଥିଲା ଏହି ଅବସରରେ ସାହିତ୍ୟ ଓ ଚିତ୍ର କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ କବି ହରିବନ୍ଧୁ ମଙ୍ଗରାଜ, ଚିତ୍ରଶିଳ୍ପୀ ବଳଦେବ ମହାରଥା, ସୁଶାନ୍ତ ଦାଶ, ଇଁ ସତ୍ୟବ୍ରତ ରଥ,ରଘୁନାଥ ମହାପାତ୍ର, ଡକ୍ଟର ଆଦିତ୍ୟ ପ୍ରତାପ ଧଳ,ନାଟ୍ୟ ନିର୍ଦ୍ଦେଶକ ଡକ୍ଟର କିଶୋର ମହାନ୍ତି, ଗୀତିକବି ଅଜୟ କୁମାର ବେହେରା ,ଶିଶୁକବି ସୁଶାନ୍ତ କୁମାର ଦାଶ ଓ ପ୍ରମୋଦ ସାହୁଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଏଇ ଅବସରେ ବରିଷ୍ଠ ଗୀତିକବି ବିପିନ୍ ମହାନ୍ତିଙ୍କ ପୌରହିତରେ ବିଧୂଭୂଷଣ ମହାନ୍ତି, ସ୍ମୃତିରେଖା ମହାନ୍ତି, ସୌମେନ୍ଦ୍ର ମହାପାତ୍ର ଓ ଜୟନ୍ତୀ ବାରିକ ସଂଯୋଜନାରେ ଶତାଧିକ କବି ସ୍ୱରଚିତ କବିତା ପାଠକରି ମନ୍ତ୍ରମୁଗ୍ଧ କରିଥିଲେ ସମଗ୍ର ଆସରକୁ ଇଁ ଶେଷଦେବ ଜେନା ଓ ଅଧାପକ ହୃଷିକେଶ ମହାରଣା ଉପସ୍ଥାପନା କରିଥିଲେ। ସଂସଦର ସମ୍ପାଦକ ବାବାଜୀ ଜେନା ସମସ୍ତ କାର୍ଯ୍ୟକ୍ରମ ସଂଚାଳନା କରିଥିବା ବେଳେ ପ୍ରମୋଦ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବ୍ରତା ମହାନ୍ତିଙ୍କ ଦୁଇଟି ପୁସ୍ତକ 'ସ୍ପୃହା' ଓ 'ରାହା' ଉନ୍ମୋଚିତ




ବାଲେଶ୍ୱର, ୦୭/୦୫ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବୟିତ୍ରୀ ସୁବ୍ରତା ମହାନ୍ତିଙ୍କର କବିତା ସଂକଳନ 'ସ୍ପୃହା' ଓ ଅନୁଚିନ୍ତା ସମ୍ବଳିତ ପୁସ୍ତକ 'ରାହା' କବୀମାତା କୁମୁଦିନି ମହାନ୍ତିଙ୍କଦ୍ୱାରା ଉନ୍ମୋଚିତ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ପିତାମାତାଙ୍କ ଆଶୀର୍ବାଦରେ ଶ୍ରୀମତୀ ମହାନ୍ତି ସାରସ୍ୱତ ସାଧନାରେ ନିଜକୁ ନିମଗ୍ନ ରଖିଥିବାରୁ ଆନନ୍ଦ ବ୍ୟକ୍ତ କରିବା ସହିତ ତାଙ୍କର ଦୁଇଟିଯାକ ପୁସ୍ତକ ପାଠକୀୟ ଶ୍ରଦ୍ଧାଲାଭ କରିବ ବୋଲି ଆଶା ପୋଷଣ କରିଥିଲେ। କବିତା ସଂକଳନ 'ସ୍ପୃହା' ପୁସ୍ତକକୁ ଗବେଷକ ଡ. ଭାଗବତ ପ୍ରସାଦ ଦାସ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିବାବେଳେ 'ରାହା' ପୁସ୍ତକଟି ବିଶିଷ୍ଟ ପ୍ରବଚକ ଭାଗବତ ପଣ୍ଡା ସମୀକ୍ଷା କରିଥିଲେ। ବସ୍ତୁବାଦୀ ଦୁନିଆରେ ମଣିଷ ଅଣନିଃଶ୍ୱାସୀ ହୋଇପଡୁଥିବାବେଳେ ଆଧାତ୍ମିକତା ହିଁ ମଣିଷମନରେ ଶାନ୍ତି ପ୍ରତିଷ୍ଠା କରିପାରିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ। ଲେଖିକା ସୁବ୍ରତା ମହାନ୍ତି ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ତୃପ୍ତିରାଣୀ ପାତ୍ର ଓ କଲ୍ୟାଣୀ ନନ୍ଦ କବୀଙ୍କର ଦୁଇଟି କବିତା ଆବୃତ୍ତି କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ସୁଭାଷ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମହାବିଦ୍ୟାଳୟରେ ଜାତୀୟ ସେବା ତାଲିମ ଶିବିର

ଜଳେଶ୍ୱର ୭/୫ (ନି.ପ୍ର): ଜଳେଶ୍ୱରସ୍ଥିତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଏନ୍ଏସ୍ଏସ୍ର ଜିଲା ସଂଯୋଜକ ଗୌରାଙ୍ଗ ପଣ୍ଡା ପୌରହିତ୍ୱ କରିଥିଲେ । ଫକୀର ମୋହନ ବିଶ୍ୱବିଦ୍ୟାଳୟର ରିସର୍ଚ୍ଚ ପର୍ସନ ପ୍ରଫେସର ଅମୂଲ୍ୟ ଆଚାର୍ଯ୍ୟ, ଅଧ୍ୟକ୍ଷ ସରୋଜ ମହାନ୍ତି ଯୋଗ ଦେଇ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ କହିଥିଲେ । ପ୍ରଗ୍ରାମ ଅଫିସର ଶ୍ରବଣ କୁମାର ନାଥ ମଂଚ ଆହ୍ୱାନ କରିଥିବା ବେଳେ ପୁଷ୍ପମାଳା ତ୍ରିପାଠୀ, ସୁଧିର କୁମାର ମୁଦୁଲି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ନିଶ୍ଚଳ କୁମାର ଘଡେଇ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବାରିପଦା ନାଟୋତ୍ସବ ୨୦୨୩ ଉଦ୍‌ଘାଟିତ

## ମନ ମୋହିଲା ନାଟକ ସେ ଆସିବ ବୋଲି



ବାରିପଦା, ୦୭/୦୫ (ନି.ପ୍ର): ସ୍ଥାନୀୟ ଶହୀଦ ସ୍ମୃତି ଭବନେର ବାରିପଦା କଳାକାର ପରିବାର ପ୍ରଯୋଜନାରେ ତିନି ଦିନିଆ ନାଟକୋତ୍ସବ ୫ ତାରିଖ ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସାମ୍ବାଦିକ ସଂଜୟ ଚୌଧୁରୀ, ମୁଖ୍ୟ ବକ୍ତା ଭାବେ ଅଧ୍ୟକ୍ଷା ପୁଷ୍ପା ପାତ୍ର, ସମ୍ମାନୀୟ ଅତିଥି ଭାବେ ବାରିପଦା କଳାକାର ପରିବାରର ସଭାପତି ଧୀର ବସା, ନିର୍ଦ୍ଦେଶକ ରାଜେଶ ଦାଶ ଯୋଗ ଦେଇ ଅନୁଷ୍ଠାନିକ ଭାବେ ଉତ୍ସବକୁ ଉଦଘାଟନ କରିଥିଲେ । ପ୍ରଥମ ସନ୍ଧ୍ୟାରେ ଡ. ପ୍ରଦୀପ ଭୌମିକଙ୍କ ରଚନାରୁ, ଧୀରବସାଙ୍କ ମାର୍ଗ ଦର୍ଶନରେ ରାଜେଶ ଦାଶଙ୍କ ନିର୍ଦ୍ଦେଶନାରେ ନାଟକ ସିଏ ଆସିବ ବୋଲି ପ୍ରଦର୍ଶିତ ହୋଇ ଦର୍ଶକଙ୍କ ମନ ମୋହିଥିଲା ଓ ଆଲୋକରେ ଶ୍ରୀକାନ୍ତ ଚୌଧୁରୀ, କୁବାବାବୁ, ସଙ୍ଗୀତରେ ଶକ୍ତି ମିଶ୍ର ଏବଂ ଦ୍ୱିଜ ବାବୁ, ମଞ୍ଚ ଓ ରୂପସଜ୍ଜାରେ ନୃସିଂହ ବାରିକ ଏବଂ ଅସୀତ ଦାସ ସହାୟତା କରିଥିଲେ। ବିଭିନ୍ନ ଭୂମିକାରେ ଜ୍ଞାନ ପଣ୍ଡା, ରତିକାନ୍ତ, ପ୍ରସନ୍ନ, କୁନ୍ଦନ, ଦଶରଥ, ତପୁବାବା, ଗୁହିରାମ, ରଞ୍ଜିତ, ସର୍ମିଷ୍ଠା, ପଲ୍ଲବୀ, ତେଜସ ଏବଂ ଡୁଡୁ ଅଭିନୟ କରିଥିବା ବେଳେ ସୋମନାଥ ସିଂ ଏବଂ ସୁଚରିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ ।

# ଆଦିବାସୀଙ୍କୁ ଭେଟିଲେ ଜନ ଜାତି କମିଶନ

କେନ୍ଦ୍ରାପଡ଼ା, ୦୭/୦୫ (ନି.ପ୍ର): ଜନ ଜାତି କମିଶନ ସଦସ୍ୟ ଅନନ୍ତ କୁମାର ନାୟକ ରବିବାର କେନ୍ଦ୍ରାପଡା ଗସ୍ତରେ ଆସି ଜନ ଜାତି ଲୋକ ମାନଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡିଛି । ଭାରତ ସରକାରଙ୍କ ଜନ ଜାତି କମିଶନ ତଥା କେନ୍ଦୁଝରର ପୂର୍ବତନ ସାଂସଦ ଅନନ୍ତ କୁମାର ନାୟକ ରବିବାର କେନ୍ଦ୍ରାପଡା ଗସ୍ତରେ ଆସି ମଧ୍ୟାହ୍ନରେ ଜଝାଙ୍ଗ ସର୍କିଟ ହାଉସରେ ପହଁଚିବା ପରେ ଜିଲ୍ଲାର ସରକାରୀ ଅଧିକାରୀ ମାନଙ୍କ ସହିତ ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା, ସୁନାକର ବେହେରା, ଅଭିମନ୍ୟୁ ଗୋଛାୟତ, ଭୁବନ ମୋହନ ଜେନା ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ନାୟକ ଜ ଜାତିର ଲୋକ ମାନଙ୍କୁ ଜମି ପଟା ବଣ୍ଟନ କରିଥିଲେ । ଅପରାହ୍ନରେ କଜଳା ସ୍ଥିତ ଅନୁ ସୂଚିତ ଜନ ଜାତି ବସ୍ତି ବୁଲି ସେମାନଙ୍କର ନାନା ଅସୁବିଧା ସଂପର୍କରେ ପଚାରି ବୁଝିବା ସହିତ ସମସ୍ୟା ସମାଧାନ କରିବା ପାଇଁ ଆଲୋଚନା କରିଥିଲେ । ବସ୍ତି ବାସିନ୍ଦା ମାନେ ଦୀର୍ଘ ବର୍ଷ ହେଲା କଜଳା ଠାରେ ରହି ଆସୁଥିଲେ ମଧ ଏପର୍ଯ୍ୟନ୍ତ ସେମାନଙ୍କୁ ପଟା ଦିଆଯାଇ ନଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନନ ହେଉଛନ୍ତି ।

# ଜଳେଶ୍ୱରରେ ନାରଦ ଜୟନ୍ତୀ ପାଳିତ

ଜଳେଶ୍ୱର ୭/୫ (ନି.ପ୍ର): ଜଳେଶ୍ୱରର କେତେକ ସାମ୍ବାଦିକଙ୍କ ଦ୍ୱାରା ଆଜି ନାରଦ ଜୟନ୍ତୀ ପାଳିତ ହୋଇଯାଇଛି । ରାଜପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ତଥା ସାମ୍ବାଦିକ ରମେଶ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରି ପୁରାଣରେ ନାରଦ ହିଁ ପ୍ରଥମ ସାମ୍ବାଦିକ ଥିବା ଅଭିହିତ କରିଥିଲେ । ସମାଜସେବୀ ତ୍ରିଲୋଚନା ଦାସ ସଂଯୋଜନା ଓ ମଂଚ ଆହ୍ୱାନ କରିଥିବା ବେଳେ ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିରେଖା ଜେନା, ସାମ୍ବାଦିକ ରବିନ୍ଦ୍ର ସେନାପତି, ଆରତୀ ଦାସ ପ୍ରମୁଖ ଦେଇ ସାମ୍ବାଦିକ ମାନେ ନିର୍ଭିକ ଓ ସତ୍ୟ ସଂବାଦ ପରିବେଷଣ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋର୍ତିମୟାନନ୍ଦ ପାଳ, ଦିଲ୍ଲିପ ପରିଡା, ସୁକୁମାର ରଣା, ରବିନାରାୟଣ ପଣ୍ଡା, ଅରୁଣ ଜେନା, ଘନଶ୍ୟାମ ଗିରି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସାମ୍ବାଦିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ । ଭଣ୍ଡାରପଲି କଳାନିକେତନର କୁନି କୁନି କଳାକାରମାନେ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ ।



## ଚିକିତ୍ସାଧୀନ ମାଈ ହାତୀର ମୃତ୍ୟୁ

ନୀଳଗିରି , ୦୭/୦୫ (ନି.ପ୍ର): କୁଳଡିହା ଅଭୟରଣ୍ୟରେ ଦୀର୍ଘ ଏକମାସଧରି ବନବିଭାଗ ଦ୍ୱାରା ଏକ ମାଈ ହାତୀର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଆଜି ସନ୍ଧ୍ୟା ପ୍ରାଏ ୫.୧୫ମିନିଟ ସମୟରେ ହାତୀର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ହାତୀଟିର ଗୋଟିଏ ଗୋଡ଼ରେ ଅତ୍ୟଧିକ କ୍ଷତ ଥିବା ବନ ବିଭାଗ ଠାବ କଲାପରେ ଚିକିତ୍ସା କରିଆସୁଥିଲେ । ମାତ୍ର ବନବିଭାଗର ସମସ୍ତ ଚେଷ୍ଟାସତ୍ତ୍ୱେ ଅଭୟାରଣ୍ୟର ହାତୀଖୋଲିଆ ସେକ୍ସନ ଅଧୀନରେ ଥିବା ଜଙ୍ଗଲରେ ହାତୀଟିର ମୃତ୍ୟୁ ହୋଇଥିବା ବାଲେଶ୍ୱର ଡି. ଏଫ. ଓ ସୂଚନା ଦେଇଛନ୍ତି ।

## ପାରିବାରିକ କଳହର କରୁଣ ପରିଣତି: ନିଜ ସ୍ତ୍ରୀକୁ ହତ୍ୟା କରି ଖଣ୍ଡ ଖଣ୍ଡ କରି ଅଖାରେ ଭର୍ତ୍ତି କଲା ସ୍ୱାମୀ

ବସ୍ତା, ୦୭/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ପାଳସିଆ ଗାଁରେ ଘଟିଛି ଏଭଳି ଅଭାବନୀୟ ଘଟଣା । ମୃତ ମହିଳା ଜଣଙ୍କ ହେଲେ ପ୍ରଦିପ ଦାସଙ୍କ ସ୍ତ୍ରୀ ମାମା ଦାସ, ଶବକୁ ଅଖା ରେ ଭର୍ତ୍ତି କରି ଫୋପାଡିବାକୁ ନେଉଥିବା ବେଳେ ମୃତ ମହିଳାଙ୍କ ବାପଘର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଲା ବେଳକୁ ଅଖା ବସ୍ତାରେ ରେ ଭର୍ତ୍ତି ଶବକୁ ପକାଇ ଦେଇ ଶାଶୁ ଘର ଲୋକେ ଫେରାର ହୋଇ ଯାଇଥିଲେ । ସୂଚନା ଅନୁଯାୟୀ ମୃତ ମହିଳାଙ୍କ ୧୦ ବର୍ଷ ପୂର୍ବରୁ ବିବାହ ହୋଇଥିବା ବେଳେ ଅଧିକାଂଶ ଦିନ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହେଉଥିଲା । ବିଭିନ୍ନ ସମୟରେ ଶାଶୁଘର ଲୋକେ ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ ବୋଲି ବାପ ଘର ଲୋକେ ଅଭିଯୋଗ କରିଛନ୍ତି । ତେବେ ଗତକାଲି କୌଣସି କଥାକୁ ନେଇ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହେବାପରେ ଉତକ୍ଷିପ୍ତ ହୋଇ ସ୍ୱାମୀ ପ୍ରଦୀପ ମାମାଙ୍କୁ ଏକ କଟୁରୀରେ ମାରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ମହିଳାଙ୍କ ମୃତ୍ୟୁ ପରେ ଏହାକୁ ହତ୍ୟାକାଣ୍ଡର ରୂପ ଦେବା ପାଂଇ ଅଖାରେ ଭର୍ତ୍ତି କରି ଟ୍ରେନ ଲାଇନକୁ ଫୋପାଡିବାକୁ ନେବା ସମୟରେ ବାପଘର ଲୋକେ ପହଞ୍ଚିବାରୁ ସ୍ୱାମୀ , ଶ୍ୱଶୁରଙ୍କ ସମେତ ବାପ ଘର ଲୋକେ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ । ବାପଘର ଲୋକେ ବସ୍ତା ପୋଲିସକୁ ଖବର ଦେବାପରେ ପୋଲିସ ପହଞ୍ଚି ମୃତ ମହିଳାଙ୍କ ଶାଶୁ ଏବଂ ଦିଅର ଙ୍କୁ ଥାନା ରେ ଅଟକ ରଖିବା ସହ ମୃତ ଦେହକୁ ଜବଦ କରି ଘଟଣାର ତଦନ୍ତ କରୁଛି, । ମୃତ ମହିଳାଙ୍କ ଜଣେ ୬ ବର୍ଷର ଝିଅ ଏବଂ ୪ ବର୍ଷର ପୁଅ ରହିଛି ।

## ରେମୁଣାର ଦୁଇଟି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର

ରେମୁଣା , ୦୭/୦୫ (ନି.ପ୍ର): ରେମୁଣା ବ୍ଲକର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ରାଜ୍ୟ ସରକାର ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଛନ୍ତି ।ଏହି ଦୁଇଟି ରାସ୍ତା ହେଉଛି(୧)- ବାଲେଶ୍ୱର-ମିତ୍ରପୁର ରାସ୍ତାର ରେମୁଣା ବଜାରରୁ ସେରଗଡ-ନୀଳଗିରି ରାଜ୍ୟ ରାଜପଥର ସାଆନ୍ତା ଛକ (୧୦.୨ କି.ମି.) ଭାୟା ରେମୁଣା ବଜାର ତାରିଣୀ ଛକ,ନରହରିପୁର ବାଇପାସ ଛକ,ସୋମନାଥପୁର ଶିଳ୍ପାଂଚଳ ଆଇଓସିଏଲ, ଏଚପିସିଏଲ,ବିପିସିଏଲ ଡିପୋଟ,ବେଲେରି ଛକ,ନାୟିକା ମଠ,ଚିଲାପଦା ଅନନ୍ତ ପଣ୍ଡା ଛକ,ପିଂଛାବଣିଆ ରାଜେନ୍ଦ୍ର ମାଷ୍ଟ୍ର ଛକ ରାସ୍ତା (୨)-ରେମୁଣା ବଜାର ହାତିଆଗଣ୍ଡ ଛକରୁ ବାଲେଶ୍ୱର-ମୟୁରଭଂଜ ଜିଲ୍ଲାର ସୀମାନ୍ତ ରାଉତରାପୁର-ନୂଆହାଟ ଛକ(୧୨ କି ମି) ଭାୟା ବାଲିପାଳ ଛକ,ଗୁଡୁଦା, ଦୂର୍ଗାଦେବୀ ରାସ୍ତା ।ରାଜ୍ୟ ସରକାରଂକର ନିର୍ମାଣ (ପୂର୍ତ୍ତ ବିଭାଗର ବିଜ୍ଞପ୍ତି ସଂଖ୍ୟା ୭୭୧୨, ତାରିଖ ୬ ମେ ୨୦୨୩ ରେ ଏହି ଦୁଇଟି ରାସ୍ତା ସମେତ ଜିଲ୍ଲାର ୮ ଗୋଟି ନିର୍ବାଚନ ମଣ୍ଡଳୀର ୧୬ ଟି ଗ୍ରାମ୍ୟ ଉନ୍ନୟନ ବିଭାଗ/ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ/ଜଳସଂପଦ ବିଭାଗ ଅଧୀନସ୍ଥ ରାସ୍ତାକୁ ସଂପ୍ରସାରଣ ଓ ଉନ୍ନୀତକରଣ ପାଇଁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି । ରେମୁଣା ଅଂଚଳବାସୀଂକର ଦୀର୍ଘ ଦିନର ଦାବି ଆନ୍ଦୋଳନ, ଜନସାଧାରଣଂକର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ରାସ୍ତା ଦୁଇଟିକୁ ପୂର୍ତ୍ତ ବିଭାଗର ଅନ୍ୟ ଜିଲ୍ଲା ରାସ୍ତା (ଓ ଡି ଆର) ର ମାନ୍ୟତା ପ୍ରଦାନ କରିଥିବାରୁ ସାମ୍ବାଦିକ ତଥା ସାମାଜିକ କର୍ମୀ ରବି ରାଉତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ବରିଷ୍ଠ ବିଜେଡି ନେତା ପ୍ରଭାତ ବିଶ୍ୱାଳଂକୁ ରେମୁଣା, ନୀଳଗିରି ଓ ମୟୁରଭଂଜ ଜିଲ୍ଲାବାସୀଂକ ପକ୍ଷରୁ ସାଧୁବାଦ ଜଣାଇବା ସହିତ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି । ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପାଇଁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିବା କ୍ଷୀରଚୋରା ଗୋପିନାଥ ମନ୍ଦିରରୁ କନକ ଦୂର୍ଗା ମନ୍ଦିର ରାସ୍ତା ଭାୟା କୂଟ ପୋଖରୀ, ପଂଚାନନ ଖାଁ ମିଲରୁ ସେରଗଡ ନୀଳଗିରି ରାଜ୍ୟ ରାଜପଥ ଭାୟା ବାମପଦା, ସୂତେଇ, ସୋମନାଥପୁର ,ଆର୍ମଳା, ଆମ୍ବଡିହା, ଶାସନପଦା ରାସ୍ତା, ଚହଟା ପୋଖରୀ ଛକରୁ ମିତ୍ରପୁର-ରେମୁଣା ପୂର୍ତ୍ତ ରାସ୍ତାର ଖୁଣ୍ଟୁଣା ଛକ ଭାୟା ମୁଖୁରା ରାସ୍ତା, ନୀଳଗିରି ରୋଡ ଷ୍ଟେସନଛକ, ପାଟରା-ବରୁଣସିଂରୁ ସଲଟ ରୋଡ ସାରଗାଁ ଛକ ପ୍ରଭୃତି ରାସ୍ତାଗୁଡିକୁ ରାଜ୍ୟ ସରକାର ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବା ପାଇଁ ସେ ଅନୁରୋଧ କରିଛନ୍ତି ।

## ୫ ଜାତୀୟ ରାଜପଥ ଲୁଟେରା ଗିରଫ



ବାଲେଶ୍ୱର, ୦୭/୦୫ (ନି.ପ୍ର): ବିଳମ୍ବିତ ରାତିରେ ଜାତୀୟ ରାଜପଥରେ ଯାତ୍ରୀଙ୍କଠାରୁ ଲୁଟ କରୁଥିବା ଅଭିଯୋଗରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି । ଲୁଟେରା ଗ୍ୟାଙ୍ଗର ମୁଖ୍ୟ ସହଦେବଖୁଣ୍ଟା ଥାନା ବଡ଼ ନୂଆପୁର ଅଞ୍ଚଳର ଧର୍ମେନ୍ଦ୍ର ପରିଡ଼ା ଓରଫ ଟୁଙ୍ଗୁରୁ, ଦୁଇ ସହଯୋଗୀ ସଦର ଥାନା ଆଳଦିଆ ଅଞ୍ଚଳର ରିପୁନ ଜେନା ଓରଫ ଜାଫରୋଲ ଓ ଟାଉନ ଥାନା ଗୋପାଳ ଗାଁ ଅଞ୍ଚଳର ଗଜେନ୍ଦ୍ର ଦାସ ଓରଫ କହ୍ନେଇ । ସେମାନଙ୍କୁ ସହଯୋଗ କରୁଥିବା ସଦର ଥାନା ଓଳନ୍ଦାସାରଗାଁ ଅଞ୍ଚଳର ସୂର୍ଯ୍ୟକାନ୍ତ ଦାସ ଓରଫ ବାପୁନୁ ଓ ସହଦେବଖୁଣ୍ଟା ଥାନା ବଡ଼ନୂଆ ପୁର ଅଞ୍ଚଳର ଆକାଶ ଲେଙ୍କା ଓରଫ ପୁନିଆଙ୍କୁ ମଧ୍ୟ ଗିରଫ କରାଯାଇଛି । ସେମାନଙ୍କଠାରୁ ୧୬ଟି ମୋବାଇଲ, ଗୋଟିଏ ଟାବଲେଟ, ଚୋରି ହୋଇଥିବା ଗୋଟିଏ ଟାଟା ଏସି ଗାଡ଼ି, ତା ଭିତରେ ଥିବା ସମସ୍ତ ସାମଗ୍ରୀ, ଗୋଟିଏ ନୂଆ ବୁଲେଟ ଗାଡ଼ି ଜବତ କରାଯାଇଛି । ଦିନରେ ରଙ୍ଗମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଅଭିଯୁକ୍ତମାନେ ରାତିରେ ରାଜପଥରେ ଲୁଟ କରୁଥିବା ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନିରେ ସୂଚନା ଦେଇଛନ୍ତି ଏସପି ସାଗରିକା ନାଥ । ଗତ୨୯ ତାରିଖରେ ଖନ୍ତାପଡ଼ା ଥାନା ଅନ୍ତର୍ଗତ ଖୁସୀ ଢାବା ନିକଟରେ ମୋଟର ସାଇକେଲ ଛିନତାଇ ଟଙ୍କା ଲୁଟ ଘଟଣା ପରେ ଏସପି ହାଇୱେ ଲୁଟେରାଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସମ୍ପୃକ୍ତ ଥାନାଗୁଡ଼ିକୁ ସଜାଗ କରି ଦେଇଥିଲେ । ଫଳରେ ୮ ଦିନ ଭିତରେ ଏହି ଗ୍ୟାଙ୍ଗର ପର୍ଦ୍ଦାଫାଶ କରିବାକୁ ପୁଲିସ ସକ୍ଷମ ହୋଇଥିଲା । ଡକାୟତମାନେ ହାଇୱେର ଅନ୍ଧାରିଆ ସ୍ଥାନରେ ଲୁଟ ଅପରେସନ କରୁଥିଲେ । ଛୁରି ଓ ଭୁଜାଲି ଦେଖାଇ ଲୋକଙ୍କୁ ଭୟଭୀତ କରି ସେମାନଙ୍କଠାରୁ ଟଙ୍କା ଓ ଦୁଇଚକିଆ ଯାନ ଛଡ଼ାଇ ନେଉଥିଲେ ବୋଲି ଏସପି କହିଛନ୍ତି ।ଗିରଫ ଅଭିଯୁକ୍ତଙ୍କ ନାମରେ ଥାନାରେ ଏକାଧିକ ମାଲା ରହିଛି ବୋଲି ଏସପି ଶ୍ରୀମତୀ ନାଥ କହିଛନ୍ତି । ଅଭିଯୁକ୍ତଠାରୁ ଜବତ ହୋଇଥିବା ଗାଡ଼ିଗୁଡ଼ିକୁ ଛିନତାଇର ଶିକାର ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯାଇଛି । ଏସପି ଚାବି ଓ କାଗଜପତ୍ର ଦେଇଥିଲେ । ସଦର ଏସଡିପିଓ ଡ. ଶଶାଙ୍କ ଶେଖର ବେହେରା ଓ ସଦର ଥାନାଧିକାରୀ ଜୟନ୍ତ ବେହେରା ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ଶୋନ ନଦୀ ପାର୍ଶ୍ୱରୁ ବନ୍ଦ ହେଲା ନାହିଁ ବେଆଇନ ଇଟା ଭାଟି

ଉଦଳା, ୦୭/୦୫ (ନି.ପ୍ର): କପ୍ତିପଦା ଉପଖଣ୍ଡ ମଧ ଦେଇ ପ୍ରବାହିତ ଶୋନ ନଦୀ ପାର୍ଶ୍ୱରେ ବହୁଳ ଭାବରେ ଗଢ଼ି ଉଠିଛି । ବେଆଇନ ଇଟା ଭାଟି । ଫଳରେ ଲକ୍ଷ ଲକ୍ଷ ବର୍ଷର ହ୍ୟୁମସ୍ ମୃତିକା ନଷ୍ଟ ହୋଇଯିବା ସହିତ ସମଗ୍ର ଉପଖଣ୍ଡକୁ ମୃତିକା କ୍ଷୟ ଜନିତ ଭୟଙ୍କର ବିପଦ ମାଡ଼ି ଆସୁଛି । ଏପରିକି କପ୍ତିପଦା ଓ ଉଦଳା ଅଂଚଳର କେତେଗୁଡ଼ିଏ ଗ୍ରାମ ନଦୀ ଗର୍ଭରେ ଲୀନ ହେବାକୁ ବସିଲାଣି । ଶୋନ ନଦୀ ପାର୍ଶ୍ୱରୁ ବେଆଇନ ଇଟାଭାଟି ଗୁଡ଼ିକୁ ବନ୍ଦ କରିବା ପାଇଁ ଅତିତରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣୀ ସମୟରେ ବାରମ୍ବାର ଦାବୀ ହୋଇଛି । କିନ୍ତୁ ଏହାର କୌଣସି ସୁଫଳ ମିଳିନଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛି ।

## ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍ର ବାଲେଶ୍ୱର ଜିଲ୍ଲା ପରିଷଦ ବୈଠକ



ବାଲେଶ୍ୱର, ୦୭/୦୫ (ନି.ପ୍ର): ଅଦ୍ୟ ବାଲେଶ୍ୱର ଜିଲ୍ଲା କମିଟିର ଏକ ବୈଠକ ବାଲେଶ୍ୱର ଜିଲ୍ଲା ସଭାପତି ସର୍ବେଶ୍ୱର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଓଡ଼ିଶା ରାଜ୍ୟ ସଭାପତି ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପର୍ଯ୍ୟବେକ୍ଷକ ଭାବରେ ଯୋଗଦେଇ ତା ୧୭-୦୪-୨୩ ଏବଂ ୧୮-୦୪-୨୩ରେ କେନ୍ଦ୍ର କମିଟିର ନିଷ୍ପତ୍ତି ଓ ତା ୩୦-୦୪-୨୩ ଓ ୦୧-୦୫-୨୩ରେ ରାଜ୍ୟ କମିଟିରେ ହୋଇଥିବା ନିଷ୍ପତ୍ତି ଉପରେ ବିଶେଷ ଭାବରେ ଆଲୋଚନା ହୋଇଥିଲା । ଏଥିରେ ବାଲେଶ୍ୱର ଜିଲ୍ଲାରେ ସାଧାରଣ ସଂପାଦକ ଶ୍ରୀଯୁକ୍ତ ଲକ୍ଷ୍ମୀଧର ଗିରି ସଭା ପରିଚାଳନା କରିଥିଲେ । ସେ ବାଲେଶ୍ୱର ଜିଲ୍ଲାର ଷ୍ଟେସନ ଛକରେ ଏକ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍ର ଜିଲ୍ଲା କାର୍ଯ୍ୟାଳୟ ଶୁଭାରମ୍ଭ କରିଥିଲେ । ବାଲେଶ୍ୱର ଜିଲ୍ଲା କମିଟି ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟ୍ରାନ୍ସ ମୋବିଲିଟିର ନୂତନ ଇ-ବାଇକ ସୋରୁମ୍ ଉଦ୍‌ଘାଟିତ



ବାରିପଦା , ୦୭/୦୫ (ନି.ପ୍ର): ବାରିପଦା ସ୍ଥିତ ଶ୍ରୀପଦଗଞ୍ଜ ଠାରେ ଇ ସ୍କୁଟିର ନୂତନ ସୋରୁମ୍ ଖୋଲାଯାଇଛି । ଦିନକୁ ଦିନ ବଢୁଥିବା ତୈଳଦର ଓ ପ୍ରଦୂଷଣ ପାଇଁ ସରକାର ଏ ସ୍କୁଟି, ବାଇକ ଓ କାରକୁ ପ୍ରାଧାନ୍ୟତା ଦେଉଛନ୍ତି । ତାହା ସହିତ ସରକାରଙ୍କ ତରଫରୁ ଏହି ଏକ ବ୍ୟାଟାରି ଚାଳିତ ଗାଡି ଗୁଡିକ ଉପରେ ବିଶେଷ ରିହାତି ମଧ ପ୍ରଦାନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ଏକ ନୂତନ ସୋରୁମକୁ ବାରିପଦା ପୌରପାଳିକା ନଗରପାଳ ଶ୍ରଯୁକ୍ତ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶୁଭ ଉଦ୍‌ଘାଟନ କରିଥିଲେ । ଅନ୍ୟାନ ଅତିଥି ତଥା ବାରିପଦା ପୌରପରିଷଦର ଉପ-ନଗରପାଳ ସୀମା ଦାସ ଏବଂ ଓଡିଆ ଅଭିନେତ୍ରୀ ଭୂମିକା ଦାସ, ଓ ସମସ୍ତ ୱାର୍ଡ କାଉନସିଲର ବନ୍ଧୁମାନେ ଉପସ୍ଥିତ ଥିବା ବେଳେ, ସୋରୁମ୍ର ମାଲିକ ରଶ୍ମିତା ପାତ୍ର, ଅଲ ଇଣ୍ଡିଆ ଟ୍ରାନ୍ସପର୍ଟରେ ଡାଇରେକ୍ଟର ଶୁଭେନ୍ଦୁ ସେଖର ଉପସ୍ଥିତ ଥିଲେ । ଟ୍ରାନ୍ସ ମୋବିଲିଟିର ଏହି ସ୍କୁଟି କୁ ଥରେ ଉର୍ଜ କଲେ ୧୦୦ରୁ ୧୨୦ କି.ମି. ଯାଇପାରେ । ଏହି ସ୍କୁଟିକୁ ଚଲାଇବାକୁ ହେଲେ କୌଣସି ହେଲିମେଟ୍, ଲାଇସେନ୍ସ ଏବଂ ଗାଡିର ନମ୍ବର ର ଆବଶ୍ୟକତା ନାହିଁ । ସେହିପରି ଅନ୍ୟ ମାନଙ୍କ ମଧରେ ରମାକାନ୍ତ ଜେନା, ସୁକଦେବ ଗିରି, ପୁର୍ଣମା ମହାକୁଡ, ବିନୟ ଭୂଷଣ ବେହେରା, ଅନିଶ, ସୁବାଶିଷ ସାହୁ, ଜୟ ନାରାୟଣ, ଲିପୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଖଡ଼ିକାପଦା ଝିଲରେ ପଡ଼ି ଯୁବକ ମୃତ

ବସ୍ତା, ୦୭/୦୫ (ନି.ପ୍ର): ବସ୍ତା ଥାନା ଖଡ଼ିକାପଦା ଗ୍ରାମରେ ଚିଙ୍ଗୁଡ଼ି ଝିଲରେ ପଡ଼ି ଯୁବକର ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଉଛନ୍ତି ଏହି ଗ୍ରାମର କୌସ୍ତଭ ଗିରିଙ୍କ ପୁଅ କୁଲୁ ଗିରି (୪୫) । କୁଲୁ ଶନିବାର ରାତିରେ ଝିଲ ନିକଟରେ ଥିଲେ । ତେବେ କୌଣସି କାରଣରୁ ସେହି ଝିଲରେ ପଡ଼ି ଯାଇଥିଲେ ।ରବିବାର ସକାଳେ ପରିବାର ଲୋକେ ତାଙ୍କୁ ପାଣିରୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି, ଏନେଇ ବସ୍ତା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ବରହମପୁର ଦୁର୍ଗାମଣ୍ଡପ ଉନ୍ନତି କରଣର ଶିଳାନ୍ୟାସ

ବରହମପୁର, ୦୭/୦୫ (ନି.ପ୍ର): ବରହମପୁର ଦୁର୍ଗାମଣ୍ଡପର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଶିଳାନ୍ୟାସ ଅବସରରେ ପୂର୍ତ୍ତ,ଖଣି ଓ ଇସ୍ପାତ ବିଭାଗର ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ । ପ୍ରଥମେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଠାରେ ପହଞ୍ଚି ଜଗନ୍ନାଥଙ୍କ ଆର୍ଶିବାଦ ନେଇଥିଲେ । ପରେ ଆଦିବାସୀ ବାଦ୍ୟ , ନୃତ୍ୟର ତାଳେ ତାଳେ ରାଜବରହମପୁର ଗୋଷ୍ଠୀ ସ୍ୟସ୍ଥ୍ୟକେନ୍ଦ୍ର ଠାରୁ ଏକ ପଦଯାତ୍ରା ଦୁର୍ଗାମଣ୍ଡପ ପର୍ଯ୍ୟନ୍ତ ଚାଲିଥିଲା । ସମସ୍ତ ପୂଜା ବିଧି ସମ୍ପନ କରାଯାଇ ଶ୍ରୀ ମଲ୍ଲିକଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା ।ଏହି ଅବସରରେ ଶ୍ରୀ ମଲ୍ଲିକଙ୍କ ସହିତ , ଢେଙ୍କାନାଳ ଜିଲ୍ଲାପାଳ ସରୋଜ ସେଠୀ , ରାଜ୍ୟ ମହିଳା ବିଜେଡି ଉପସଭାପତି ସୁନୀତି ସିଂ, ସମାଜସେବୀ ଅଞ୍ଜୁଳତା ସ୍ୱାଇଁ, ଦୁର୍ଗା ପୂଜା କମିଟିର ସଭାପତି ରବିନ୍ଦ୍ର କୁମାର ଚୌଧୁରୀ, ପୂଦା କମିଟିର ସମ୍ପାଦକ ଅନିଲ କୁମାର ବେହେରା, ଗଣେଶ୍ୱର ବେହେରା, ହରେକୃଷ୍ଣ ବେହେରା, କୈଳାଶ ଚନ୍ଦ୍ର ବେହେରା, ପରମାନନ୍ଦ ବେହେରା, ଅରବିନ୍ଦ ବେହେରା, ସନ୍ତୋଷ ବେହେରା, ବୁଢା ଚୌଧୁରୀ ଓ ଦୁର୍ଗା ପୂଜା କମିଟିର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।




## ଆଧାର ନାହିଁ ବୋଲି ନେଲେ ନାହିଁ ଆଡ଼ମିସନ, ମିଳୁ ନାହିଁ ଚାଉଳ : ସମାଏ ସୋରେନ



ଉଦଳା, ୦୭/୦୫ (ନି.ପ୍ର):- କପ୍ତିପଦା ବ୍ଲକର ବଡ଼ଖଲାଡ଼ି ପଂଚାୟତ ଅନ୍ତର୍ଗତ ଚତୁରୀଘାଟି ଗ୍ରାମର ବାସିନ୍ଦା ସମାଏ ସୋରେନ ଏପରି ଅଭିଯୋଗଟିଏ ଆଣିଛନ୍ତି । ସେ କହିଛନ୍ତି , ତାଙ୍କର ଝିଅ 'ଫୁଲ' ଗ୍ରାମ ନିକଟରେ ଥିବା ମ.ଇ. ବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀ ପାସ କରିବା ପରେ ଗୌଡ଼ଗାଁ ଉଚ୍ଚ ବିଦ୍ୟାଳୟକୁ ନବମ ଶ୍ରେଣୀରେ ନାମ ଲେଖାଇବାକୁ ଯାଇଥିଲେ । କିନ୍ତୁ ଏଠାରେ କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ନଥିଲେ ନାମ ଲେଖାଯାଇପାରିବ ନାହିଁ ବୋଲି କହି ଫେରାଇ ଦେଲେ । ଫଳରେ ଆଜକୁ ଦୁଇ ବର୍ଷ ହେବ ଅନ୍ୟ କୌଣସି ଉପାୟ ନପାଇ 'ଫୁଲ' ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହେଲେ । ଆଧାରକାର୍ଡ଼ ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି କୌଣସି ସୁଫଳ ମିଳିନଥିବାର କଥା ସମାଏ କହିଛନ୍ତି । ଏପରିକି ଆଧାରକାର୍ଡ଼ ନଥିବା ଯୋଗୁଁ ଖାଦ୍ୟ ଯୋଜନାରେ ମୁଣ୍ଡପିଛା ଯେଉଁ ୫ କିଗ୍ରା ଚାଉଳ ମିଳିବା କଥା ତାହା ମଧ 'ଫୁଲ'କୁ ମିଳୁନାହିଁ ବୋଲି ଜଣାଇଛନ୍ତି । 'ଫୁଲ'କୁ ବର୍ତମାନ ବୟସ ୧୪ ବର୍ଷ ଛୁଇଁଲା । କୌଣସି ଘରୋଇ ବିଦ୍ୟାଳୟରେ ଝିଅକୁ ପଢ଼ାଇବାକୁ ମୋର ଇଛା ଅଛି , କିନ୍ତୁ ସେଠାରେ ଯେଉଁ ଭଳି ପଇସା ଖର୍ଚ୍ଚ ସେଥିପାଇଁ ଆମର ରୋଜଗାର କାହିଁ ବୋଲି ସମାଏ କହିଛନ୍ତି । ଗରିବ କୁଳରେ ଆମର ଜନ୍ମ, ସବୁ ପ୍ରକାର ଦୁଃଖ ଯନ୍ତଣା ସହି ନେବା ପାଇଁ ଭଗବାନ ଆମକୁ ଜନ୍ମ ଦେଇଛନ୍ତି ବୋଲି ଅତି ଦୁଃଖର ସହକାରେ ସମାଏ ଗଣମାଧମକୁ ଜଣାଇଛନ୍ତି ।

## ନାହାକା ଚକ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ

ପୁରୀ, ୦୭/୦୫ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଜୋରସୋରରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ । ଶ୍ରୀନଅର ସମ୍ମୁଖ ରଥଖଳାରେ ବିଶ୍ୱକର୍ମା ମହାରଣା, ଭୋଇ ସେବାୟତ, ରୂପକାର ସେବାୟତ, କରତିଆ ସେବାୟତ ମାନେ ରଥ ନିର୍ମାଣରେ ଲାଗି ପଡିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଚକ ନିର୍ମାଣ କାର୍ଯ୍ୟ ଚାଲିଛି । ଇତିମଧ୍ୟରେ ତିନି ରଥର ୪୨ ଚକ ପାଇଁ ୪୨ଟି ତୁମ୍ବ ନିର୍ମାଣ ହେବା ସହ ସେଥିରେ ବିନ୍ଧ ଖୋଦେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଅର ଗୁଡିକ ସାଲ କରାଯାଇ ବିନ୍ଧରେ ସଂଯୋଗ କରାଯିବା ପରେ ଯନ୍ତାଗାଡ଼ରେ ଭୋଇ ସେବାୟତ ମାନେ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଜାରୀ ରଖିଛନ୍ତି । ମହାରଣା ମାନେ ନାହାକା ଚକ ପାଇଁ ପଇରେ ବିନ୍ଧ କରୁଛନ୍ତି । ତିନି ରଥ ପାଇଁ କୁତୁକା ଚଉପଟ କାର୍ଯ୍ୟ ଶେଷ ହୋଇଛି । ସେହିପରି ରୂପକାର ସେବକଙ୍କ ଦ୍ୱାରା କୋଣଗୁଜରେ ସିଂହ ବିରାଳ, ନର ବିରାଳ ଏବଂ ହସ୍ତି ବିରାଳ ଆଦି ଖୋଦେଇ କାର୍ଯ୍ୟ ଜାରୀ ରହିଛି । ସେହିପରି ଦୋଳବେଦୀ କୋଣ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ଅର କଂଟା, ପଦାରି ଏବଂ ବଳା ପ୍ରସ୍ତୁତ କରୁଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo